ଆଜି - ଶନିବାର
ତାରିଖ - ୦୯ ମଇ ୨୦୨୬
ମାସ - ମେଷ, ଦିନ - ୨୬
ତିଥି - ସପ୍ତମୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - ଶ୍ରବଣା, ମକର, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୭: ୦୦
ସୂର୍ଯ୍ୟାସ୍ତ - ୬ : ୦୯ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ମାନବିକତା ଉପରୁ ଆସ୍ଥା ହରାଇବା ଉଚିତ ନୁହେଁ । ମାନବିକତା ଏକ ମହାସାଗର । ମହାସାଗରର କିଛି ବିନ୍ଦୁ ଜଳ ମଇଳା ହୋଇଗଲେ ସମଗ୍ର ମହାସାଗର ମଇଳା ହୋଇଯାଏ ନାହିଁ । "

- ମହାତ୍ମା ଗାନ୍ଧୀ


E-News : www.Ajikali epaper.com

Vol.- 41 ISSUE- 25 R.N.I. REGD. No. 44026/86 ବାଲେଶ୍ୱର ୦୯ ମଇ ୨୦୨୬ ଶନିବାର BALASORE 09 MAY 2026 SATURDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ସୋମନାଥ ମନ୍ଦିର ଆମ ସଭ୍ୟତାର ଅତୁଟ ସଂକଳ୍ପ: ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ, ପୁନଃନିର୍ମିତ ସୋମନାଥ ମନ୍ଦିରର ଲୋକାର୍ପଣର ୭୫ତମ ବାର୍ଷିକୀ ପାଳନ ଅବସରରେ ମଇ ୧୧ ତାରିଖରେ ତାଙ୍କୁ ପୁଣି ଥରେ ସେଠାକୁ ଯିବାର ସୌଭାଗ୍ୟ ମିଳିବ । ସେ ଏହାକୁ ଭାରତର ସଭ୍ୟତା ଏବଂ ଆସ୍ଥାର ମହାନତାର ପ୍ରତୀକ ବୋଲି ବର୍ଣ୍ଣନା କରିଥିଲେ ଏବଂ କଠିନ ପରିସ୍ଥିତିରେ ମଧ୍ୟ ସୋମନାଥଙ୍କୁ ରକ୍ଷା କରିଥିବା ଏବଂ ଏହାର ଗୌରବକୁ ପୁନର୍ଜୀବିତ କରିଥିବା ବ୍ୟକ୍ତିତ୍ୱ ଏବଂ ବୀରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ପୋଷ୍ଟରେ ସୋମନାଥ ଉପରେ ତାଙ୍କର ପ୍ରବନ୍ଧ ସେୟାର କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ଅବସର ଆମକୁ ମନେ ପକାଇ ଦିଏ ଯେ ଦେଶର ଅନେକ ପିଢ଼ି ଏହି ପବିତ୍ର ସ୍ଥାନର ସୁରକ୍ଷା ଏବଂ ପୁନଃନିର୍ମାଣ ପାଇଁ ନିରନ୍ତର ସଂଘର୍ଷ କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ସୋମନାଥ କେବଳ ଏକ ମନ୍ଦିର ନୁହେଁ, ବରଂ ଏହା ଆମ ସଭ୍ୟତାର ଏକ ଅତୁଟ ସଂକଳ୍ପ । ସମୁଦ୍ରର ତରଙ୍ଗ ଆମକୁ ଶିକ୍ଷା ଦିଏ ଯେ ଯେତେ ଝଡ଼ ହେଉନା କାହିଁକି, ମଣିଷର ସାହସ ଏବଂ ଆତ୍ମବିଶ୍ୱାସ ପ୍ରତ୍ୟେକ ଥର ପୁନର୍ବାର ଉଠିବାରେ ସକ୍ଷମ । ପ୍ରଭାସଙ୍କ ପରିକ୍ରମା ସମଗ୍ର ପୃଥିବୀର ପରିକ୍ରମା ଭଳି ଏବଂ ଏଠାକୁ ଆସୁଥିବା ଭକ୍ତମାନେ ସଭ୍ୟତାର ଚମତ୍କାର ନିରନ୍ତରତା ଅନୁଭବ କରନ୍ତି ଯାହାର ଆଲୋକ କଦାପି ଲିଭିଯିବ ନାହିଁ ।

# ପଶ୍ଚିମବଙ୍ଗର ନୂଆ ମୁଖ୍ୟମନ୍ତ୍ରୀ ହେବେ ଶୁଭେନ୍ଦୁ ଅଧିକାରୀ

## ଅମିତ ଶାହଙ୍କ ଉପସ୍ଥିତିରେ ତାଙ୍କୁ ବିଜେପି ବିଧାୟକ ଦଳର ନେତା ଚୟନ କରାଯାଇଛି

ନୂଆଦିଲ୍ଲୀ : ବିଜେପି ବିଧାୟକ ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ଆଗାମୀ ମୁଖ୍ୟମନ୍ତ୍ରୀ ହେବେ । କୋଲକାତାରେ ଅମିତ ଶାହଙ୍କ ଉପସ୍ଥିତିରେ ବିଜେପି ବିଧାୟକ ଦଳର ବୈଠକରେ ଶୁଭେନ୍ଦୁଙ୍କ ନାଁରେ ମୋହର ଲାଗିଛି । ତାଙ୍କୁ ବିଧାୟକ ଦଳର ନେତା ଚୟନ କରାଯାଇଛି । ସୂତ୍ରାନୁସାରେ , ବଙ୍ଗଳାର ପାର୍ଟି ପ୍ରମୁଖ ସମିକ ଭଟ୍ଟାଚାର୍ଯ୍ୟ ଶୁଭେନ୍ଦୁଙ୍କ ନାମ ପ୍ରସ୍ତାବ ରଖିଥିଲେ । ଆସନ୍ତାକାଲି ନୂଆ ମୁଖ୍ୟମନ୍ତ୍ରୀ ପାଇଁ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ । ବଙ୍ଗଳାରେ ଏହି ଥର ବିଜେପି ପ୍ରଥମ ଥର ବହୁମତ ହାସଲ କରିଛି । ପାର୍ଟି ବଡ଼ ବିଜୟ ହାସଲ କରି ୨୦୭ଟି ଆସନ ଜିତିଛି, ଯାହାକି ଟିଏମସି ୮୦ଟି



ଆସନରେ ସୀମିତ ରହିଛି । ବିଧାୟକ ଦଳର ବୈଠକରେ ଶୁଭେନ୍ଦୁ ଅଧିକାରୀଙ୍କୁ ନେତା ଭାବେ ଚୟନ କରାଯାଇଛି । ଏହାର ଘୋଷଣା ଅମିତ ଶାହ କରିଥିଲେ ଏବଂ କହିଥିଲେ , ଏବେ କିଛି ଦିନ ପୂର୍ବରୁ ନିର୍ବାଚନ ପ୍ରକ୍ରିୟା ସରିଛି । ପାଖାପାଖି ୮ଟି ପ୍ରସ୍ତାବ ଓ ସମର୍ଥନ ପ୍ରାପ୍ତ ହୋଇଥିଲା ଏବଂ ସମସ୍ତେ ଗୋଟିଏ ହିଁ ନାଁ କହିଥିଲେ । ଏହାପରେ ଦ୍ୱିତୀୟ ନାଁ ପାଇଁ ମଧ୍ୟ ସମସ୍ତଙ୍କୁ ସମୟ ଦିଆଗଲା, କିନ୍ତୁ କୌଣସି ଦ୍ୱିତୀୟ ନାଁ ଆସିଲା ନାହିଁ । ଏହି କ୍ରମରେ ଶୁଭେନ୍ଦୁ ଅଧିକାରୀଙ୍କୁ ପଶ୍ଚିମବଙ୍ଗ ବିଧାନସଭାର ନେତା ଘୋଷିତ କରୁଛି । ଶୁଭେନ୍ଦୁ ଚଳିତ ଥର ଦୁଇଟି ଆସନରୁ ନିର୍ବାଚନ ଲଢ଼ିଥିଲେ ଏବଂ ଦୁଇଟି ଆସନରୁ ହିଁ ବିଜୟ ହାସଲ କରିଛନ୍ତି । ନନ୍ଦିଗ୍ରାମ ବ୍ୟତୀତ , ସେ ଭବାନୀପୁର ଆସନରୁ ମମତା ବାନାର୍ଜୀଙ୍କୁ ୧୫ ହଜାରରୁ ଅଧିକ ଭୋଟରେ ହରାଇଛନ୍ତି । ଗତ ବିଧାନସଭା ନିର୍ବାଚନରେ ମଧ୍ୟ ଶୁଭେନ୍ଦୁ ନନ୍ଦିଗ୍ରାମରୁ ମମତା ବାନାର୍ଜୀଙ୍କୁ ପରାଜିତ କରିଥିଲେ । ଏହା ପୂର୍ବରୁ ଅମିତ ଶାହ ଶୁକ୍ରବାର ସକାଳେ କୋଲକାତାରେ ପହଂଚି ଥିଲେ ଏବଂ ବିଜେପି ବିଧାୟକ ଦଳର ବୈଠକରେ ସାମିଲ ହୋଇଥିଲେ । ଶୁଭେନ୍ଦୁ ଅଧିକାରୀଙ୍କ ସମେତ ଅନ୍ୟ ବିଜେପି ନେତାମାନେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଶାହଙ୍କ ସ୍ୱାଗତ କରିଥିଲେ । ବିମାନ ବନ୍ଦରରୁ ସେ ନ୍ୟୁ ଟାଉନ୍ ସ୍ଥିତ ଏକ ହୋଟେଲ୍ ଯାଇଥିଲେ । ଦ୍ୱିପ୍ରହରରେ ଶାହ ବିଶ୍ୱ ବାଂଲା କନଭେସନ ସେଂଟରରେ ବିଜେପି ବିଧାୟକ ଦଳର ବୈଠକରେ ସାମିଲ ହୋଇ ଥିଲେ । ଶନିବାର ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡରେ ଶପଥ ଗ୍ରହଣ ସମାରୋହର ଆୟୋଜନ ହେବ ।

## ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଆଦର୍ଶରେ ପଶ୍ଚିମବଙ୍ଗରେ ସରକାର ପରିଚାଳିତ ହେବ: ମୁଖ୍ୟମନ୍ତ୍ରୀ

କୋଲକାତା/ଭୁବନେଶ୍ୱର: ଆଜିର ଦିନରେ ଯେଉଁ ସଫଳତା ମିଳିଛି ଏହା ହେଉଛି ସଂଘର୍ଷର ଫଳ । ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟି (ବିଜେପି) ସରକାର ଗଢ଼ିବା ପାଇଁ ଦୀର୍ଘ ବର୍ଷ ହେଲା ସଂଘର୍ଷ କରିଆସିଛି । ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଆଦର୍ଶରେ ପଶ୍ଚିମବଙ୍ଗରେ ସରକାର ପରିଚାଳିତ ହେବ । ଓଡ଼ିଶା ମୁଖ୍ୟମନ୍ତ୍ରୀ ତଥା ସହ-ପର୍ଯ୍ୟବେକ୍ଷକ ମୋହନ ଚରଣ ମାଝୀ ଆଜି କୋଲକାତାରେ ଏହା କହିଛନ୍ତି । ବିଧାନସଭା ନିର୍ବାଚନ-୨୦୨୬ରେ ଭବାନୀପୁରରେ ମମତା ବାନାର୍ଜୀ ଏବଂ ନନ୍ଦିଗ୍ରାମରେ ପବିତ୍ର କରଙ୍କୁ ପରାସ୍ତ କରି ବିଧାୟକ ହୋଇଥିବା ଶୁଭେନ୍ଦୁ ଅଧିକାରୀଙ୍କୁ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଘୋଷଣା ଅବସରରେ ଶ୍ରୀ ମାଝୀ କହିଛନ୍ତି, ବିଜେପି ପଶ୍ଚିମବଙ୍ଗରେ ଇତିହାସ ରଚିଛି । ପଶ୍ଚିମବଙ୍ଗର ଜନତା ବିଜେପିକୁ ସେବା କରିବାକୁ ସୁଯୋଗ ଦେଇଛନ୍ତି । ଏଠାରେ ନୂଆ




ଇତିହାସ ଲେଖାଯିବ । ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି, ପଶ୍ଚିମଙ୍ଗର ଜନତା ଦୁର୍ନୀତିକୁ ବିରୋଧ କରିଛନ୍ତି । ମୋଦୀଙ୍କ ନେତୃତ୍ୱକୁ ସମର୍ଥନ ଜଣାଇଛନ୍ତି । ଦେଶର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ କାମ କରୁଛନ୍ତି । ସେ ଲକ୍ଷ୍ୟ ରଖିଛନ୍ତି ଯେ, ପୂର୍ବୋଦୟରୁ ଭାରତର ବିକାଶ ସମ୍ଭବ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଙ୍ଗ, ବଙ୍ଗ ଏବଂ କଳିଙ୍ଗ ମିସନ ପୂରା ହୋଇଛି । ମୁଖ୍ୟମନ୍ତ୍ରୀ ଘୋଷିତ ଶୁଭେନ୍ଦୁ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଉଛି । ଦିଲ୍ଲୀପ ଘୋଷ ଏବଂ ଅଗ୍ନିମିତ୍ର ପଲ୍‌ଙ୍କୁ ଅଭିନନ୍ଦନ ଜଣାଉଛି । ଆପଣମାନେ ଅନ୍ୟାୟ ବିରୋଧରେ ଲଢ଼େଇ କରିଥିଲେ । ମୁଖ୍ୟମନ୍ତ୍ରୀ କହିଛନ୍ତି ଓଡ଼ିଶା ଏବଂ ପଶ୍ଚିମବଙ୍ଗର ସଂପର୍କ ମଧ୍ୟରେ ନିଆରା ଅନୁଭୂତି ପରିଲକ୍ଷିତ ହୋଇଥାଏ । ଉଭୟ ରାଜ୍ୟର ଲୋକେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଗଭୀର ଭକ୍ତି କରିଥାନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ଆତ୍ମବିଭୋର ହୋଇଯାଆନ୍ତି । ମହାପ୍ରଭୁଙ୍କ ଆଶୀର୍ବାଦରୁ ଅସମ୍ଭବ କାମ ସମ୍ଭବ ହୋଇପାରିଛି । ସେହିପରି ମା କାଳୀ ମଧ୍ୟ ଆମକୁ ଆଶୀର୍ବାଦ କରିଛନ୍ତି ।

## ଅଳ୍ପରେ ଖବର

- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଦିନ କେନ୍ଦ୍ର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ଯାଦବଙ୍କୁ କୋଲକାତାରେ ସାକ୍ଷାତ କରିଛନ୍ତି । ସେ ନିଜେ ସୋସିଆଲ ମିଡିଆ ଜରିଆରେ ଏହି ସୂଚନା ଦେଇଛନ୍ତି ।
- ପୋଲିସ ଉପରେ ଡର କମିଯିବା କହିବା ଠିକ୍ ନୁହେଁ । ଅସାମାଜିକ ବ୍ୟକ୍ତିଙ୍କୁ କଠୋର ଭାବରେ ଦମନ କରାଯିବ । ମୁଖ୍ୟମନ୍ତ୍ରୀ ତଦନ୍ତ କରି ଆକ୍ସନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ।
- ଆଜି ଆଗଲପୁର ବ୍ଲକ ଡୁଡୁକା ବ୍ୟାୟମ ଶାଖାର ଶୁଭାରମ୍ଭ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ଏହି ଅବସରରେ ମନ୍ତ୍ରୀ କିଛି ଯୁବସାଥିଙ୍କ ସହ ମିଶି କିଛି ସମୟ ଶାରୀରିକ ଅଭ୍ୟାସ କରିଥିଲେ ।
- ମାଟ୍ରିକ ସପ୍ଲିମେଂଟାରୀ ପରୀକ୍ଷା ପାଇଁ ଆଜିଠୁ ଆରମ୍ଭ ହୋଇଛି ଫର୍ମ ପୂରଣ । ବାର୍ଷିକ ସପ୍ଲିମେଂଟାରୀ ହାଇସ୍କୁଲ ସର୍ଟିଫିକେଟ୍ ପରୀକ୍ଷା–୨୦୨୬ ପାଇଁ ନିୟମିତ ଏବଂ ପୂର୍ବତନ ଛାତ୍ରଛାତ୍ରୀଙ୍କ ଅନଲାଇନ ପଞ୍ଜିକରଣ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି ।

# ୯୯%କୁ ବଢ଼ିଲା ଉଦ୍ୟୋଗ ପାଇଁ ଏଲ୍‌ପିଜି ଅନ୍‌ଲାଇନ୍ ବୁକିଂ

ନୂଆଦିଲ୍ଲୀ: ପଶ୍ଚିମ ଏସିଆର ପରିବର୍ତ୍ତିତ ପରିସ୍ଥିତି ମଧ୍ୟରେ, ଭାରତ ସରକାର ନିୟମିତ ଅପଡେଟ ମାଧ୍ୟମରେ ନାଗରିକମାନଙ୍କୁ ଅବଗତ କରାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଏ ସଂକ୍ରାନ୍ତରେ ଆଜି ନୂଆଦିଲ୍ଲୀସ୍ଥିତ ନ୍ୟୁ ମେଡିଆ ସେଂଟରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ, ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅଧିକାରୀମାନେ ଇନ୍ଧନ ଉପଲବ୍ଧତା, ସାମୁଦ୍ରିକ କାର୍ଯ୍ୟ ଏବଂ ପ୍ରମୁଖ କ୍ଷେତ୍ରରେ ସ୍ଥିରତା ବଜାୟ ରଖିବା ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ସଦ୍ୟତମ ସୂଚନା ପ୍ରଦାନ କରିଥିଲେ । ପଶ୍ଚିମ ଏସିଆର ପରିବର୍ତ୍ତିତ ପରିସ୍ଥିତି ପରିପ୍ରେକ୍ଷୀରେ ପେଟ୍ରୋଲିୟମ ଉତ୍ପାଦ ଏବଂ ଏଲପିଜିର ନିରବଚ୍ଛିନ୍ନ ଉପଲବ୍ଧତା ସୁନିଶ୍ଚିତ କରିବା ଲାଗି ନିଆଯାଉଥିବା ପଦକ୍ଷେପ




ସମ୍ପର୍କରେ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ସରକାର ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସମସ୍ତ ଉଦ୍ୟମ କରୁଥିବାରୁ ନାଗରିକମାନଙ୍କୁ ଭୟଭୀତ ହୋଇ ପେଟ୍ରୋଲ, ଡିଜେଲ ଏବଂ ଏଲପିଜି କ୍ରୟ ନକରିବାକୁ ପରାମର୍ଶ ଦିଆଯାଇଛି । ଗୁଜବରୁ ସାବଧାନ ରୁହନ୍ତୁ ଏବଂ ସଠିକ୍ ସୂଚନା ପାଇଁ ସରକାରୀ ଉତ୍ସ ଉପରେ ନିର୍ଭର କରିବାକୁ ପରାମର୍ଶ ଦିଆଯାଇଛି । ସେହିଭଳି ଏଲପିଜି ଗ୍ରାହକଙ୍କୁ ଅନୁରୋଧ କରାଯାଇଛି ଯେ ସେମାନେ ଡିଜିଟାଲ ବୁକିଂ ପ୍ଲାଟଫର୍ମ ବ୍ୟବହାର କରନ୍ତୁ ଏବଂ ବିତରକମାନଙ୍କୁ ଭେଟିବା ଠାରୁ ଦୂରେଇ ରୁହିବା ସହ ନାଗରିକମାନଙ୍କୁ ବିକଳ୍ପ ଇନ୍ଧନ ଯେପରିକି ପିଏନଜି ଏବଂ ଇଲେକ୍ଟ୍ରିକ୍ କିମ୍ବା ଇଣ୍ଡକ୍ସନ୍ କୁକଟପ୍ ବ୍ୟବହାର କରିବାକୁ ଉତ୍ସାହିତ କରାଯାଇଛି । ବର୍ତ୍ତମାନର ପରିସ୍ଥିତିରେ ସେମାନଙ୍କର ଦୈନନ୍ଦିନ ବ୍ୟବହାରରେ ଶକ୍ତି ସଂରକ୍ଷଣ ପାଇଁ ଆବଶ୍ୟକ ପ୍ରୟାସ କରିବାକୁ ସମସ୍ତ ନାଗରିକଙ୍କୁ ଅନୁରୋଧ କରାଯାଇଛି । ଅପରପକ୍ଷେ ସରକାର ପରିସ୍ଥିତିକୁ ଦୃଷ୍ଟିରେ ରଖି ଗ୍ୟାସ ଓ ତୈଳ ଯୋଗାଣ ପାଇଁ ଅତ୍ୟାବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ସୂଚନା ଅନୁସାରେ; ବର୍ତ୍ତମାନ ଜାରି ରହିଥିବା ଭୌଗୋଳିକ ପରିସ୍ଥିତି ସତ୍ତ୍ୱେ ସରକାର ଘରୋଇ ଏଲପିଜି, ଘରୋଇ ପିଏନଜି ଏବଂ ସିଏନଜି (ପରିବହନ) ପାଇଁ ଶତ ପ୍ରତିଶତ ଯୋଗାଣ ସୁନିଶ୍ଚିତ କରିଛନ୍ତି । ବ୍ୟବସାୟିକ ଏଲପିଜି ପାଇଁ ଡାକ୍ତରଖାନା, ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରାଥମିକତା ଦିଆଯାଇଛି ।

## ଅଙ୍ଗନବାଡ଼ି କେନ୍ଦ୍ର ବିକାଶରେ ସହଯୋଗ ପାଇଁ ବିଧାୟକଙ୍କୁ ଚିଠି ଲେଖିଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ବିକାଶରେ ସହଯୋଗ କରିବାକୁ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀର ବିଧାୟକଙ୍କୁ ଚିଠି ଲେଖିଛନ୍ତି । ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଭାବରେ ସେ ନିର୍ବାଚନମଣ୍ଡଳୀଗୁଡ଼ିକରେ ଅଙ୍ଗନବାଡ଼ି କେନ୍ଦ୍ରର ଗୃହ ନିର୍ମାଣ ଓ ଏହାର ବିକାଶ ପ୍ରକ୍ରିୟାରେ ସକ୍ରିୟ ସହଯୋଗ କରିବାକୁ ଉପମୁଖ୍ୟମନ୍ତ୍ରୀ ସମସ୍ତ ଜନପ୍ରତିନିଧିଙ୍କୁ ଆହ୍ୱାନ କରିଛନ୍ତି । ଶ୍ରୀମତୀପରିଡ଼ା ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ବିକାଶ ଓ ନିର୍ମାଣ କାର୍ଯ୍ୟ ଯେପରି ସମୟାନୁବର୍ତ୍ତୀ ଏବଂ ଗୁଣାତ୍ମକ ଭାବେ ସମାପ୍ତ ହୁଏ, ସେଥିପାଇଁ ବିଧାୟକମାନେ ନିଜ ନିଜ ସ୍ତରରେ ତଦାରଖ କରିବା ଆବଶ୍ୟକ । ବିଶେଷ କରି ନିଜ ନିଜର ନିର୍ବାଚନମଣ୍ଡଳୀରେ ଚାଲୁଥିବା କାର୍ଯ୍ୟରେ ମହିଳାମାନଙ୍କ



ଭାଗିଦାରୀ ସୁନିଶ୍ଚିତ କରିବା ଉପରେ ସେ ଏହି ଚିଠିରେ ଗୁରୁତ୍ୱାରୋପ କରିଛନ୍ତି । ସୂଚନାଯୋଗ୍ୟଯେ, ଆର୍ଥିକ ବର୍ଷ ୨୦୨୪-୨୫ ଏବଂ ୨୦୨୫-୨୬ ମଧ୍ୟରେ ଅଙ୍ଗନବାଡ଼ି କେନ୍ଦ୍ର ଭିତ୍ତିଭୂମି ସୁଦୃଢ଼ୀକରଣ ପଦକ୍ଷେପ ଅଧୀନରେ ସମୁଦାୟ ୩,୨୯୩ଟି ନୂତନ ଅଙ୍ଗନବାଡ଼ି ଗୃହ ଉଦ୍‌ଘାଟିତ ହୋଇ ହସ୍ତାନ୍ତର ହୋଇଥିବା ବେଳେ ସମନ୍ୱିତ ଶିଶୁ ଉନ୍ନୟନ ଯୋଜନା (ଆଇସିଡିଏସ୍) ଯୋଜନା ଅଧୀନରେ ଓଡ଼ିଶାର ୧୨,୧୪୦ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ସକ୍ଷମ ଅଙ୍ଗନବାଡ଼ିରେ ରୂପାନ୍ତରିତ କରାଯାଇଛି ।

## ଆଇଏମ୍‌ଡିର ସୂଚନା ଅନୁଯାୟୀ ବଙ୍ଗୋପସାଗରରେ ସୃଷ୍ଟି ହେଲା ଘୂର୍ଣ୍ଣିବଳୟ

ଭୁବନେଶ୍ୱର/ନୂଆଦିଲ୍ଲୀ: ବଙ୍ଗୋପସାଗରରେ ପାଣିପାଗରେ ପରିବର୍ତ୍ତନ ଦେଖାଦେଇଛି । ଭାରତୀୟ ପାଣିପାଗ ବିଭାଗ (IMD) ର ସୂଚନା ଅନୁଯାୟୀ, ଦକ୍ଷିଣ ଆଣ୍ଡାମାନ ସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଂଚଳରେ ଏକ ଘୂର୍ଣ୍ଣିବଳୟ (Cyclonic Circulation) ସୃଷ୍ଟି ହୋଇଛି । ଏହି ସିଷ୍ଟମ୍ ବାୟୁମଣ୍ଡଳର ୧.୫ କିଲୋମିଟର ଉଚ୍ଚତା



ପର୍ଯ୍ୟନ୍ତ ବ୍ୟାପି ରହିଛି । ଏହି ଘୂର୍ଣ୍ଣିବଳୟ ସୃଷ୍ଟି ହେବା ପରେ ସାଧାରଣରେ ବାତ୍ୟାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା । କିନ୍ତୁ ପାଣିପାଗ ବିଭାଗ ଏହାକୁ ନେଇ ସ୍ପଷ୍ଟିକରଣ ଦେଇଛି । ଆସନ୍ତା ୧୬୮ ଘଂଟା ଅର୍ଥାତ୍ ୭ ଦିନ ପର୍ଯ୍ୟନ୍ତ ଏହା ଅବପାତ ବା ବାତ୍ୟାର ରୂପ ନେବାର କୌଣସି ସମ୍ଭାବନା ନାହିଁ । ବର୍ତ୍ତମାନ ପାଇଁ ଏହି ସିଷ୍ଟମ୍ କେବଳ ମେଘମାଳା ସୃଷ୍ଟି କରିବାରେ ସୀମିତ ରହିଛି । ଘୂର୍ଣ୍ଣିବଳୟ ପ୍ରଭାବରେ କେନ୍ଦ୍ରୀୟ ଓ ଦକ୍ଷିଣ ବଙ୍ଗୋପସାଗର ସମେତ ଆଣ୍ଡାମାନ ସାଗର ଅଂଚଳରେ ବାଦଲ ସକ୍ରିୟ ରହିଛନ୍ତି । ଏହାର ପ୍ରଭାବରେ ସମୁଦ୍ର ଅଶାନ୍ତ ରହିପାରେ ଏବଂ କେତେକ ଉପକୂଳବର୍ତ୍ତୀ ଅଂଚଳରେ କାଳବୈଶାଖୀ ଜନିତ ବର୍ଷା ଦେଖାଦେଇପାରେ । ଉତର ବଙ୍ଗୋପସାଗରରେ ମଧ୍ୟ ସାମାନ୍ୟରୁ ମଧ୍ୟମ ଧରଣର ମେଘ ପରିଲକ୍ଷିତ ହେଉଛି । ପାଣିପାଗ ବିଭାଗ ଏହି ସିଷ୍ଟମ ଉପରେ କ୍ରମାଗତ ଭାବେ ନଜର ରଖିଛି । ବର୍ତ୍ତମାନ ପାଇଁ ବାତ୍ୟାର କୌଣସି ବିପଦ ନଥିବାରୁ ଜନସାଧାରଣଙ୍କୁ ଆତଙ୍କିତ ନହେବା ପାଇଁ ପରାମର୍ଶ ଦିଆଯାଇଛି ।

## ପ୍ରଧାନମନ୍ତ୍ରୀ ସହରାଂଚଳ ଆବାସ ଯୋଜନାରେ ଗୃହ ନିର୍ମାଣ ଓଡ଼ିଶା ପ୍ରଥମ

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଓଡ଼ିଶା ଆଜି 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା–ସହରାଂଚଳ (PMAY-U 2.0)' ଅଧୀନରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପାଦନରେ ଦେଶର ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି । ସେପଟେମ୍ବର ୨୦୨୪ରେ PMAY-U 2.0 ର ଶୁଭାରମ୍ଭ ପରଠାରୁ ସହରାଂଚଳର ହିତାଧିକାରୀଙ୍କୁ ସୁଲଭ ଓ ଗୁଣାତ୍ମକ ବାସଗୃହ ଯୋଗାଇବାରେ ରାଜ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ମାର୍ଚ୍ଚ ୨୦୨୫ ଠାରୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିବା କ୍ଷେତ୍ରରେ ଓଡ଼ିଶା କ୍ରମାଗତ ଭାବେ ଦେଶରେ ପ୍ରଥମ ସ୍ଥାନ ଅଧିକାର କରି ଆସୁଛି । ଏହା "ସମସ୍ତଙ୍କ ପାଇଁ ଆବାସ" ସଂକଳ୍ପ ପ୍ରତି ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତା ଓ କାର୍ଯ୍ୟଦକ୍ଷତାକୁ ପୁନର୍ବାର ପ୍ରମାଣିତ କରିଛି । PMAY-U 2.0 ଅଧୀନରେ ଓଡ଼ିଶାରେ ମୋଟ ୨୪,୬୨୫ଟି



ଘର ମଞ୍ଜୁର ହୋଇଥିବାବେଳେ, ସେଥିମଧ୍ୟରୁ ୨୩,୪୬୪ଟି ପ୍ରସ୍ତାବିତ ସ୍ଥାନର ଜିଓ-ଟ୍ୟାଗିଂ କାର୍ଯ୍ୟ ସମାପ୍ତ ହୋଇଛି । ୫ ମେ' ୨୦୨୬ ସୁଦ୍ଧା ୩,୧୩୪ଟି ଘରର ଭିତିପ୍ରସ୍ତର କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ, ୨,୦୦୮ଟି ଘରର ନିର୍ମାଣ କାର୍ଯ୍ୟ ପୂର୍ଣ୍ଣ ହୋଇସାରିଛି । ଅବଶିଷ୍ଟ ଘରଗୁଡ଼ିକ ବିଭିନ୍ନ ପର୍ଯ୍ୟାୟରେ ନିର୍ମାଣାଧୀନ ରହିଛି ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ଲକ୍ଷ୍ୟ ପୂରଣ ହେବ ବୋଲି ରାଜ୍ୟ ସରକାର ଆଶା ପ୍ରକାଶ କରିଛନ୍ତି । ଏହି ସଫଳତା ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସକ୍ରିୟ ପଦକ୍ଷେପ, ସହରାଂଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକ ସହ ଫଳପ୍ରସୂ ସମନ୍ୱୟ ଏବଂ ତୃଣମୂଳ ସ୍ତରରେ ଦ୍ରୁତ କାର୍ଯ୍ୟାନ୍ୱୟନର ସ୍ପଷ୍ଟ ପ୍ରତିଫଳନ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼ଃ କୃଷ୍ଣ ଚନ୍ଦ୍ର ମହାପାତ୍ର ଅଧିକାରୀମାନଙ୍କୁ ନିର୍ମାଣ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ସହ PMAY-U 2.0 ର ଅବଶିଷ୍ଟ ଲକ୍ଷ୍ୟକୁ ସମୟସୀମା ପୂର୍ବରୁ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଛନ୍ତି । ସେ ଠିକ୍ ସମୟରେ କାର୍ଯ୍ୟ ସମ୍ପାଦନ, ଗୁଣାତ୍ମକ ନିର୍ମାଣ ଏବଂ ସହରାଂଚଳର ଯୋଗ୍ୟ ଗରିବ ପରିବାରଙ୍କୁ ଶୀଘ୍ର ସୁବିଧା ପ୍ରଦାନ ଉପରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି । PMAY-U 2.0 ଅଧୀନରେ ଓଡ଼ିଶାର ଏହି ନିରନ୍ତର ସଫଳତା, ସମସ୍ତ ନାଗରିକଙ୍କ ପାଇଁ ସମ୍ମାନଜନକ ଜୀବନଯାପନ ସୁନିଶ୍ଚିତ କରିବା ସହ ଅନ୍ତର୍ଭୁକ୍ତିମୂଳକ ସହରୀ ବିକାଶ ପ୍ରତି ରାଜ୍ୟ ସରକାରଙ୍କ ଦୃଢ଼ ସଂକଳ୍ପର ପ୍ରମାଣ ବହନ କରୁଛି ।




# ଫକୀରମୋହନ ବିଶ୍ୱବିଦ୍ୟାଳୟରେ "ପୋଥିଦାନ ମହାପୁଣ୍ୟ" କାର୍ଯ୍ୟକ୍ରମ




ବାଲେଶ୍ୱର,(ନି.ପ୍ର.): ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ, ଓଡ଼ିଆ ଭାଷା ଓ ପ୍ରାଚୀନ ସାହିତ୍ୟ ସଂରକ୍ଷଣକୁ କେନ୍ଦ୍ର କରି "ପୋଥିଦାନ ମହାପୁଣ୍ୟ" କାର୍ଯ୍ୟକ୍ରମ ଏକ ଆକର୍ଷଣୀୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ତାଳପତ୍ର ଖୋଦିତ ପୋଥି ସଂରକ୍ଷଣ ଓ ଓଡ଼ିଆ ଐତିହ୍ୟର ପୁନରୁଦ୍ଧାର ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, ତାଳପତ୍ର ପୋଥି ଓଡ଼ିଆ ଜାତିର ଅମୂଲ୍ୟ ସଂସ୍କୃତିକ ସମ୍ପଦ । ଏହାର ସଂରକ୍ଷଣ ଓ ଗବେଷଣା ମାଧ୍ୟମରେ ଆମ ଭାଷାର ଐତିହ୍ୟକୁ ଆଗାମୀ ପିଢ଼ୀ ପାଖରେ ପହଂଚାଇବା ଆବଶ୍ୟକ । ବିଶ୍ୱବିଦ୍ୟାଳୟ ଏହି ଦୁର୍ଲଭ ପୋଥିଗୁଡ଼ିକର ସଂରକ୍ଷଣ ଓ ଡିଜିଟାଲ ଆର୍କାଇଭ ପ୍ରସ୍ତୁତି ପାଇଁ ପଦକ୍ଷେପ ନେବ ବୋଲି ସେ କହିଥିଲେ । ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଅନୁଷ୍ଠାନର ସଭାପତି ଡକ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦ ତାଙ୍କ ଉଦବୋଧନରେ କହିଥିଲେ ଯେ, ମାତୃଭାଷାର ମୂଳ ସଂସ୍କୃତିକ ଆଧାର ହେଉଛି ଏହି ପୋଥି ପରମ୍ପରା । ସମାଜର ପ୍ରତ୍ୟେକ ଶ୍ରେଣୀର ଲୋକ ଏହି ପୁରାତନ ଧରୋହର ସୁରକ୍ଷାରେ ସାମିଲ ହେବା ଉଚିତ । ସେ କହିଥିଲେ ଯେ, ଏହି ପୋଥିଗୁଡ଼ିକ କେବଳ ଲେଖା ନୁହେଁ, ଏଗୁଡ଼ିକ ଆମ ଜାତିର ଐତିହାସିକ ସ୍ମୃତିଚିହ୍ନ । ଏଥିସହିତ ସମ୍ପାଦକ ଡ଼କ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ କହିଥିଲେ ଯେ, ଗ୍ରାମାଂଚଳରେ ଅବହେଳିତ ଅବସ୍ଥାରେ ରହିଥିବା ଅନେକ ତାଳପତ୍ର ପୋଥିକୁ ଖୋଜି ସଂଗ୍ରହ କରାଯାଉଛି । ଏହାକୁ ଗବେଷଣା ପାଇଁ ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରିବା ଏକ ସାମାଜିକ ଦାୟିତ୍ୱ ବୋଲି ସେ ମତ ପ୍ରକାଶ କରିଥିଲେ । କୁଳସଚିବ କୁକୁମୀନା ଦାସ ଓ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, ଏହି ପୋଥିଦାନ କାର୍ଯ୍ୟକ୍ରମ ଓଡ଼ିଆ ଭାଷା ଓ ସାହିତ୍ୟ ଗବେଷଣାକୁ ନୂତନ ଦିଗ ଦେବ । ଏପରି ଐତିହ୍ୟ ସଂରକ୍ଷଣ ବିଶ୍ୱବିଦ୍ୟାଳୟ ତଥା ସରକାରଙ୍କ ମିଳିତ ପ୍ରୟାସ ଶିକ୍ଷାଜଗତ ପାଇଁ ଅତ୍ୟନ୍ତ ପ୍ରେରଣାଦାୟକ ବୋଲି ସେମାନେ ମତ ଦେଇଥିଲେ । ଏହି ଅବସରରେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଅନୁଷ୍ଠାନର ସଦସ୍ୟମାନଙ୍କ ଦ୍ୱାରା ରଚିତ ଓ ଅଭିନୀତ ନାଟକ "ପୋଥିଦାନ ମହାପୁଣ୍ୟ" ମଂଚସ୍ଥ ହୋଇଥିଲା । ନାଟକଟି ମାଧ୍ୟମରେ ପୋଥିର ମୂଲ୍ୟ, ସଂରକ୍ଷଣର ଆବଶ୍ୟକତା ଓ ସାମାଜିକ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା ।

ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଅନୁଷ୍ଠାନ ଦ୍ୱାରା ସଂଗୃହୀତ ତାଳପତ୍ର ପୋଥିଗୁଡ଼ିକ ଏହି ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରାଯାଇଥିଲା । ଦୁଇଟି ପର୍ଯ୍ୟାୟରେ ମୋଟ ୬୧ଟି ଓ ୮୫ଟି ତାଳପତ୍ର ଖୋଦିତ ପୋଥିକୁ ଭାଷା ବିକାଶ ଆନ୍ଦୋଳନ ଅନୁଷ୍ଠାନ ଏବଂ ସ୍ରଷ୍ଟା ନାଟ୍ୟାଳୟ, ମାକଳପୁର, ମୋତିଗଞ୍ଜର ସଦସ୍ୟମାନେ ବିଶ୍ୱବିଦ୍ୟାଳୟକୁ ହସ୍ତାନ୍ତର କରିଥିଲେ । ସୂଚନାମତେ, ଏହି ପୋଥିଗୁଡ଼ିକ ବାଣିଦା ଗ୍ରାମର ଶ୍ରୀ ନରେନ୍ଦ୍ରନାଥ ମହାପାତ୍ର, ବିଷ୍ଣୁପୁର ଗ୍ରାମର ଶ୍ରୀ ଭୋଳାନାଥ ତ୍ରିପାଠୀ ତଥା ଆଖପାଖ ଅଂଚଳରୁ ସଂଗୃହୀତ ହୋଇଥିବା ଜଣାପଡ଼ିଛି । କାର୍ଯ୍ୟକ୍ରମକୁ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ସଂଚାଳନା କରିଥିଲେ ଏବଂ ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ବାଲେଶ୍ୱର ଷ୍ଟେସନରେ ରେଳ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ଯାଂଚ ଅଭିଯାନ

ବାଲେଶ୍ୱର,(ନି.ପ୍ର.): ଦକ୍ଷିଣ ପୂର୍ବ ରେଳପଥ ଅନ୍ତର୍ଗତ ଖଡ଼ଗପୁର ମଣ୍ଡଳର ବାଲେଶ୍ୱର ଷ୍ଟେସନରେ ଆଜି ଏକ ସ୍ୱତନ୍ତ୍ର ରେଳ ମାଜିଷ୍ଟ୍ରେଟ୍ ଯାଂଚ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ବିନା ଟିକେଟରେ ଯାତ୍ରା ଏବଂ ଅନିୟମିତ ଯାତ୍ରା ଉପରେ ରୋକ୍ ଲଗାଇବା ସହ ରେଳ ନିୟମର ଅନୁପାଳନ ନିଶ୍ଚିତ କରିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ଚଢ଼ାଉ ସମୟରେ ମୋଟ ୧୧୪ଟି ଅନିୟମିତତା ମାମଲା ଚିହ୍ନଟ କରାଯାଇଛି । ଏଥିରେ ବିନା ଟିକେଟରେ ଯାତ୍ରା, ଅବୈଧ ଟିକେଟରେ ଯାତ୍ରା ଏବଂ ବିନା ବୁକିଂରେ ଲଗେଜ୍ ପରିବହନ ଭଳି ମାମଲା ସାମିଲ ରହିଛି । ନିୟମ ଉଲ୍ଲଂଘନକାରୀଙ୍କଠାରୁ ମୋଟ ୫୭ ହଜାର ୮୦୫ ଟଙ୍କା ଜରିମାନା ଆଦାୟ କରାଯାଇଛି । ରେଳ ମାଜିଷ୍ଟ୍ରେଟ୍ ?ଙ୍କ ଉପସ୍ଥିତିରେ ଆୟୋଜିତ ଏହି ଅଭିଯାନରେ ବାଣିଜ୍ୟ ବିଭାଗର ଅଧିକାରୀ ଏବଂ ରେଳ ସୁରକ୍ଷା ବଳର କର୍ମଚାରୀମାନେ ସାମିଲ ହୋଇ ଶୃଙ୍ଖଳିତ ଭାବେ ନିୟମ ପ୍ରଣୟନ କରିଥିଲେ । ଅନଧିକୃତ ଯାତ୍ରାକୁ ରୋକିବା, ଯାତ୍ରୀମାନଙ୍କୁ ବୈଧ ଟିକେଟ୍ କିଣିବା ପାଇଁ ଉତ୍ସାହିତ କରିବା ଏବଂ ରେଳପଥରେ ଯାତ୍ରୀ ଶୃଙ୍ଖଳା ବୃଦ୍ଧି କରିବା ପାଇଁ ଏଭଳି ଯାଂଚ ନିୟମିତ ଭାବେ କରାଯାଉଛି । ଜରିମାନା ଓ ଅସୁବିଧାରୁ ବଂଚିବା ପାଇଁ ଯାତ୍ରୀମାନେ ସବୁବେଳେ ବୈଧ ଟିକେଟ୍ ସହ ଯାତ୍ରା କରିବାକୁ ଏବଂ ରେଳ ନିୟମ ମାନିବାକୁ ପରାମର୍ଶ ଦିଆଯାଇଛି ।



# ପାଣିରେ ବୁଡ଼ି ଦୁଇ ଛାତ୍ରଙ୍କର ମୃତ୍ୟୁ

ବାଲେଶ୍ୱର (ନି.ପ୍ର.) ବାଲେଶ୍ୱର ସହରର ମାନସିଂ ବଜାରରେ ଏକ ଦୁଃଖଦ ଘଟଣା ଘଟିଛି । ଏହି ଅଂଚଳର ଏକ ଘରୋଇ ମେସ୍ ରେ ରହୁଥିବା ଦୁଇ ଜଣ ଛାତ୍ର ପାଣିରେ ବୁଡ଼ି ମୃତ୍ୟୁ ବରଣ କରିଛନ୍ତି । ମୃତକ ଦୁଇ ଛାତ୍ର ହେଲେ ଭଦ୍ରକ ଜିଲ୍ଲା ବାସୁଦେବପୁର ଅଂଚଳର ସ୍ମୃତି ରଂଜନ ମହାଭୋଇ ଓ ପ୍ରତ୍ୟୁଷ କୁମାର ମଲ୍ଲିକ୍ । ଏମାନଙ୍କର ବୟସ ୧୬ ବର୍ଷ ବୋଲି ଜଣା ପଡ଼ିଛି । ସୂଚନା ଅନୁସାରେ ଦଶମ ଶ୍ରେଣୀ ପାଶ୍ କରିବା ପରେ ସମରକୋର୍ସ କରିବା ପଇଁ ଗତକାଲି ସେମାନଙ୍କର ଅଭିଭାବକ ମାନେ ମାନସିଂ ବଜାର ଅଂଚଳର ଏକ ଟ୍ୟୁଟୋରିଆଲ୍ କେନ୍ଦ୍ରରେ ନାମ ଲେଖାଇଥିଲେ ଓ ସେମାନେ ଏକ ଘରୋଇ ମେସ୍ ରେ ରହୁଥିଲେ । ଛାତ୍ର ଦୁଇ ଜଣ ଆଜି ଅପରାହ୍ଣରେ ସ୍ଥାନୀୟ ହରିଚନ୍ଦନ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ । ଗାଧୋଉଥିବା ବେଳେ ଅସାବଧାନତା ବଶତଃ ଗୋଡ଼ ଖସିଯିବାରୁ ସେମାନେ ପାଣିରେ ବୁଡ଼ି ଯାଇଥିଲେ । ମେସ୍ କର୍ତ୍ତୃପକ୍ଷ ସେମାନଙ୍କୁ ଖୋଜାଖୋଜି କରି ନ ପାଇ ଅଗ୍ନିଶମ ବାହିନୀକୁ ଜଣାଇଥିଲେ । ତେବେ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଂଚି ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଖରୀରୁ ଛାତ୍ର ଦୁହିଁଙ୍କୁ ଉଦ୍ଧାର କରି ଜିଲ୍ଲାମୁଖ୍ୟଚିକିତ୍ସାଳୟକୁ ପଠାଇଥିଲେ । ସେଠାରେ ଡାକ୍ତର ପରୀକ୍ଷା କରିବା ପରେ ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି । ଖବର ପାଇ ଟାଉନ୍ ଥାନା ପୁଲିସ୍ ଡାକ୍ତରଖାନାରେ ପହଂଚି ମୃତଦେହ ଜବତ୍ କରି ବ୍ୟବଛେଦ ପାଇଁ ପଠାଇବା ସହ ଘରଲୋକଙ୍କୁ ଖବର ଦେଇଛି ।

# ନିଆରା ଢଙ୍ଗରେ ପାଳନ ହେଲା ଜନ୍ମଦିନ



ବାଲେଶ୍ୱର (ନି.ପ୍ର.) ମୁଖ୍ୟତଃ ପିଲାମାନଙ୍କର ଭବିଷ୍ୟତ ଗଠନ ଏବଂ ସେମାନଙ୍କ ଜନ୍ମଦିନ ପାଳନ କରିବା ପାଇଁ ଘରେ ମା' ବାପା, ଭାଇ ଭଉଣୀ ଓ ଆତ୍ମୀୟ ସମସ୍ତେ ଜନ୍ମଦିନକୁ ଉତ୍କଣ୍ଠାର ସହ ଅପେକ୍ଷା କରିଥିବା ବେଳେ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ପ୍ରତିନିଧି ବୃନ୍ଦ ଘରଠାରୁ ଦୂରରେ ଆସି ସଦର ମହକୁମାରେ ବସବାସ କରି ତୃଣମୂଳସ୍ତରରେ ୨୪ଘଂଟା ସମ୍ବାଦ ସଂଗ୍ରହ ପରିବେଷଣ କ୍ଷେତ୍ରରେ ନିଜକୁ ଗୁରୁତ୍ୱ ଦେଉଥିବାବେଳେ ଭୁଲିଯାଆନ୍ତି ଜନ୍ମଦିନ ତାରିଖ । ଏମିତିକି ଘରୁ ଜନ୍ମଦିନ ପାଳନ ପାଇଁ ଘୁରକୁ ଆସିବା ନିମନ୍ତେ ଖବର ଆସିଲେ ମଧ୍ୟ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ସେମାନେ ଯାଇପାରନ୍ତି ନାହିଁ । ହେଲେ ବାଲେଶ୍ୱର ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟରତ ୨ ସାମ୍ବାଦିକଙ୍କର ନିଆରା ଢଙ୍ଗରେ ୮ ତାରିଖ ମଧ୍ୟାହ୍ନରେ ଜିଲ୍ଲାପାଳଙ୍କ ବରଗଛ ମୂଳରେ ପାଳନ ହୋଇଯାଇଛି ଜନ୍ମଦିନ । ବାଲେଶ୍ୱର ଗଣମାଧ୍ୟମ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ଆବାହକ ଧୀରଜ କୁମାର ଦାସ । ତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ ଯୋଗଦେଇ ବକ୍ତବ୍ୟରେ କହିଥିଲେ କି, ସଂଜୟ ମହାଲିକ ଓ ସଂଜିତ ଘୋଷ ଦୁଇ ଗଣମାଧ୍ୟମର ପ୍ରତିନିଧିଙ୍କର ଆଜି ଜନ୍ମଦିବସ ସମସ୍ତଙ୍କ ଉପସ୍ଥିତିରେ ପାଳନ ହେଉଛି । ଭଗବାନ ସେମାନଙ୍କର ଉତରତର ଉନ୍ନତି କରିବା ସହ ସେମାନେ ସର୍ବଦା ନିଜ କର୍ତବ୍ୟ ପଥରେ ରହି ଜନମାନସର ସାମାଜିକ ସେବା ଯୋଗାଇଦେବା ଏବଂ ସେମାନଙ୍କ ସମସ୍ୟା ଲୋକଲୋଚନରେ ଆଦୃତ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ସେମାନେ ଯେଉଁ ନ୍ୟାୟ ପାଇବେ ସେ ଦିଗରେ ଗୁରୁତ୍ୱ ଦେବା ଏକାନ୍ତ ଜରୁରୀ ବୋଲି କହିଥିଲେ । ଏହି ଅବସରରେ ୨ ପ୍ରତିନିଧିଙ୍କୁ ମିଷ୍ଟାନ୍ନ ଖୁଆଇ ଆର୍ଶୀବାଦ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଂଜିତ କୁମାର ଘୋଷ, ସଂଜୟ କୁମାର ମହାଲିକ, ଜୀବନ ନାୟକ, ଆଶୁତୋଷ ମଲ୍ଲିକ, ଗଣେଶ ସେଠୀ, କୁଂଜମଣି ସ୍ୱାଇଁ, ହ୍ରିତିକ ନାୟକ, ହରିଶଙ୍କର ଜେନା, କୁସୁମ ପଣ୍ଡା, ଚନ୍ଦନ ପାଣିଗ୍ରାହୀ, ପ୍ରସନ୍ନଜିତ ଆଶ୍, ବ୍ରହ୍ମାନନ୍ଦ ସ୍ୱାଇଁ, ବିଜୟ ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା, କଳିଙ୍ଗ ସାହୁ, ମନୋଜ ବିଶ୍ୱାଳ, ଭଗବାନ ଚନ୍ଦ୍ର ଦାସ, ଚନ୍ଦ୍ରକାନ୍ତ ଜେନା, ତପନ ଦାସ, ସୁଦୀପ୍ତ ମହାନ୍ତି, ହାଇଦର ଖାଁ, ରମଣି ରଂଜନ ଦାସ, ଚିତରଂଜନ ନାୟକ, ସୁମନା ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଜନ୍ମଦିନ ଅବସରରେ ଦୀର୍ଘଜୀବନୀ ଓ ଶୁଭେଚ୍ଛା କାମନା କରିଥିଲେ ।

# ବାଲେଶ୍ୱରରେ ବ୍ରାଉନ୍‌ସୁଗାର କାରବାରର ରାକେଟ୍ ବିଷୟରେ 'ମନା'ର ଉଦ୍‌ବେଗ

ବାଲେଶ୍ୱର, (ନି.ପ୍ର.): ମିଳିତ ନିଶା ନିବାରଣ ଅଭିଯାନ 'ମନା'ର ପ□ମ ମାସିକ ବୈଠକ ଶୁକ୍ରବାର ଦିନ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । 'ମନା'ର ସଭାପତି ଆଇନଜୀବୀ ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ସମ୍ପାଦିକା ଶ୍ରୀମତୀ ମମତା ମହାପାତ୍ର ଚଳିତ ବର୍ଷ ଏପ୍ରିଲ୍ ୧୯ ତାରିଖରେ ହୋଇଥିବା ବାର୍ଷିକ ସମ୍ମିଳନୀର ବିବରଣୀ ପାଠ କଲାପରେ ସମ୍ବାଦପତ୍ରରେ ପ୍ରକାଶିତ ହୋଇଥିବା ବାଲେଶ୍ୱରରେ ବ୍ରାଉନ୍‌ସୁଗାର ଭଳି ମାରାତ୍ମକ ନିଶା କାରବାରର ରାକେଟ୍ ବିଷୟରେ ଉପସ୍ଥାପନା କରିଥିଲେ । ଉପସ୍ଥିତ ସଦସ୍ୟ ସଦସ୍ୟାମାନେ ଏହି ବିଷୟରେ ଗଭୀର ଉଦ୍‌ବେଗ ପ୍ରକଟ କରିଥିଲେ ଓ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସରକାରଙ୍କଠାରେ ଦାବି କରିବା ପ୍ରସ୍ତାବ ସର୍ବସମ୍ମତ କ୍ରମେ ଗୃହୀତ ହୋଇଥିଲା । ଉପଦେଷ୍ଟା ସୁବ୍ରତ କର, ଡ. କେଶବ ଚରଣ ପଣ୍ଡା, ଡ. କ୍ଷିତୀଶ୍ୱର ଦାଶ, ଅର୍ଚ୍ଚନା ନନ୍ଦୀ, କଲ୍ୟାଣୀ ନନ୍ଦ, ପ୍ରଫୁଲ୍ଲ କୁମାର ଦାସ, ଗୀତାଞ୍ଜଳି ସିଂହ, ତ୍ରିଦିବ ନାୟକ, ଗଙ୍ଗାଧର ପୃଷ୍ଟି, ଲକ୍ଷ୍ମଣ ଚରଣ ବିଶ୍ୱାଳ, ଶଶାଙ୍କ ଶେଖର ଦ□, ଭାସ୍କର ଚନ୍ଦ୍ର ମିଶ୍ର, କମଳାକାନ୍ତ ଦାଶ, ରବିନାରାୟଣ ଭୋଳ, ଭୂପତି ଭୂଷଣ ଦାସ, ସଞ୍ଜୟ କୁମାର ପଣ୍ଡା (ଖ), ଅକ୍ଷୟ କୁମାର ତ୍ରିପାଠୀ, ବସନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ପ୍ରଭାକର ସାହୁ (ଖ) ଧନ୍ୟବାଦ ଅର୍ପଣ କରିଥିଲେ ।

# ପାନୀୟଜଳ ସମସ୍ୟା ଘେରରେ ରଇଁପଡ଼ା ଗ୍ରାମ

ବାଲେଶ୍ୱର, (ନି.ପ୍ର.)ବାଲେଶ୍ୱର ସଦର ବ୍ଲକ କୁରାଢ଼ିଆ ପଂଚାୟତ ଅନ୍ତଗତ ରଇଁପଡ଼ା ଗାଁରେ ଏବେ ଉତ୍କଟ ପାଣି ସମସ୍ୟା ଦେଖିବାକୁ ମିଳିଛି । ଜଳଜୀବନ ମିଶନ ମାଧ୍ୟମରେ ଗାଁରେ ଘରକୁ ଘର ପାଇପ ଯୋଗେ ପାଣି ଯୋଗାଣ ଏବେ ସମ୍ପୂର୍ଣ୍ଣ ଫେଲ ମାରିଥିବା ବେଳେ ଦୀର୍ଘ ଦେଢ଼ ବର୍ଷ ହେବ ଏହା ଖରାପ ହୋଇପଡ଼ିଛି । ଫଳରେ ଗାଁ ଲୋକେ ପାଣି ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ବାଧ ହୋଇ ଗାଁରେ ଥିବା ତିନୋଟି ଟିଓ୍ୱେଲ ଉପରେ ନିର୍ଭର କରୁଛନ୍ତି । ହେଲେ ଏହି ଟିଓ୍ୱେଲରେ ଖରାପ ପାଣି ବାହାରୁଥିବାରୁ ତାହା ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ । ଫଳରେ ଆଜି ଗ୍ରାମବାସୀ ଏକତ୍ରିତ ହୋଇ ଜିଲ୍ଲାପାଳଙ୍କୁ ଭେଟି ଏହାର ତୁରନ୍ତ ସମାଧାନ କରିବାକୁ ଦାବି କରିଛନ୍ତି । କୁରାଢ଼ିଆ ପଂଚାୟତରେ ରହିଛି ରଇଁପଡ଼ା ଗାଁ । ଏଠାରେ ପାଖାପାଖି ୨୫୦ରୁ ଅଧିକ ଘର ରହିଛି । ଏହି ଗାଁର ଲୋକମାନେ ପାଣି ପାଇଁ ସରକାରଙ୍କ ପକ୍ଷରୁ କରାଯାଇଥିବା ଘରକୁ ଘର ପାଇପ ଯୋଗେ ପାଣି ଯୋଗାଣ ବ୍ୟବସ୍ଥା ଏବଂ ଗାଁରେ ଥିବା ତିନୋଟି ଟିଓ୍ୱେଲ ଉପରେ ସାଧାରଣତଃ ନିର୍ଭର କରନ୍ତି । ଏବେ ଖରାଦିନ ହୋଇଥିବାରୁ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଛି । ଏପରିକି ଗାଡିଆ ପୋଖରି ମଧ୍ୟ ଶୁଖିବାକୁ ବସିଲାଣି । ଏହାଛଡା ଭୂତଳ ଜଳସ୍ତର କମିଯିବା ଫଳରେ କେଉଁଠି ପାଣିର ସ୍ତର କମିଯାଉଛି ତ ଆଉ କୋଉଠି ଆଦୌ ପାଣି ଆସୁନାହିଁ । ଏପରି ସ୍ଥଳରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଘରକୁ ଘର ପାଇପ ଯୋଗେ ପାଣି ଯୋଗାଇବାର ବ୍ୟବସ୍ଥା କରାଯାଉଛି । ହେଲେ ଏହି ବ୍ୟବସ୍ଥା ଏବେ ଗାଁ ଲୋକମାନଙ୍କ ପାଇଁ ପ୍ରମୁଖ ସମସ୍ୟାରେ ପରିଣତ ହୋଇଛି ।ବିଶେଷ କରି ଦୀର୍ଘ ଦେଢ଼ ବର୍ଷ ଧରି ପାଇପ ଯୋଗେ ପାଣି ଯୋଗାଣ ହୋଇପାରୁ ନାହିଁ । ଯେଉଁଠି ବି ପାଇପ ବିଛା ଯାଇଛି ତାହା ମଧ ଫାଟିବାକୁ ବସିଛି । ହେଲେ ଏହା ପୂର୍ବରୁ ସେଇଠାରେ ଏକ ଆରଡି ରାସ୍ତା ନିର୍ମାଣ କାର୍ଯ୍ୟ ହେଉଥିଲା । ଯାହାଫଳରେ ରାସ୍ତା ନିର୍ମାଣ ସମୟରେ ଏହି ପାଣି ପାଇବ ସେଇ ଢ଼ଳେଇ ତଳେ ରହିଯିବା ଫଳରେ ପାଣି ଆସିବା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି । ଅନ୍ୟପଟେ ଗାଁର ଲୋକମାନେ ଗାଁରେ ଥୁବା ତିନୋଟି ଟିଓ୍ୱେଲ ଉପରେ ନିର୍ଭର କରୁଛନ୍ତି । ହେଲେ ସେଇ ଟିଓ୍ୱେଲରୁ ଖରାପ ପାଣି ବାହାରୁଥିବା ବେଳେ ଗୁଣ୍ଡଯୁକ୍ତ ପାଣି ବାହାରୁଛି ଯାହା ଫଳରେ ତାହା ଲୋକମାନଙ୍କର ବ୍ୟବ ?ହାର ଉପ ?ଯୋଗୀ ହୋଇପାରୁ ନାହିଁ । ଏ ନେଇ ଗ୍ରାମବାସୀ ବହୁ ସମୟରେ ସଦର ବିଧାୟକଙ୍କ ସମେତ ଜିଲ୍ଲା ପ୍ରଶାସନକୁ ଜଣାଇଛନ୍ତି । ଏପରିକି ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ ମଧ ଅବଗତ କରାଇଛନ୍ତି । ହେଲେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ।ସମସ୍ୟାର ସମାଧାନ ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀଏପରିକି ବିଧାୟକମଧ୍ୟ ତୁରନ୍ତ ସମାଧାନ କରାଯିବ କହି ଚୁପ ରହିଛନ୍ତି । ଏଣୁ ବାଧ୍ୟ ହୋଇ କୌଣସି ଉପାୟ ନ ପାଇ ଆଜି ଗ୍ରାମର ଜାନକୀ ଜେନା, ମାଳତୀ ମହାନ୍ତି, ଯଶୋଦା ସାହୁ, ରଞ୍ଜିତା ସାହୁ, ମାମିନା ଜେନା, ଭାନୁମତି ଜେନା ପ୍ରମୁଖ ମହିଳାମାନଙ୍କ ଗ୍ରାମର ପ୍ରସନ୍ନ ବେହେରା ଓ ଅନ୍ୟମାନେ ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ସହ ସାକ୍ଷାତ କରି ଏହି ଅସୁବିଧା ସମ୍ପର୍କରେ ଆଲୋଚନା କରିଛନ୍ତି । ଜିଲ୍ଲା ପ୍ରଶାସନ ଠାରେ କରାଯାଇଥିବା ଦାବି ଗୁଡିକ ଉପରେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କହିଛନ୍ତି । ଏ ନେଇ ଜିଲ୍ଲା ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କାର୍ଯ୍ୟ ନିର୍ବାହୀ ଅଧିକାରୀ ରେବତୀ କଅଁରଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଟିଓ୍ୱେଲ ଖରାପ ସାଙ୍ଗକୁ ପାଇପ ଯୋଗେ ପାଣି ଆସିବା ଉପରେ ସେମାନେ ଅଭିଯୋଗ କରିଥିଲେ । ସେ ତୁରନ୍ତ ଏସଡିଓଙ୍କ ଘଟଣା ସ୍ଥଳକୁ ପଠାଇ ଯାଂଚ କରିବା ସ ?ହ ଟିଓ୍ୱେଲ ଗୁଡିକ ଠିକ ରହିଥ ?ିବା ବେଳେ ସେଥିରୁ ପାଣି ବାହାରୁଛି । ଏହାଛଡା ପାଇପ ଯୋଗେ ପାଣି ଯୋଗାଣ ସମସ୍ୟାକୁ ସ୍ୱୀକାର କରିବା ସହ ନିର୍ମାଣ ହେଉଥିବା ଆରଡି ରାସ୍ତା ତଳେ ଏହି ଚାପି ହୋଇଯିବାରୁ ତାହା ନଷ୍ଟ ହୋଇଯାଇଛି । ଏବେ ସରକାରଙ୍କ ଏହାର ଆପ୍ରୋଭାଲ ପାଇଁ ପଠାଯାଇଛି । ଏହାଛଡା ଯଦି ଆବଶ୍ୟକ ପଡେ ତେବେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି ।



# ସମ୍ବର୍ଦ୍ଧିତ ହେଲେ ୧୨୯ ଛାତ୍ରଛାତ୍ରୀ

ବାଲେଶ୍ୱର, (ନି.ପ୍ର.)ପିଲାମାନେ ଉଚ୍ଚଶିକ୍ଷା ଆରମ୍ଭ କରିବାବେଳେ ଅଭିଭାବକ ପଚାରୁଛନ୍ତି କ'ଣ ପଢ଼ିଲେ ଭଲ ଚାକିରି ମିଳିବ ? ଚାକିରି କଲେ କେତେ ଦରମା ମିଳିବ ? ସେହିପରି ଭବିଷ୍ୟତ ?ରେ କ'ଣ ହେବ ବୋଲି ଛାତ୍ରଛାତ୍ରୀଙ୍କୁ ପଚାରିଲେ ଅଧିକାଂଶ କହୁଛନ୍ତି ଆମେ ଡାକ୍ତର, ଇଞ୍ଜିନିଅର ଓ ପ୍ରଶାସକ ହେବୁ । କେବଳ ଉଚ୍ଚପଦବିରେ ରହି ବଡ଼ମଣିଷ ହେଲେ ହେବନି, ଭଲମଣିଷ ହୋଇ ସୁସ୍ଥ ସମାଜ ଗଠନରେ ସହାୟକ ହେବା ଦରକାର ବୋଲି ଆଜି 'ସମ୍ବାଦ' ଯାଜପୁର ସଂସ୍କରଣ ପକ୍ଷରୁ ଯାଜପୁରରୋଡସ୍ଥିତ ବ୍ୟାସଦେବ ଟାଉନ ହଲ୍ ?ରେ ଆୟୋଜିତ ମାଟ୍ରିକ ଚାମ୍ପିଅନ୍ ?ସ ମେଧା ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସଞ୍ଜୟ କୁମାର ପାତ୍ର ପ୍ରକାଶ କରିଛନ୍ତି । ମୁଖ୍ୟବକ୍ତା ଭାବେ ଯାଜପୁରସ୍ଥିତ ମହାରାଜା ଯଯାତି କେଶରୀ ମେଡିକାଲ କଲେଜର ଡିନ୍ ? ଓ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ସୀତାରାମ ମହାପାତ୍ର ସମସ୍ତ ମେଧାବୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ମାଟ୍ରିକ ପରୀକ୍ଷାର ସଫଳତା ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ କିନ୍ତୁ ଏହା ଶେଷ ଲକ୍ଷ୍ୟ ନୁହେଁ । ଏହା ଆଗାମୀ ବଡ଼ଯାତ୍ରାର ଆରମ୍ଭ ମାତ୍ର । ସେହିପରି ଭଲ ମନ ଓ ଶରୀର ହେଉଛି ଭଲ ଭବିଷ୍ୟତର ଆଧାର । ସ୍ୱାସ୍ଥ୍ୟକୁ ଅବହେଳା ନକରିବାକୁ ଡାକ୍ତର ମହାପାତ୍ର ପରାମର୍ଶ ଦେଇଥିଲେ ।ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସେ ?ମ୍ୟରଂଜନ ପଟ୍ଟନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଥିଲେ, ସଫଳ ଛାତ୍ରଛାତ୍ରୀଙ୍କ ବାପାମା' ଭାବୁଛନ୍ତି ପିଲାମାନେ ସେମାନଙ୍କ ସମ୍ପତି । ସେମାନେ କେବଳ ତାଙ୍କର ନୁହନ୍ତି, ସମାଜର ସମ୍ପତି । ବାପାମା' ନିଜର ଇଚ୍ଛା ଓ ଅଭିଳାଷକୁ ପିଲାଙ୍କ ଉପରେ ଲଦି ଦିଅନ୍ତୁ ନାହିଁ । ଏଭଳି ମାନସିକତା ଆମ ସମାଜ ପାଇଁ ଆଦେ ? ଅନୁକୂଳ ନୁହେଁ । ଛାତ୍ରଛାତ୍ରୀ ନିଜ ରୁଚି ଅନୁସାରେ ବୃତି ଚୟନ କଲେ ଆଗକୁ ବଢ଼ିପାରିବେ ବୋଲି ସେ କହିଥିଲେ । ପାଂଚଟି ମ' ଓ ପାଂଚ ନ'ର ଉଦାହରଣ ଦେଇ ମା', ମାଟି, ମାତୃଭାଷାକୁ ଭଲପାଇବା, ମୋବାଇଲର ଉଚିତ ବ୍ୟବହାର ଓ ମଦଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ । ନିରୋଗ ରହିବା, ନିରହଙ୍କାର ହେବା, ନିରାଡମ୍ବର ଜୀବନ ବଂଚିବା, ନିଡ଼ର ହେବା ଓ ନିଶାମୁକ୍ତ ସମାଜ ଗଠନ କରିବାକୁ ଆହ୍ୱାନ ଦେଇଥିଲେ । 'ସମ୍ବାଦ'ର ବାର୍ତ୍ତା ସମ୍ପାଦକ ଭବାନୀ ଶଙ୍କର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ । ଆଜିର ଦିନରେ ପରାମର୍ଶଦାତାଙ୍କ ଅଭାବ ନାହିଁ । ଏହା ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ନୁହେଁ, ସଫଳ ଛାତ୍ରଛାତ୍ରୀଙ୍କ ସମ୍ପର୍କରେ ଅବଶିଷ୍ଟ ଦୁନିଆକୁ ଅବଗତ କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟ । ଛାତ୍ରଛାତ୍ରୀଙ୍କ ସଫଳତାକୁ ସମସ୍ତେ ସ୍ୱୀକୃତି ଦେବେ, କିନ୍ତୁ ସଫଳ ମଣିଷକୁ ଉତ୍କର୍ଷର ଉପାସକ ହେବାପାଇଁ ସବୁବେଳେ ଗୁରୁଜନମାନେ ବାଟ କଢ଼ାଇବେ ବୋଲି ସେ କହିଥିଲେ । ଏହି ଅବସରରେ ଯାଜପୁର, କେନ୍ଦୁଝର ଜିଲ୍ଲାରେ ୧୨୯ଜଣ ମେଧାବୀ ଛାତ୍ରଛାତ୍ରୀ ଓ ସେମାନଙ୍କ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । 'ସମ୍ବାଦ' ଯାଜପୁର ସଂସ୍କରଣ ମୁଖ୍ୟ ଗଦାଧର ପଣ୍ଡା ଅତିଥି ପରିଚୟ ଦେଇଥିଲେ । 'ସମ୍ବାଦ' କେନ୍ଦୁଝର ଜିଲ୍ଲା ପ୍ରତିନିଧି ସୁବ୍ରତ ସ୍ୱାଇଁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଯାଜପୁର ଜିଲ୍ଲା ପ୍ରତିନିଧି ମନୋଜ କୁମାର ରାଉଳ ଧନ୍ୟବାଦ ଦେଇଥିଲେ ।







# ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଭାରତରତ୍ନ ପାଇଁ ଦାବି

ଯାଜପୁର(ନିପ୍ର) : ଯାଜପୁର ଜିଲ୍ଲାର ପ୍ରମୁଖ ସାହିତ୍ୟ ଓ ସାଂସ୍କୃତିକ ସଂଗଠନ 'ସ୍ମୃତି ଓ ପ୍ରଣତି' ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଯଥା ମର୍ଯ୍ୟାଦାର ସହ ପାଳନ କରାଯାଇଛି । ସ୍ଥାନୀୟ ଲିସିୟମ ହାଇଅର ସେକେଣ୍ଡାରୀ ସ୍କୁଲ ସମ୍ମିଳନୀ କକ୍ଷରେ ସଭାପତି ଶିଶିର କୁମାର ନାୟକ ଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଗ୍ଲୋବାଲ ପିସ ଫାଉଣ୍ଡେସନର ଅଧ୍ୟକ୍ଷ ଡ଼ା ରାଜ କିଶୋର ପଣ୍ଡା ଓ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶିଶୁ ମଙ୍ଗଳ ସମିତି ର ଅଧ୍ୟକ୍ଷ ଦିବ୍ୟ ଭୂଷଣ ମହାନ୍ତି ଯୋଗଦେଇ ମଧୁବାବୁ କିପରି ଜଣେ ପ୍ରଚଣ୍ଡ ସ୍ୱାଭିମାନୀ ମଣିଷ ଥିଲେ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ବିଶିଷ୍ଟ ଅତିଥି ଭାବେ ଡ଼ଃ ନିତ୍ୟାନନ୍ଦ ମିଶ୍ର ଓ ବିଶେଷ ଅତିଥି ଭାବେ ଡଃ ଦାମୋଦର ବେହେରା, ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ନାୟକ ଯୋଗଦେଇ ମଧୁବାବୁଙ୍କ ଜୀବନୀ ଏବଂ ଦେଶ ପ୍ରେମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଉତ୍କଳ ଗୌରବଙ୍କୁ ଭାରତ ରତ୍ନ ପ୍ରଦାନ ନିମନ୍ତେ ଅନୁଷ୍ଠାନ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ସଭାରେ ନିଷ୍ପତି ନିଆଯାଇଥିଲା । ଏହି ଅବସରରେ ମଧୁ ସମ୍ମାନ -୨୦୨୬ ରେ ବିଶିଷ୍ଟ ସାହିତ୍ୟିକ, ସମାଲୋଚକ, ଗାଳ୍ପିକ ତଥା ଓଡ଼ିଆ ଭାଷା ଓ ସଂସ୍କୃତି ଅନୁରାଗୀ ପ୍ରଫେସର ଦାମୋଦର ବେହେରାଙ୍କୁ ପ୍ରଦାନ କରାଯାଇଥିଲା ।

# ରଥଯାତ୍ରାର ପ୍ରଥମ ସମନ୍ୱୟ ବୈଠକ ଅନୁଷ୍ଠିତ

ପୁରୀ(ନିପ୍ର) : ଚଳିତ ବର୍ଷ ର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଜୁଲାଇ ୧୬ ତାରିଖରେ ଓ ବାହୁଡ଼ା ଯାତ୍ରା ଜୁଲାଇ ୨୪ ତାରିଖରେ ଅନୁଷ୍ଠିତ ହେବ । ସୁନାବେଶ ଜୁଲାଇ ୨୫ ଓ ନୀଳାଦ୍ରି ବିଜେ ଜୁଲାଇ ୨୭ ତାରିଖରେ ଅନୁଷ୍ଠିତ ହେବ । ଦେବସ୍ନାନ ପୂର୍ଣ୍ଣିମା ଜୁନ ୨୯ ତାରିଖରେ ଅନୁଷ୍ଠିତ ହେବ । ତେଣୁ ଦେବସ୍ନାନ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ରଥଯାତ୍ରା, ବାହୁଡା ଯାତ୍ରା, ସୁନାବେଶ ଓ ନିଳାଦ୍ରୀ ବିଜେ କୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ପ୍ରଥମ ସମନ୍ୱୟ ବୈଠକ ଆଜି ପୂର୍ବାହ୍ନରେ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଅଧ୍ୟକ୍ଷତା କରି କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ସୁଧାଂଶୁ ମୋହନ ସାମଲ ମହାପ୍ରଭୁଙ୍କ ରଥଯାତ୍ରା ସହ ସମସ୍ତ କାର୍ଯ୍ୟ ମହାପ୍ରଭୁ ନିଜେ ହିଁ ନିଧାର୍ଯ୍ୟ କରିଥାନ୍ତି । ଆମେ ମାନେ ତାଙ୍କ ନିର୍ଦ୍ଦେଶ ରେ କେବଳ ତାହାକୁ ପରିଚାଳନା କରନ୍ତି । ବିଭିନ୍ନ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ଅଗ୍ରାଧିକାର ଭିତିରେ ସମ୍ପୂର୍ଣ୍ଣ କରିବାକୁ ସେ ପରାମର୍ଶ ଦେଇଥିଲେ । ପାରସ୍ପରିକ ସମନ୍ୱୟ ର ସହ ରଥଯାତ୍ରା କୁ ଆମେ ସଫଳ କରିବା ବୋଲି ରାଜସ୍ୱ ଆୟୁକ୍ତ ଶ୍ରୀ ସାମଲ କହିଥିଲେ । ଚଳିତ ରଥଯାତ୍ରା ରେ ପ୍ରତ୍ୟେକ ଙ୍କ ମଧ୍ୟରେ ସୁସମନ୍ୱୟ ରଖି ଖୁବ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ସମସ୍ତ କାର୍ଯ୍ୟ କରିବାକୁ ସେ ସମସ୍ତ ଙ୍କୁ ଅନୁରୋଧ କରିଥିଲେ । ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ଓ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ଶୃଙ୍ଖଳିତ ରଥଯାତ୍ରା ପାଇଁ ବିବିଧ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା କୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।



ରଥକାଠ ସଂଗ୍ରହ, ରଥ ନିର୍ମାଣ, ରଥଯାତ୍ରା ନିମନ୍ତେ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡା ସଂଗ୍ରହ, ନୀତି ସଂପାଦନ, ରଥଟଣା ସମ୍ପର୍କରେ ମତଦେଇ ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟି ତିନି ରଥ ପାଇଁ ମୋଟ ୮୬୫ ଖଣ୍ଡ କାଠର ଆବଶ୍ୟକତା ଥିବା ବେଳେ ଗତବର୍ଷ ର ୪୭ ଖଣ୍ଡ କାଠ ବଳି ଥିବାରୁ ଆଉ ୮୧୮ ଖଣ୍ଡ କାଠ ଆବଶ୍ୟକ ଥିଲା । ଇତି ମଧ୍ୟରେ ୭୧୦ ଖଣ୍ଡ କାଠ ପ୍ରାପ୍ତ ହୋଇଛି । ଏହି କାଠ ଗୁଡିକୁ ପର୍ଯ୍ୟାୟ କ୍ରମେ ଜଙ୍ଗଲ ବିଭାଗ ଯୋଗାଉଛନ୍ତି ବୋଲି ସୂଚନା ଦେଇଥିଲେ । ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ, ପାର୍କିଂ ସ୍ଥଳ, ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରେନ ଚଳାଚଳ ବ୍ୟବସ୍ଥା, ରଥଯାତ୍ରା ର ସିଧାସଳଖ ପ୍ରସାରଣ ବ୍ୟବସ୍ଥା, ଯାତ୍ରୀ ସୁବିଧା ପାଇଁ ଅସ୍ଥାୟୀ ସୂଚନା କେନ୍ଦ୍ର ବ୍ୟବସ୍ଥା, ଏଲଇଡି ଟିଭି ବ୍ୟବସ୍ଥା, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧ ରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗ ମାନେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଆୟୁକ୍ତ ଶ୍ରୀ ସାମଲ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କେନ୍ଦ୍ରାଂଚଳ ଆରକ୍ଷୀ ମହାନିରୀକ୍ଷକ ସତ୍ୟଜିତ ନାୟକ, ଦେବୋତର କମିଶନର ସତ୍ୟ ସୁନ୍ଦର ଷଡ଼ଙ୍ଗୀ, ଏସ ପି ପ୍ରତୀକ ସିଂ, ପୁରୀ ଡିଏଫଓ ଧନଜୀ ରାଓସୋ ମଗର, ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା, ପଂଚାୟତରାଜ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଖାଦ୍ୟ ଯୋଗାଣ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ, ନିର୍ଦ୍ଦେଶକ ସ୍ୱାସ୍ଥ୍ୟ ସେବା ଡା ମହେଶ ମୋହନ ପଣ୍ଡା, ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ଡା ନୀଳକଣ୍ଠ ମିଶ୍ର, ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା ପୁଷ୍ପିତା ମହାନ୍ତି, ପୂର୍ତ୍ତ ବିଭାଗ ଚିଫ ଇଞ୍ଜିନିୟର ଶିବବ୍ରତ ତରାଇ, ଗୃହ ଓ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ବିନୟ କୁମାର ଦାଶ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ, ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ମନ୍ଦିର ପରିଚାଳନା କମିଟିର ସଦସ୍ୟ, ସେବାୟତ, ବିଶିଷ୍ଟ ବ୍ୟକ୍ତି, ବିଭିନ୍ନ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ ।

# ବାଲ୍ୟ ବିବାହ ସଚେତନତା ଶୋଭାଯାତ୍ରା



ନୟାଗଡ଼(ନିପ୍ର) : ବାଲ୍ୟ ବିବାହ ନିଷେଧ ସମ୍ବନ୍ଧୀୟ ସଚେତନତା ଶୋଭାଯାତ୍ରା ନୟାଗଡ଼ ବ୍ଲକ କ୍ରିଦାଶପୁର ଗ୍ରାମ ପଂଚାୟତ କାର୍ଯ୍ୟାଳୟରୁ ଜେମାଦେଇପୁର ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ବାଲ୍ୟ ବିବାହର କୁପ୍ରଭାବ ସମ୍ବନ୍ଧରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଶିଶୁ ଅଧିକାର ସୁରକ୍ଷା ପ୍ରତି ସମାଜକୁ ସଜାଗ କରିବା । ଶୋଭାଯାତ୍ରାରେ ସ୍ଥାନୀୟ ସରପଂଚ ସଞ୍ଜୁବାଳା ବିଶ୍ୱାଳ, ପିଇଓ ସଞ୍ଜୁଲତା ପାଣିଗ୍ରାହୀ, ମହିଳା ସଶକ୍ତି କରଣ ଜିଲ୍ଲା ସଂଯୋଜକ ସୌମ୍ୟରଞ୍ଜନ ଦାଶ, ସମ୍ବଲ ଶ୍ରୀ ବିଶ୍ୱପାର୍ଥବୀ, ଆଇଟି ଆସିଷ୍ଟାଂଟ ସୂର୍ଯ୍ୟକାନ୍ତ ସାହୁ, ଆଇସିଡିଏସ ସୁପରଭାଇଜର ଜ୍ୟୋତିମୟୀ ସାହୁ, ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ପିଆରଆଇ ସଦସ୍ୟମାନେ, ଅଙ୍ଗନଓ୍ୱାଡି କର୍ମୀ ଜ୍ୟୋସ୍ନାମୟୀ ପଣ୍ଡା ଏବଂ ପ୍ରାୟ ୩୦ ରୁ ଅଧିକ କିଶୋରୀ ବାଳିକା ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ସମସ୍ତଙ୍କ ସକ୍ରିୟ ସହଯୋଗ ଓ ସମନ୍ୱୟରେ କାର୍ଯ୍ୟକ୍ରମଟି ଅତ୍ୟନ୍ତ ଶୃଙ୍ଖଳିତ, ସଫଳ ଓ ପ୍ରଭାବଶାଳୀ ଭାବରେ ସମ୍ପନ୍ନ ହୋଇଥିଲା । ଉକ୍ତ ରାଲି ମାଧ୍ୟମରେ ବାଲ୍ୟ ବିବାହ ରୋକ ପାଇଁ ସମାଜରେ ଏକ ସକାରାତ୍ମକ ସନ୍ଦେଶ ପ୍ରସାରିତ ହୋଇଥିଲା ।

# ଚଉମୁଖ ସମୁଦ୍ର ବେଳାଭୂମି ଅଲିଭ ରିଡଲେ କଇଁଛଙ୍କ ଅଣ୍ଡାଦାନ ସ୍ଥଳି




ବାଲିଆପାଳ(ନିପ୍ର) : ବାଲେଶ୍ୱର ଜିଲ୍ଲା ଦକ୍ଷିଣ ବାଲିଆପାଳ ଚଉମୁଖ ସମୁଦ୍ର ବେଳାଭୂମି ଏବେ ଅଲିଭ ରିଡଲେ କଇଁଛଙ୍କ ଅଣ୍ଡାଦାନ ସ୍ଥଳୀ ପାଲଟିଛି । ଚଳିତ ବର୍ଷ ୬୩ ଟି ଅଲିଭ ରିଡଲେ କଇଁଛ ପର୍ଯ୍ୟାୟ କ୍ରମେ ଚଉମୁଖ ସମୁଦ୍ର ବେଳାଭୂମିକୁ ଅଣ୍ଡା ଦେବାକୁ ଆସିଥିଲେ । ସେମାନଙ୍କ ଠାରୁ ଆଠ ହଜାର ଅଣ୍ଡା ସଂଗ୍ରହ କରାଯାଇ ଅସ୍ଥାୟୀ ହେଚେରୀ ରେ ରଖା ଯାଇ ଅଣ୍ଡା ଫୁଟିବା ପରେ ପର୍ଯ୍ୟାୟ କ୍ରମେ ତିନି ହଜାର ରୁ ଅଧିକ ଅଲିଭ ରିଡଲେ କଇଁଛ ଶାବକ ସମୁଦ୍ରରେ ଛଡା ଯାଇ ସାରିଲାଣି । ସେହି ପରି ଶୁକ୍ରବାର ପୂର୍ବାହ୍ନରେ ଚଉମୁଖ ସମୁଦ୍ର ବେଳାଭୂମିରେ ଚାନ୍ଦିପୁର ବନ ବିଭାଗର ରେଞ୍ଜର ମନୋହର ଖାଁ ଙ୍କ ନିର୍ଦ୍ଦେଶ କ୍ରମେ ଲଙ୍ଗଳେଶ୍ୱର ଫରେଷ୍ଟର ମନୋଜ ଧଡା, ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବରେ ନିଯୁକ୍ତ ଡଗରା ଫରେଷ୍ଟର ମନୋଜ ମହାଳିକ, ସ୍ଥାୟୀ, ଅସ୍ଥାୟୀ କଇଁଛ ଜଗୁଆଳିଙ୍କ ସହିତ ଗ୍ରାମବାସୀଙ୍କ ସହାୟତାରେ ତିନି ହଜାର ଅଲିଭ ରିଡଲେ କଇଁଛ ଶାବକକୁ ବନବିଭାଗ ପକ୍ଷରୁ ସମୁଦ୍ରରେ ଛଡା ଯାଇଛି । ଏହିପରି ଡଗରା, ହଂସ୍କାର ଓ କଷାଫଳ ବେଳା ଭୂମିରେ ମଧ୍ୟ ଅସ୍ଥାୟୀ ହେଚେରି କରାଯାଇ ଅଲିଭ ରିଡଲେ କଇଁଛ ଛୁଆ ଜନ୍ମ କରାଯାଇ ସମୁଦ୍ରକୁ ଛାଡ଼ିବା କାର୍ଯ୍ୟ ଜାରି ରହିଛି । ଏହି ସବୁ କାର୍ଯ୍ୟରେ ଅସ୍ଥାୟୀ କର୍ମଚାରୀ ମନ୍ମଥ ଦଳାଇ, ଜନ୍ମେଜୟ ପାତ୍ର, ଅଜୟ ଦେ, ଗଣେଶ ଗିରି, ରାଇ ମୋହନ ଦେ, ସ୍ଥାୟୀ କର୍ମଚାରୀ ଦୂର୍ଜୟ କରଣ, ଗିରିଧାରି ଦାସ, ଚଉମୁଖ ବନ ସୁରକ୍ଷା କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅଲିଭ ରିଡ଼ଲେ କଇଁଛ ଛୁଆ ସମୁଦ୍ରକୁ ଛଡା ଯାଇଥିଲା ।

# ୫ ଧନୁ, ୨୧ ଗୋଟି ସର, ୨ଗୋଟି ଟାଙ୍ଗିଆ ସହ ୭ ଗିରଫ

ନୂଆପଡ଼ା(ନିପ୍ର) ନୂଆପଡ଼ା ଜିଲ୍ଲା କୋମନା ବନ ବିଭାଗକୁ ଏକ ବଡ ଧରଣର ସଫଳତା ମିଳିଛି କ୍ଷ ବାରହା ଶିକାର କରି ମାଂସ ଭାଗ ବଂଟା ବେଳେ ବନ ବିଭାଗ ଚଢ଼ାଉ କରି ୭ ଜଣ ଶିକାରୀକୁ ଗିରଫ କରିଛି । ବିଶେଷ ସୂତ୍ର ରୁ ଖବର ପାଇ କୋମନା ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇ ଚଢ଼ାଉ ପ୍ରକ୍ରିୟା ଆରମ୍ଭ କରିଥିଲେ । ତନ୍ମୂଳ ସି ଜଙ୍ଗଲର କମକେଡା ଗାଁ ନିକଟ ଜଙ୍ଗଲରେ ଚଢ଼ାଉ କରିଥିଲେ । ଦୁଇ ଗୋଟି ବାରହା ଶିକାର କରି ମାଂସ ଭାଗ ବଂଟା କରୁ ଥିବା ବେଳେ ଚଢାଉ କରିଥିଲେକ୍ଷ ଘଟଣା ସ୍ଥଳ ରୁ ୭ ଶିକାରୀଙ୍କୁ ଗିରଫ



କରିଥିବା ବେଳେ ବନ୍ୟ ଜନ୍ତୁ ବିଭାର ହୋଇଥିବା ହତିଆର ଜବତ କରିଛନ୍ତି । ଶିକାରୀମାନେ ହେଲେ ସୁକଦେବ ପହରିଆ(୩୩) ତୁକୁଲାପଡ଼ା, ୨ ଜଣ ଇନ୍ଦ୍ରଜ୍ ପହରିଆ (୩୫) ସୁରେଶ ପରାଭୁଏ (୩୭) କାଳିମାଟି, ସହଦେବ ପରାଭୁଏ (୨୩) ତୁକୁଲାପଡ଼ା, ଆରତ ପହରିଆ (ତୁକୁଲାପଡ଼ା, ଲଳିନ୍ଦ୍ର ନାଏକ (୨୬) କାଳିମାଟି ଓ ଛଳକଟା ଶବର ( ୬୫) କମକେଡା ଗାଁର । ଏମାନଙ୍କ ପାଖରୁ ୫ ଗୋଟି ଧନୁ, ୨୧ଟି ଶର, ଦୁଇ ଗୋଟି ଟାଙ୍ଗିଆ, ସହ ଦୁଇ ଗୋଟି ବାରହାର ୪୫ କିଲୋ ଗ୍ରାମ ମାଂସ ଜବତ କରା ଯାଇଛି । ଖଡିଆଳ ବନଖଣ୍ଡ ଏସିଏଫ ମହମ୍ମଦ ମୁସ୍ତଫା ସଲେହା, ରେଞ୍ଜର ଦେବଦତ ସୁତାର, ଫରେଷ୍ଟର ଉତମ ମେହେର, ଫରେଷ୍ଟର ଧର୍ମେନ୍ଦ୍ର ନାଏକ, ବିବେକ ମିର୍ଦ୍ଧା, ଓ୍ୱାଡେନ ପ୍ରମୁଖ ଉପସ୍ଥିତ ଥିଲେ ।

# ଯାଜପୁର ଥାନା ପକ୍ଷରୁ ଜଳଛତ୍ର କେନ୍ଦ୍ର

ଯାଜପୁର(ନିପ୍ର) : ଯାଜପୁର ଥାନା ପକ୍ଷରୁ ଆରମ୍ଭ ହୋଇଯାଇଛି ଜଳ ଛତ୍ର । ରାଜ୍ୟରେ ତିବ୍ର ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ସାଧାରଣ ଲୋକଙ୍କ ସହାୟତା ପାଇଁ ଯାଜପୁର ପୋଲିସ ପକ୍ଷରୁ ନିଆରା ପଦକ୍ଷେପ ନିଆଯାଇଛି । ଯାଜପୁର ଜିଲ୍ଲାରେ ଦିନକୁ ଦିନ ବଢୁଥିବା ତାପମାତ୍ରା ଲୋକମାନଙ୍କ ଜୀବନ ସହଳି ବହୁତ କଷ୍ଟକର କରିଦେଇଛି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଯାଜପୁର ଏସ୍ ପି ଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ଥାନା ପରିସରରେ ଜଳ ଛତ୍ର ବ୍ୟବସ୍ଥା କରାଯାଇଛି । ଏହି ଜଳ ଛତ୍ର ମାଧ୍ୟମରେ ଥାନା ପରିସର ଦେଇ ଆସୁଥିବା ଲୋକମାନେ, ଯାତ୍ରୀ ଓ ପଥଚାରୀମାନେ ମାଗଣାରେ ଶିତଳ ପାଣି ପାଇ ପାଇପାରିବେ ।

## ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢିବା ପରେ ପ୍ରଶାସନ ପକ୍ଷରୁ ବଡ଼ ପଦକ୍ଷେପ

ଯାଜପୁର(ନିପ୍ର) : ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ବଡ଼ ପଦକ୍ଷେପ । ଦଶରଥପୁର ବ୍ଲକର ୪ ଟି ପଂଚାୟତରେ ବୁଲା ବିକାଳି ଓ ଫାଷ୍ଟଫୁଡ଼ ସେଂଟରକୁ ବାରଣ କଲା ବ୍ଲକ ପ୍ରଶାସନ । ବ୍ଲକ ଅନ୍ତର୍ଗତ ଜୟନ୍ତରା, ଚମ୍ପେଇପାଳ, ଇଜାପୁର ଓ ଦଶରଥପୁର ପଂଚାୟତ ଅଂଚଳରେ ଜାରି ହୋଇଛି ଏହି କଟକଣା । ବ୍ଲକ ପ୍ରଶାସନ ଓ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି । ଅନ୍ୟପଟେ ସ୍ୱାସ୍ଥ୍ୟ କର୍ମୀ ଓ ଅଙ୍ଗନବାଡ଼ି କର୍ମୀ ମାନେ ମଧ ଘରକୁ ଘର ବୁଲି ଲୋକ ମାନଙ୍କ ସଚେତନ କରୁଛନ୍ତି ।


No. 10001/136/2627

Government of Odisha
Health & F.W. Department
OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, MAYURBHANJ

**Tender Call Notice**

Advt. No. 3467 / Dt. 08 / 05 /2026

Sealed tenders are invited from interested reputed Travel Agencies/ Tour Operators/ Individuals for providing 04 Nos of AC Petrol/ Disel driven vehicles as mentioned in below table, which shall conform to the terms and conditions (Annexure-A) for official use in Health & FW Department of Mayurbhanj District on monthly basis.

| Sl No. | Category of offices | Vehicles | Maximum monthly hiring charges | Minimum average mileage (KM/LI) | Vehicles require |
|---|---|---|---|---|---|
| 01 | DHH,Baripada/SDH Karanjia/ Udala/ Rairangpur | Bolero/ Ertiga | Rs.37,200/- | 10 | 04 |
| 02 | DHH, Baripada/ for CDM & PHO | Scorpio/ Creta | Rs.44,400/- | 10 | 01 |

The terms & conditions (Annexure-A) and Format for General Information (Annexure-B) can be downloaded from the website http://mayurbhanj.odisha.gov.in/ Interested bidders fulfilling the eligibility criteria may submit their tender separately (with EMD & document as per Term & Condition). The envelop carrying the Tender completed in all respect must be superscribed in capital letter "TENDER FOR HIRING OF VEHICLE FOR O/O CDM & PHO, MAYURBHANJ, BARIPADA" should reach the undersigned on or before 22nd May 2026 by 01.00 PM through Regd/Speed post and shall be opened on 25.5.2026 at 10.00 AM in the office chamber of the undersigned in presence of bidders or their authorized representatives. The undersigned reserves the right to reject any or all the tender(s) without assigning any reason thereof. No tender paper shall be accepted by hand.

OIPR. 10001/10020/1/26-27/0001

Sd/-
CDM&PHO, Mayurbhanj



**AFFIDAVIT**

By virtue of an affidavit sworn before Notary Public, Nilgiri, dated 20.03.2026 I, Laxmidhar Giri, aged about 45 years, S/o- Damodar Giri, Vill- Patanapada, Po- Santaragadia, PS- Nilgiri, Dist- Balasore declare that I have changed my name from Laxmikanta Giri to Laxmidhar Giri. Henceforth, I shall be known as Laxmidhar Giri for all purposes.

Sd/-
Laxmidhar Giri



ଭାରତୀୟ କ୍ରୀଡ଼ା ପ୍ରବନ୍ଧକ
ଭାରତ ସରକାର
କ୍ରୀଡ଼ା ବିଭାଗ
(ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ଅଧୀନରେ ଏକ ସ୍ୱୟଂଶାସିତ ସଂସ୍ଥା)
(ମାନବ ସମ୍ବଳ ବିଭାଗ-II)

ଇଷ୍ଟଗେଟ୍ ସଂଖ୍ୟା-୧୦, ଜେଏନ୍ ଷ୍ଟାଡିୟମ୍ କମ୍ପ୍ଲେକ୍ସ
ଲୋଧିରୋଡ଼, ସିଜିଓ କମ୍ପ୍ଲେକ୍ସ
ନୂଆଦିଲ୍ଲୀ - ୧୧୦୦୦୩

୦୧-୦୪୦୦୧(୦୩)/୧୧/୨୦୨୫- ମୁକରିର ସେଲ / ୨୫୧ ତା:୧୦.୦୪.୨୦୨୬

**ଶୁଦ୍ଧିପତ୍ର**

**ବିଷୟ: ଭାରତୀୟ କ୍ରୀଡା ପ୍ରାଧିକରଣରେ ଡେପୁଟେସନରେ ସହକାରୀ ନିର୍ଦ୍ଦେଶକ (ଢଖ) ପଦବୀରେ ନିଯୁକ୍ତି-ନିବନ୍ଧିତ**

SAI ହେଉଛି ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ (MYAS) ଅଧୀନରେ ଏକ ସ୍ୱୟଂଶାସିତ ସଂଗଠନ ଯାହା ସମାଜ ପଞ୍ଜିକରଣ ଆଇନ, ୧୮୬୦ ଅନୁଯାୟୀ ପଞ୍ଜୀକୃତ, ସହକାରୀ ନିର୍ଦ୍ଦେଶକ ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ଆବେଦନ ଆମନ୍ତ୍ରଣ କରୁଛି । ଡେପୁଟେସନ ଆଧାରରେ ବିଜ୍ଞାପନ ସଂଖ୍ୟା ୦୧-(ଢଖ) ୦୪୦୦୧(୦୩)/୧୧/୨୦୨୫-ନିଯୁକ୍ତି ପ୍ରକୋଷ୍ଠ ୦୧-୦୪୦୦୧(୦୩)/୧୧/୨୦୨୫-ନିଯୁକ୍ତି/ ୧୮୩ ତାରିଖ ୨୫-୦୨-୨୦୨୬ ରେ, ସହକାରୀ ନିର୍ଦ୍ଦେଶକ (OL) ପଦବୀ ପାଇଁ ଆବେଦନ ଦାଖଲ କରିବାର ଶେଷ ତାରିଖ ଏତଦ୍ୱାରା ୧୦-୦୬-୨୦୨୬ (୦୫:୦୦ଘ.) ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଅବଶିଷ୍ଟ ଧାରା ବୈଧ ଏବଂ ଅପରିବର୍ତ୍ତିତ ରହିଛି ।

ଡେପୁଟୀ ନିର୍ଦ୍ଦେଶକ (ମାନବ ସଂଶଧନ ବିଭାଗ-II)
ଭାରତୀୟ କ୍ରୀଡ଼ା ପ୍ରାଧିକରଣ

cbc 47103/11/0008/2627



**AFFIDAVIT**

By virtue of an affidavit sworn before Notary Public, Malkanagiri, Odisha, dated 08.05.2026 I, Gangadhar Batala, aged about 41 years, S/o- Jaysingh Batala, permanent resident of Village- Batiaguda, Po- Birlaxmanpur, PS- Malkanagiri, Dist- Malkanagiri, Pin- 764044 declare that I have changed my minor son name from Laxman Batla to Lakhan Batala. Henceforth, I shall be known as Lakhan Batala for all purposes.

Sd/-
Gangadhar Batala



କ୍ରୀଡ଼ା ପ୍ରାଧିକାରୀ ଭାରତ ସରକାର
ଭାରତ ସରକାର
କ୍ରୀଡ଼ା ବିଭାଗ

(ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ଅଧୀନରେ ଏକ ସ୍ୱୟଂଶାସିତ ସଂସ୍ଥା)
(ମାନବ ସମ୍ବଳ ବିଭାଗ-II)

ଜବାହରଲାଲ ନେହେରୁ ଷ୍ଟାଡିୟମ୍
କମ୍ପ୍ଲେକ୍ସ (ଇଷ୍ଟ ଗେଟ୍-୧୦)
ଲୋଧିରୋଡ଼, ନୂଆଦିଲ୍ଲୀ - ୧୧୦୦୦୩

ଏଫ୍ ନଂ. ୦୧-୦୪୦୦୧(୦୩)/୧/୨୦୨୬ / ୨୬୨ ତା: ୩୦.୦୪.୨୦୨୬



**ଶୁଦ୍ଧିପତ୍ର**





**ଭାରତୀୟ କ୍ରୀଡା ପ୍ରାଧିକରଣରେ ଡେପୁଟେସନ ଆଧାରରେ ସହକାରୀ ନିର୍ଦ୍ଦେଶକ ପଦବୀରେ ନିଯୁକ୍ତି ଆବେଦନ ଦାଖଲର ଶେଷ ତାରିଖ ୧୫ ଦିନ ମଧ୍ୟରେ ବୃଦ୍ଧି ।**

SAI ହେଉଛି ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ (MYAS) ଅଧୀନରେ ଏକ ସ୍ୱାୟତ ସଂଗଠନ ଯାହା ସୋସାଇଟି ପଞ୍ଜିକରଣ ଆଇନ, ୧୮୬୦ ଅଧୀନରେ ପଞ୍ଜିକୃତ, ୨୩-୦୩-୨୦୨୬ ତାରିଖର ଯୁଗ୍ମ ସଂଖ୍ୟାର ବିଜ୍ଞାପନ ଜାରି ରଖି ଡେପୁଟେସନ ଆଧାରରେ ସହକାରୀ ନିର୍ଦ୍ଦେଶକ ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ଆବେଦନ ଆମନ୍ତ୍ରଣ କରୁଛି, ସହକାରୀ ନିର୍ଦ୍ଦେଶକ ପଦବୀ ପାଇଁ ଆବେଦନ ଦାଖଲର ଶେଷ ତାରିଖ ଏତଦବ୍ୟତୀତ ୧୫ ଦିନ (୧୫-୦୫-୨୦୨୬ ପର୍ଯ୍ୟନ୍ତ) (୦୫.୦୦ ଘ.) ବୃଦ୍ଧି କରାଯାଇଛି । ଅବଶିଷ୍ଟ ଧାରା ବୈଧ ।
ସମସ୍ତ ଦିଗରୁ ସମ୍ପୂର୍ଣ୍ଣ ଆବେଦନ ପତ୍ର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ (HRD-II), ରୁମ୍ ନମ୍ବର ୨୧୦ ଦ୍ୱିତୀୟ ମହଲା, ଭାରତୀୟ କ୍ରୀଡ଼ା ପ୍ରାଧିକରଣ, ଜବାହରଲାଲ ନେହେରୁ ଷ୍ଟାଡିୟମ(ଗେଟ୍-୧୦), ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩ ରେ ୧୫-୦୫-୨୦୨୬ ରେ କିମ୍ବା ପୂର୍ବରୁ ପଠାଯିବା ଉଚିତ । ବିବରଣୀ ଏବଂ ଆବେଦନ ଫର୍ମ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟର ୱେବସାଇଟ୍ **www.yas.nic.in** ଏବଂ ଝଇଖ ଅର୍ଥାତ୍ **www.sportsauthorityofindia.nic.in** ରେ ଉପଲବ୍ଧ ।

ଡେପୁଟୀ ନିର୍ଦ୍ଦେଶକ (ଏଚ୍ଆରଡି-II)
ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଭାରତ ସରକାର

cbc 47103/11/0011/2627







*ଆମେ ବିପତିକୁ ଯେତେ ଡରିବା ସେ ଆମକୁସେତିକି ବିବ୍ରତ କରି ପକାଇବ । ଭୟ, ଦୁଃଖ, ଅଜ୍ଞାନକୁ ହଟାଇ ପାରିଲେ ଆମେ ପ୍ରଭୁ କୃପା ଲାଭ କରିପାରିବା ।*

# ଆଜିକାଲି



ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ, ପରଧର୍ମାତ୍ ସ୍ୱନୁଷ୍ଠିତାତ୍ ସ୍ୱଧର୍ମେନିଧନଂ ଶ୍ରେୟଃ, ପରଧର୍ମୋର ଭୟାବହଃ ।
(ଶ୍ରୀମଦ୍ ଭଗବତ୍ ଗୀତା)
ଭାବାର୍ଥ : ନିଜର କୁଳଧର୍ମ ଦୋଷମୁକ୍ତ ହେଲେ ମଧ୍ୟ ନିଜ କୁଳ ଧର୍ମରେ ମରିବା ବରଂ ଶ୍ରେୟ, ପରର କୁଳଧର୍ମ ଶ୍ରେଷ୍ଠ ହେଲେ ମଧ୍ୟ ତାହା ଗ୍ରହଣ କରିବା ଦୋଷମୁକ୍ତ ଅଟେ ।

## ରନ୍ଧନ ଗ୍ୟାସର ଦର ବୃଦ୍ଧି

ଦେଶରେ ବ୍ୟବସାୟିକ ଏଲପିଜିର ମୂଲ୍ୟ ୯୯୩ ଟଙ୍କା ତଥା ୪୮ ପ୍ରତିଶତ ବୃଦ୍ଧି ପାଇ ୧୯କେଜିଆ ସିଲିଣ୍ଡରର ମୂଲ୍ୟ ୩୦୦୦ ଟଙ୍କାକୁ ଅତିକ୍ରମ କରିଛି । ମଧ୍ୟ ପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଇନ୍ଧନ ଆମଦାନୀ ବାଧାପ୍ରାପ୍ତ ହୋଇଥିବା କୁହାଯାଇଥିବା ବେଳେ ସିଲିଣ୍ଡର ପିଛା ଏକକାଳୀନ ପାଖାପାଖି ୧୦୦୦ଟଙ୍କାର ଟଙ୍କା ବୃଦ୍ଧିର ସମୟ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ । ଚାରୋଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଂଚଳ ବିଧାନସଭା ନିର୍ବାଚନ ଶେଷ ହେବାର ଦିନକ ପରେ ଗ୍ୟାସ ଦର ବୃଦ୍ଧି ଯାଂଚ ପାଇଁ ଆମନ୍ତ୍ରଣ କରୁଛି ବୋଲି କୁହାଯାଇପାରିବ । ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଗ୍ୟାସ ଆମଦାନୀ ଗୁରୁତର ଭାବେ ପ୍ରଭାବିତ ହେବ, ଏବଂ ଆମଦାନୀ ପରିବହନ ବ୍ୟୟ ଭାର ବୃଦ୍ଧି ଦର ବୃଦ୍ଧି ପାଇଁ ଚାପ ସୃଷ୍ଟି କରିଛି । କିନ୍ତୁ ନିର୍ବାଚନ ଯୋଗୁଁ ସରକାର ନିଷ୍ପତି ନେଇ ପାରିନଥିଲେ । ଗ୍ୟାସ ଦରବୃଦ୍ଧି ଆକସ୍ମିକ କିମ୍ବା ଅପ୍ରତ୍ୟାଶିତ ନଥିଲା । ଉଲ୍ଲେଖଯୋଗ୍ୟ ଯେ, ଇରାନ-ଆମେରିକା ଯୁଦ୍ଧ ଯୋଗୁଁ ଗଲା କିଛି ସପ୍ତାହ ଧରି ଅଶୋଧିତ ତୈଳର ବ୍ୟାରେଲ ପିଛା ମୂଲ୍ୟ ଆଶାତୀତ ଭାବେ ବୃଦ୍ଧି ପାଇ ଏବେ ୧୦୦ଡଲାର ଅତିକ୍ରମ କରିଛି । ଯୋଗାଣରେ ଅନିଶ୍ଚିତତା ଏବଂ ବଜାରରେ ଅସ୍ଥିରତା ଯୋଗୁଁ ଦରରେ ସଂଶୋଧନ ଅବଶ୍ୟମ୍ଭାବୀ ହୋଇପଡିଥିଲା । ତେଣୁ ଦରବୃଦ୍ଧି ନେଇ ଆଶଙ୍କା କରାଯାଉଥିଲା । କେବଳ ଦରବୃଦ୍ଧିର ସମୟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଘରୋଇ ଗ୍ୟାସର ଦରବୃଦ୍ଧି ଏବେ ଅପରିବର୍ତ୍ତିତ ରହିଛି । ଏବେ ନିର୍ବାଚନ ଫଳାଫଳ ଘୋଷିତ ହୋଇ ସାରିଛି । ତେଣୁ ଯେକୌଣସି ସମୟରେ ଏହାର ମୂଲ୍ୟବୃଦ୍ଧି କିଛି ଅସମ୍ଭବ ନୁହେଁ । କାରଣ ଦେଶର ଗ୍ୟାସ ଯୋଗାଣକାରୀ ସଂସ୍ଥା ତଥା କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଅଧୀନସ୍ଥ ଗ୍ୟାସ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ (ଗେଲ)ର କ୍ଷତି ପରିମାଣ ଦିନକୁ ଦିନ ବଢିଚାଲିଥିବା କୁହାଯାଉଛି । ଏହା ନିସନ୍ଦେହ ଯେ, ଏଲପିଜିର ଦରବୃଦ୍ଧି ପରିବାର ଉପରେ ଆର୍ଥୀକ ବୋଝ ସୃଷ୍ଟି କରିବ । ଗ୍ୟାସ ଆମଦାନୀ ବାଧାପ୍ରାପ୍ତ ହେବା ଯୋଗୁଁ ଏବେ ଦେଶରେ ବୁକିଂ ସମୟସୀମା ୧୪ ଦିନରୁ ସହରାଚଂଳରେ ୧ ମାସ ଓ ଗ୍ରାମାଚଂଳରେ ୪୫ ଦିନକୁ ବୃଦ୍ଧି ପାଇଛି । ଏଥିରୁ ଦେଶରେ ଗ୍ୟାସ ସଂକଟ କେତେ ଯେ, ଉକ୍ତ ସହଜରେ ଅନୁମାନ କରାଯାଇପାରେ । ଦେଶରେ ବ୍ୟବସାୟିକ ଗ୍ୟାସ ବ୍ୟବହାରକାରୀଙ୍କ ସମସ୍ୟା ଦରବୃଦ୍ଧି ପରେ ବଢିଚାଲିଛି । ଏହାର ସିଧାସଳଖ ପ୍ରଭାବ ଭୋଟଦାତା ତଥା ଜନସାଧାରଣ, ବ୍ୟବସାୟ, ରେଷ୍ଟୁରାଂ, ହୋଟେଲ, ଜଳଖିଆ ବ୍ୟବସାୟୀ ଏବଂ ଉଠାଦୋକାନୀଙ୍କ ଉପରେ ପଡିଛି । ହୋଟେଲ ଖାଦ୍ୟ ଏବଂ ଜଳଖିଆର ମୂଲ୍ୟ ବୃଦ୍ଧି ଘଟିଛି । ଯାହାକି ଖାଉଟିଙ୍କ ଅସନ୍ତୋଷକୁ ଉଗ୍ର କରିବାରେ ସହାୟକ ହୋଇଛି । ଗ୍ୟାସ ଦର ବୃଦ୍ଧି ଏବଂ ସଂକଟ ଯୋଗୁଁ ଉଭୟ ବ୍ୟବସାୟୀ ଏବଂ ପରିବାର ଏବେ ପୁରାତନ ରନ୍ଧନ ପଦ୍ଧତି କାଠ ଚୁଲାକୁ ଫେରିଥିବା ଜଣାଯାଏ । ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ହ୍ରାସ ଲାଗି ଦେଶରେ ଉଜ୍ଜ୍ୱଳା ଯୋଜନା ଆରମ୍ଭ ହୋଇଥିଲା । ଏବେ ଏହା ସମ୍ପୂର୍ଣ୍ଣ ବିଫଳ ହୋଇଥିବା କୁହାଯାଇପାରେ । କହିବା ବାହୁଲ୍ୟ ଯେ, ଘରୋଇ ଗ୍ୟାସ ଦର ବୃଦ୍ଧି ଏବେ ସ୍ଥଗିତ ରହିଛି, କିନ୍ତୁ ସମ୍ପୂର୍ଣ୍ଣ ଏଡାଇ ଦିଆଯାଇ ନାହିଁ । ଅନ୍ୟପକ୍ଷରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବେ ତୃତୀୟ ମାସରେ ପହଁଚିଥିବା ବେଳେ ଯୁଦ୍ଧ ଶେଷ ହୋଇନାହିଁ । କେବଳ ସ୍ଥଗିତ ରହିଛି । ଯେଉଁଭଳି ବୟାନବାଜୀ ନେତାମାନଙ୍କ ମଧ୍ୟରେ ଚାଲିଛି, ପୁଣି ଘମାଘୋଟ ଯୁଦ୍ଧ ଆରମ୍ଭ ହୋଇପାରେ । ଯୁଦ୍ଧ ପ୍ରଭାବରୁ ଆମେରିକା ମଧ୍ୟ ବାଦ ପଡିନାହିଁ । ଉଭୟ ପେଟ୍ରୋଲ ଓ ଗ୍ୟାସର ଦର ବୃଦ୍ଧି ପାଇଛି । ଗତ ଫେବୃୟାରୀରେ ପେଟ୍ରୋଲ ଗ୍ୟାଲୋନ ଦର ୨.୯ ଡଲାର ଥିବା ବେଳେ ଏବେ ୪.୪ ଡଲାରକୁ ବୃଦ୍ଧି ପାଇଛି । ସେହିପରି ପେଟ୍ରୋଲ ସଂକଟ ଏବଂ ଦ୍ୱିଗୁଣିତ ଦର ଯୋଗୁଁ ଗତ ୨୫ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଆମେରିକା ଏୟାର ଲାଇନସ୍ ବିମାନ ଉଡାଣ-ସ୍ଥଗିତ ରଖିବାକୁ ବାଧ୍ୟ ହୋଇଛି । ସେହିପରି ଗ୍ୟାସ ସଂକଟ ଯୋଗୁଁ ସାର ଉତ୍ପାଦନ ହ୍ରାସ ପାଇଛି । ଯାହାର ପ୍ରଭାବରେ ଶସ୍ୟ ଉତ୍ପାଦନ ହ୍ରାସ ପାଇବା ସହ ପ୍ରତି ସପ୍ତାହରେ ୧୦ ବିଲିଅନ ମିଲ୍ ଅଭାବ ପଡିବ । ପରିଣତି ସ୍ୱରୂପ ବିଶ୍ୱର ଅତି ଗରିବ ଦେଶର ଲୋକେ ପୁଣି କ୍ଷୁଧା ମଧ୍ୟକୁ ଚାଲିଯିବେ । ଆମ ଦେଶରେ ଯଦି ଘରୋଇ ଗ୍ୟାସ ଅନୁରୂପ ଭାବେ ବୃଦ୍ଧି ପାଏ, ତେବେ ଗରିବ ପରିବାର ଗୁଡିକ ଗୋଟିଏ ଓଳି ଉପବାସରେ ରହିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ।

## ଜନଗଣନା : ଏକ ସାମୁହିକ ଜାତୀୟ ଦାୟିତ୍ୱ - ଏକ ବିଶ୍ଳେଷଣ

◆ ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଜନଗଣନା କହିଲେ ସାଧାରଣତଃ ଆମେ କେବଳ ଲୋକଙ୍କୁ ଗଣିବା ବୋଲି ବୁଝିଥାଉ । କିନ୍ତୁ ପ୍ରକୃତରେ ଏହା ଏକ ଦେଶର ଭବିଷ୍ୟତ ଗଠନର ମୂଳଦୁଆ । ଯେତେବେଳେ ଜଣେ ଜନଗଣନା କର୍ମଚାରୀ ଆମ ଦ୍ୱାର ମୁହଁକୁ ଆସନ୍ତି, ସେ କେବଳ ସରକାରୀ ତଥ୍ୟ ସଂଗ୍ରହ କରନ୍ତି ନାହିଁ, ବରଂ ଆମର ଏବଂ ଆମ ପରବର୍ତ୍ତୀ ପିଢିର ଅଧିକାରକୁ ସୁନିଶ୍ଚିତ କରିବା ପାଇଁ କାମ କରନ୍ତି ।

**★. ଗଣନାକାରୀଙ୍କୁ ସମ୍ମାନ :**
ସେମାନେ ଶତ୍ରୁ ନୁହଁନ୍ତି, ସହାୟକ
ଜନଗଣନା ପାଇଁ ନିୟୋଜିତ କର୍ମଚାରୀ ମାନେ ପ୍ରାୟତଃ ଆମ ପାଖପାଖର ଶିକ୍ଷକ, ସରକାରୀ କର୍ମଚାରୀ କିମ୍ବା ସ୍ୱେଚ୍ଛାସେବୀ ହୋଇଥାନ୍ତି । ସେମାନେ ଖରା, ବର୍ଷା ଓ କଠିନ ପରିଶ୍ରମ କରି ପ୍ରତିଟି ଘର ବୁଲନ୍ତି ।
ଭଦ୍ର ବ୍ୟବହାର : ସେମାନଙ୍କ ସହ ଖରାପ ବ୍ୟବହାର କରିବା କିମ୍ବା ସେମାନଙ୍କୁ ଆକ୍ରମଣ କରିବା ଜାତୀୟ ପ୍ରଗତିରେ ବାଧା ସୃଷ୍ଟି କରିବା ସହ ସମାନ ।
ସୂଚନା ଦେବାରେ ସହଯୋଗ : ସେମାନେ ପଚାରୁଥିବା ପ୍ରଶ୍ନଗୁଡିକ କୌଣସି ବ୍ୟକ୍ତିଗତ ଗୋପନୀୟତାକୁ ନଷ୍ଟ କରିବା ପାଇଁ ନୁହେଁ, ବରଂ ସଠିକ୍ ଯୋଜନା ପ୍ରସ୍ତୁତ କରିବା ପାଇଁ ଉଦ୍ଦିଷ୍ଟ । ସେମାନଙ୍କୁ ସଠିକ୍ ତଥ୍ୟ ଦେବା ଆମର କର୍ତ୍ତବ୍ୟ ।

**★. ସଠିକ୍ ଗଣନା - ସଠିକ୍ ବିକାଶ**
ସରକାର ଆଗାମୀ ୧୦ବର୍ଷ ପାଇଁ ଯେତେବେଳେ କୌଣସି ଯୋଜନା କରନ୍ତି, ତାହା ଜନଗଣନା ତଥ୍ୟ ଉପରେ ଆଧାରିତ ହୋଇଥାଏ ।
**ଶିକ୍ଷା ଓ ସ୍ୱାସ୍ଥ୍ୟ :** ଆପଣଙ୍କ ଅଂଚଳରେ କେତେ ଜଣ ଶିଶୁ ଅଛନ୍ତି, ତାହା ଜାଣିଲେ ହିଁ ସେଠାରେ ନୂଆ ସ୍କୁଲ ବା ଅଙ୍ଗନବାଡି କେନ୍ଦ୍ର ଖୋଲିବ । ସେହିପରି ବୟସ୍କଙ୍କ ସଂଖ୍ୟା ଅନୁସାରେ ଡାକ୍ତରଖାନାର ସୁବିଧା ବୃଦ୍ଧି କରାଯାଏ ।
**★ରାସନ ଓ ସାମାଜିକ ସୁରକ୍ଷା :** ଗରିବ ଓ ମଧ୍ୟବିତ ଶ୍ରେଣୀର ଲୋକଙ୍କ ପାଇଁ ସଠିକ୍ ଖାଦ୍ୟ ସୁରକ୍ଷା ଯୋଜନା ପ୍ରସ୍ତୁତ କରିବାରେ ଏହି ତଥ୍ୟ ସହାୟକ ହୁଏ ।

**★. ଗଣତାନ୍ତ୍ରୀକ ପ୍ରତିନିଧିତ୍ୱ**
ଆମର ଭୋଟ୍ ଦେବାର ଅଧିକାର ଏବଂ ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ ମଧ୍ୟ ଜନସଂଖ୍ୟା ଉପରେ ନିର୍ଭର କରେ । ଯଦି ଆମେ ନିଜକୁ ଗଣନାରୁ ବାଦ୍ ଦେବା, ତେବେ ଆମ ଅଂଚଳରେ ରାଜନୈତିକ ସ୍ୱର ଦୁର୍ବଳ ହୋଇଯିବ । ସଠିକ୍ ଗଣନା ହେଲେ ହିଁ ଆମ ଅଂଚଳ ପାଇଁ ଉପଯୁକ୍ତ ପାଣ୍ଠି ଓ ପ୍ରତିନିଧିତ୍ୱ ମିଳିପାରିବ ।

**★. ଗୋପନୀୟତା ଓ ସୁରକ୍ଷା**
ଅନେକଙ୍କ ମନରେ ଭୟ ଥାଏ ଯେ ସେମାନଙ୍କ ତଥ୍ୟର ଅପବ୍ୟବହାର ହେବ । କିନ୍ତୁ ଗନଗଣନା ଆଇନ ଅନୁଯାୟୀ ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ତଥ୍ୟକୁ ଗୋପନ ରଖିବା ସରକାରଙ୍କ ଦାୟିତ୍ୱ । ଏହି ତଥ୍ୟ କେବଳ ସାମୂହିକ ବିକାଶ ପାଇଁ ବ୍ୟବହୃତ ହୁଏ, କାହାକୁ ବ୍ୟକ୍ତିଗତ ଭାବେ ଟାର୍ଗେଟ୍ କରିବା ପାଇଁ ନୁହେଁ । ଜନଗଣନା ହେଉଛି ଦେଶର ଆତ୍ମଲିପି । ଏଥିରେ ପ୍ରତିଟି ନାଗରିଗଙ୍କ ନାମ ରହିବା ଜରୁରୀ । ଆସନ୍ତୁ, ଜନଗଣନା କର୍ମଚାରୀଙ୍କୁ ସମ୍ମାନ ଦେବା, ସେମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବ ଏବଂ ଜଣେ ସଚେତନ ନାଗରିକ ଭାବେ ଦେଶ ଗଠନରେ ନିଜର ଅବଦାନ ରଖିବା । ମନେ ରଖନ୍ତୁ, ଆପଣଙ୍କର ଗୋଟିଏ ସଠିକ୍ ତଥ୍ୟ ଆସନ୍ତାକାଲିର ସୁନ୍ଦର ଭବିଷ୍ୟତ ଗଢିବାରେ ସାହାଯ୍ୟ କରିବ ।
ଏକ ଜାତୀୟ ଜନଗଣନାକୁ ପ୍ରାୟତଃ ଅମଲାତନ୍ତ୍ରର ଦୃଷ୍ଟିକୋଣରୁ ଦେଖାଯାଏ - ପ୍ରତି ଦଶନ୍ଧିରେ ସରକାରୀ ଅଧିକାରୀମାନେ ଚଢିଥିବା



ଏକ ବିଶାଳ, ଲଜିଷ୍ଟିକ୍ ପର୍ବତ । ଆମେ ଗଣନାକାରୀଙ୍କୁ ସେମାନଙ୍କ କ୍ଲିପବୋର୍ଡ କିମ୍ବା ଟାବଲେଟ ସହିତ ଦେଖୁ, ଆମେ ସାର୍ବଜନୀନ ସେବା ଘୋଷଣା ଶୁଣିଥାଉ, ଏବଂ ଆମର ବ୍ୟସ୍ତ କାର୍ଯ୍ୟସୂଚୀରେ ଅନୁସନ୍ଧାନ ଦେଖି ଆମେ ବିରକ୍ତିର ଝଲକ ମଧ୍ୟ ଅନୁଭବ କରିପାରୁ । ତଥାପି, ଏହି ଦୃଷ୍ଟିକୋଣ ଅଭ୍ୟାସର ଗଭୀର ବାସ୍ତବତାକୁ ହରାଇଥାଏ । ଏକ ଜନଗଣନା କେବଳ ଏକ ସରକାରୀ କାର୍ଯ୍ୟ ନୁହେଁ, ଏହା କାର୍ଯ୍ୟରେ ମୂଳ ସାମାଜିକ ଚୁକ୍ତି । ଏହା ଆତ୍ମପ୍ରତିଫଳନର ଏକ ସାମୂହିକ ମୁହୂର୍ତ୍ତ ଯେଉଁଠାରେ ଏକ ଜାତି ତା'ର ହୃଦସ୍ପନ୍ଦନ ଗଣନା କରିବା ପାଇଁ ଯଥେଷ୍ଟ ସମୟ ପର୍ଯ୍ୟନ୍ତ ସ୍ଥିର ରହିଥାଏ । ଏହାକୁ କେବଳ ପ୍ରଶାସନିକ କାର୍ଯ୍ୟ ଭାବରେ ଦେଖିବା ହେଉଛି ଏକ କାର୍ଯ୍ୟକ୍ଷମ ସମାଜର ସ୍ଥାପତ୍ୟକୁ ଭୁଲ ବୁଝିବା ।
**✸.ମାନବ ଉପାଦାନ :** ବାର୍ତ୍ତାବାହକଙ୍କୁ ସୁରକ୍ଷା ଦେବା ତଥ୍ୟରେ ବୁଡିବା ପୂର୍ବରୁ, ଆମକୁ ଆଗ ଧାଡିରେ ଥିବା ଲୋକମାନଙ୍କୁ ସମ୍ବୋଧିତ କରିବାକୁ ପଡିବ । ଜନଗଣନା ଗଣନାକାରୀମାନଙ୍କୁ ପ୍ରାୟତଃ ଆପଣଙ୍କ ନିଜ ସମ୍ପ୍ରଦାୟର ସଦସ୍ୟ- ଛାତ୍ର, ଅବସରପ୍ରାପ୍ତ କିମ୍ବା ପଡୋଶୀ

> **ଜନଗଣନା କାର୍ଯ୍ୟ କେବଳ ସରକାରୀ କାର୍ଯ୍ୟ ନୁହେଁ, ଏକ ମିଳିତ ଜାତୀୟ ଦାୟିତ୍ୱ**

ଯେଉଁମାନେ ଏକ ଜାତୀୟ ଉଦ୍ଦେଶ୍ୟ ପାଇଁ ଯୋଗଦାନ ଦେବାକୁ ଚାହାଁନ୍ତି । ସେମାନେ ପ୍ରଗତିର ବାର୍ତ୍ତାବହ । ପାରମ୍ପରିକ କ୍ରିୟାରେ ସହାନୂଭତି : ଏହା ମନେ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ଏହି ବ୍ୟକ୍ତିମାନେ ଏକ ନାଗରିକ କର୍ତ୍ତବ୍ୟ ପାଳନ କରୁଛନ୍ତି । ସେମାନେ ନୀତି ନିର୍ମାତା କିମ୍ବା ଟିକସ ସଂଗ୍ରହକାରୀ ନୁହଁନ୍ତି, ସେମାନେ ତଥ୍ୟ ସଂଗ୍ରହକାରୀ । ସୁରକ୍ଷା କାରକ : ଅନେକ ଅଂଚଳରେ ଜନଗଣନା କର୍ମଚାରୀମାନେ ସନ୍ଦେହ କିମ୍ବା ଶତ୍ରୁତାର ସମ୍ମୁଖୀନ ହୁଅନ୍ତି । ଜନଗଣନା କର୍ମଚାରୀଙ୍କୁ ଆକ୍ରମଣ କିମ୍ବା ବାଧା ଦେବା କେବଳ ଜଣେ ବ୍ୟକ୍ତିଙ୍କୁ କ୍ଷତି ପହଁଚାଏ ନାହିଁ, ଏହା ଆପଣଙ୍କ ସମ୍ପ୍ରଦାୟ ଉପରେ ଏକ 'ତଥ୍ୟ ଛାୟା' ସୃଷ୍ଟି କରେ । ଯଦି ଏକ ପଡୋଶୀ ଗଣନାକାରୀଙ୍କ ପାଇଁ ଅସୁରକ୍ଷିତ ହୋଇଥିବାରୁ କମ୍ ଗଣନା କରାଯାଏ, ତେବେ ସେହି ପଡୋଶୀ ପରବର୍ତ୍ତୀ ଦଶ ବର୍ଷ ପାଇଁ ଯୋଜନାବଦ୍ଧ ଭାବରେ ପାଣ୍ଠି ଏବଂ ପ୍ରତିନିଧିତ୍ୱ ହରାଇବ । ସହଯୋଗର ଶକ୍ତି: ଏକ ସରଳ, ଭଦ୍ର ପାରସ୍ପରିକ କ୍ରିୟା ସଠିକତା ସୁନିଶ୍ଚିତ କରେ । ଯେତେବେଳେ ଆମେ ଜନଗଣନା କର୍ମଚାରୀମାନଙ୍କୁ ସମ୍ମାନର ସହିତ ବ୍ୟବହାର କରୁ, ଆମେ ସୂଚନାର ଅଖଣ୍ଡତା କରୁ ଯାହା ଶେଷରେ ଆମର ରାସ୍ତା ନିର୍ମାଣ କରିବ, ଆମର ହସ୍ପିଟାଲକୁ କର୍ମଚାରୀ କରିବ ଏବଂ ଆମ ପିଲାମାନଙ୍କୁ ଖାଦ୍ୟ ଦେବ । ସମ୍ବଳ ଆବଟଂନ ପାଇଁ ବ୍ଲୁପ୍ରିଂଟ ଜନଗଣନାର ସବୁଠାରୁ ତୁରନ୍ତ ପ୍ରଭାବ ସମ୍ପ୍ରଦାୟର ପକେଟବୁକରେ ଅନୁଭୂତ ହୁଏ । ସରକାର ପାଖରେ ଅସୀମ, ସମ୍ବଳ ନାହିଁ, ଆବଶ୍ୟକତା ଅନୁସାରେ ସେମାନେ କେଉଁଠାରେ ନିର୍ମାଣ କରିବେ ଏବଂ କେଉଁଠାରେ ନିବେଶ କରିବେ ତାହା ନିଷ୍ପତି ନେବାକୁ ପଡିବ । କ୍ଷେତ୍ର ଜନଗଣନା ତଥ୍ୟ କିପରି ବ୍ୟବହାର କରାଯାଏ ଶିକ୍ଷା ନୂତନ ସ୍କୁଲ କେଉଁଠାରେ ନିର୍ମାଣ କରିବେ ଏବଂ ଶିକ୍ଷକ-ଛାତ୍ର ଅନୁପାତ କିପରି ଆବଟଂନ କରିବେ ତାହା ନିର୍ଣ୍ଣୟ କରିବା । ସ୍ୱାସ୍ଥ୍ୟସେବା କ୍ଲିନିକ୍ ନିର୍ମାଣ ପାଇଁ ବୃଦ୍ଧମାନେ କେଉଁଠାରେ ରୁହନ୍ତି କିମ୍ବା ଶିଶୁ ବିଭାଗକୁ ପାଣ୍ଠି ଯୋଗାଇବା ପାଇଁ ଯୁବ ପରିବାର କେଉଁଠି ବଢୁଛନ୍ତି ତାହା ମ୍ୟାପିଂ କରିବା । ଭିତ୍ତିଭୂମି ରାଜପଥ ସମ୍ପ୍ରସାରଣ କିମ୍ବା ନୂତନ ସାର୍ବଜନୀନ ପରିବହନ ମାର୍ଗକୁ ଯଥାର୍ଥ କରିବା ପାଇଁ ଟ୍ରାଫିକ୍ ଢାଂଚା ଗଣନା କରିବା । ଜରୁରୀକାଳୀନ ସେବା ଜନସଂଖ୍ୟା କ୍ଲଷ୍ଟର ଉପରେ ଆଧାର କରି ଅଗ୍ନିଶମ ଷ୍ଟେସନ ଏଂବ ପୋଲିସ ପରିସରକୁ ରଣନୀତିକ ଭାବରେ ରଖାଯାଇଥିବା ନିଶ୍ଚିତ କରିବା ।
**✸ନୈତିକ ଏବଂ ନାଗରିକ ଜରୁରୀକାର୍ଯ୍ୟ :** ଏକ ଜାତୀୟ ଜନଗଣନା ଏକ ପରିସଂଖ୍ୟାନଗତ ଅଭ୍ୟାସ କିମ୍ବା ଏକ ବାଧ୍ୟତାମୂଳକ ସରକାରୀ ପ୍ରକଳ୍ପ ଅପେକ୍ଷା ବହୁତ ଅଧିକ । ଏହା ଏକ ଜାତି ଦ୍ୱାରା ଗ୍ରହଣ କରାଯାଇଥିବା ସାମୂହିକ ଆତ୍ମ-ପରିଚୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ । ଏହା ହେଉଛି ସେହି ପ୍ରକ୍ରିୟା ଯାହା ଦ୍ୱାରା ଏକ ଦେଶ ଦର୍ପଣରେ ଦେଖେ ଏବଂ ପଚାରେ ଆମେ କିଏ ? ଆମେ କେଉଁଠି ରହୁ ? ଏବଂ ଆମକୁ ଉନ୍ନତି ପାଇଁ କ'ଣ ଆବଶ୍ୟକ ? ଯେତେବେଳେ ଆମେ ଜନଗଣନାକୁ ଏକ 'ସହଭାଗୀ ଦାୟିତ୍ୱ' ଭାବରେ ଦେଖୁ, ଆମେ ଏକ ଗଣନାର 'ବିଷୟ' ହେବାର ଧାରଣାରୁ ଦୂରେଇ ଯାଉ ଏବଂ ଆମର ନିଜ ଭବିଷ୍ୟତରେ ସକ୍ରିୟ ଅଂଶୀଦାର ହେବା ଆଡକୁ ଗତି କରୁ ।
**✸. ମାନବ ଢାଲ :** ଆମର ଆଗ ଧାଡିର କର୍ମୀମାନଙ୍କୁ ସୁରକ୍ଷା ଦେବା ଜନଗଣନାର ସଫଳତା ସମ୍ପୂର୍ଣ୍ଣ ଭାବରେ ରାସ୍ତାରେ ଯାଉଥିବା ହଜାର ହଜାର ଗଣନାକାରୀଙ୍କ ସୁରକ୍ଷା ଏବଂ ମନୋବଳ ଉପରେ ନିର୍ଭର କରେ । ଏହି ବ୍ୟକ୍ତିମାନେ -ପ୍ରାୟତଃ ଶିକ୍ଷକ, ଛାତ୍ର କିମ୍ବା ସ୍ଥାନୀୟ ବାସିନ୍ଦା-ଲୋକ ଏବଂ ରାଜ୍ୟ ମଧ୍ୟରେ ସେତୁ । ଯତ୍ନର କର୍ତ୍ତବ୍ୟ : ଜନଗଣନା କର୍ମୀଙ୍କୁ ଆକ୍ରମଣ କରିବା, ହଇରାଣ କରିବା କିମ୍ବା ଭୟଭୀତ କରିବା ସମାଜ ଉପରେ ହିଁ ଏକ ଆକ୍ରମଣ । ଯେତେବେଳେ ଜଣେ ଗଣନାକାରୀଙ୍କୁ ଧମକ ଦିଆଯାଏ, ସେହି କ୍ଷେତ୍ରରେ ତଥ୍ୟ ସଂଗ୍ର ବନ୍ଦ ହୋଇଥାଏ । ଏହା ଏକ 'ଡାଟା ମରୁଭୂମି' ଆଡକୁ ନେଇଯାଏ ଯେଉଁଠାରେ ଆପଣଙ୍କ ପଡୋଶୀର ଆବଶ୍ୟକତା ସରକାରଙ୍କ ପାଇଁ ଅଦୃଶ୍ୟ ହୋଇଯାଏ । ନାଗରିକ ସାଜସଜ୍ଜା : ଜଣେ ଗଣକଙ୍କୁ ଦୟା ସହିତ ବ୍ୟବହାର କରିବା ଦେଶପ୍ରେମର ଏକ ସରଳ କାର୍ଯ୍ୟ । ସେମାନେ ଗୁରୁତ୍ୱପୂର୍ଣ୍ଣ ଲଜିଷ୍ଟିକ ଚ୍ୟାଲେଞ୍ଜ ସହିତ ଏକ କଷ୍ଟକର କାର୍ଯ୍ୟ କରୁଛନ୍ତି । ଏକ ସହଯୋଗପୂର୍ଣ୍ଣ ପରିବେଶ ନିଶ୍ଚିତ କରେରେ ଯେ ସଂଗୃହିତ ତଥ୍ୟ ଶୀଘ୍ର ଏବଂ ଅସମ୍ପୂର୍ଣ୍ଣ ହେବା ପରିବର୍ତ୍ତେ ସୂକ୍ଷ୍ମ ଏବଂ ସଠିକ୍ ।
**✸. ଅର୍ଥନୈତିକ ଇଞ୍ଜିନ :** ତଥ୍ୟ କିପରି ସମୃଦ୍ଧିକୁ ଆଗେଇ ନିଏ ଘରୋଇ କ୍ଷେତ୍ର ଜନଗଣନା ତଥ୍ୟ ଉପରେ ସରକାରୀ କ୍ଷେତ୍ର ପରିନିର୍ଭର କରେ । ସହଭାଗୀ ଦାୟିତ୍ୱ ଅର୍ଥ ହେଉଛି ବୁଝିବା ଯେ ଆମର ଅଂଶଗ୍ରହଣ ସ୍ଥାନୀୟ ଅର୍ଥନୀତିକୁ ଇନ୍ଧନ ପ୍ରଦାନ କରେ । ବଜାର ନିର୍ଭରଯୋଗ୍ୟତା : ବଡ ନିଗମ ଏବଂ ଛୋଟ ବ୍ୟବସାୟଗୁଡିକ ନୂତନ ଶାଖା, ଗୋଦାମ କିମ୍ବା କାର୍ଯ୍ୟାଳୟ କେଉଁଠି ଖୋଲିବେ ତାହା ନିଷ୍ପତି ନେବା ପାଇଁ ଜନଗଣନା ଜନସଂଖ୍ୟାଗତିକ ବ୍ୟବହାର କରନ୍ତି । ଯଦି ଏକ ସହରର ଜନସଂଖ୍ୟା କମ ଗଣନା କରାଯାଏ, ତେବେ ଜଣେ ପ୍ରମୁଖ ନିଯୁକ୍ତିଦାତା ନିବେଶ ପାଇଁ 'ଯଥେଷ୍ଟ ବଡ ନୁହେଁ' ଅଂଚଳ ନିଷ୍ପତି ନେଇପାରନ୍ତି, ଯାହା ଫଳରେ ଚାକିରି ସୁଯୋଗ ହରାଇବାକୁ ପଡିଥାଏ । ନିଷ୍କକ୍ଷ ପ୍ରତିଯୋଗିତା : ସଠିକ୍ ତଥ୍ୟ ନିଶ୍ଚିତ କରେ ଯେ ବ୍ୟାଙ୍କ ଶାଖା, କିରାଣା ଦୋକାନ ଏବଂ ଫାର୍ମାସି ଭଳି ସମ୍ବଳଗୁଡିକ ସେହି ସ୍ଥାନରେ ବଂଟନ କରାଯାଏ ଯେଉଁଠାରେ ଲୋକମାନେ ପ୍ରକୃତରେ ରୁହନ୍ତି, ଖାଦ୍ୟ ମରୁଭୂମିକୁ ରୋକିଥାଏ ଏବଂ ସମସ୍ତଙ୍କ ପାଇଁ ବ୍ୟାଙ୍କିଂ ପ୍ରବେଶ ସୁନିଶ୍ଚିତ କରିଥାଏ ।
**✸. ସାମାଜିକ ନ୍ୟାୟ ଏବଂ ଅଦୃଶ୍ୟତା ଫାଶ** ଐତିହାସିକ ଭାବରେ, ସବୁଠାରୁ ଉପେକ୍ଷିତ ଗୋଷ୍ଠୀ- ଗରିବ, ବାସହୀନ ଏବଂ ପ୍ରବାସୀ ଜନସଂଖ୍ୟାକୁ କମ ଗଣନା କରାଯିବାର ସମ୍ଭାବନା ଅଧିକ । ଅଦୃଶ୍ୟତାର ଅନ୍ତ : ଯେତେବେଳେ ଆମେ ଆମ ସମ୍ପ୍ରଦାୟର ସମସ୍ତଙ୍କୁ ଗଣନା କରିବାକୁ ଉତ୍ସାହିତ କରୁ, ଆମେ ସାମାଜିକ ନ୍ୟାୟର ଏକ କାର୍ଯ୍ୟ କରୁ । ଏକ ନିର୍ଦ୍ଦିଷ୍ଟ ଜନସଂଖ୍ୟା ଏକ କମ ଗଣନା ସମଗ୍ର ଦଶନ୍ଧି ପାଇଁ ସେହି ଗୋଷ୍ଠୀକୁ ସେବାର ଏକ ପଦ୍ଧତିଗତ ପ୍ରତ୍ୟାଖ୍ୟାନକୁ ନେଇଯାଏ । ସମାନୁପାତିକତାର ଶକ୍ତି : ଏହା ଏକ ବିଧାନସଭାରେ ଆସନ ବଂଟନ ହେଉ କିମ୍ବା ସଂଘୀୟ ଅନୁଦାନ ବଂଟନ, ସବୁକିଛି ସଂଖ୍ୟା ଉପରେ ଆଧାରିତ । ଯଦି ଏକ ଜିଲ୍ଲାରେ ୧୦,୦୦୦ ଲୋକ ରୁହନ୍ତି କିନ୍ତୁ କେବଳ ୮,୦୦୦ ଗଣନା କରାଯାଏ, ତେବେ ସେହି ଜିଲ୍ଲା ଏହାର ୨୦% ଯଥାର୍ଥ ପାଣ୍ଠି ଏବଂ ରାଜନୈତିକ ପ୍ରଭାବ ହରାଇବ ।
**✸. ଅପ୍ରତ୍ୟାଶିତ ପାଇଁ ଯୋଜନା :** ସଙ୍କଟ ପରିଚାଳନା ଏକ ଜାତୀୟ ସଙ୍କଟ ସମୟରେ ଜନଗଣନାର ଗୁରୁତ୍ୱ ସବୁଠାରୁ ସ୍ପଷ୍ଟ ହୋଇଯାଏ, ଯେପରିକି ମହାମାରୀ କିମ୍ବା ପ୍ରାକୃତିକ ବିପର୍ଯ୍ୟାୟ । ସଙ୍କଟର ପ୍ରକାର ଜନଗଣନା ତଥ୍ୟର ଭୂମିକା ଜନସ୍ୱାସ୍ଥ୍ୟ ଟୀକା ଏବଂ ଔଷଧ ବଂଟନକୁ ପ୍ରାଥମିକତା ଦେବା ପାଇଁ ବୟସ୍କ କିମ୍ବା ଦୁର୍ବଳ ନାଗରିକଙ୍କ ଉଚ୍ଚ ସାନ୍ଦ୍ରତା କେଉଁଠାରେ ରହୁଛି ତାହା ଚିହ୍ନଟ କରିବା । ପ୍ରାକୃତିକ ବିପର୍ଯ୍ୟାୟ ଏକ ନିର୍ଦ୍ଦିଷ୍ଟ ବନ୍ୟା କିମ୍ବା ଅଗ୍ନି ଜନିତ ଅଂଚଳରେ କେତେକ ଲୋକଙ୍କୁ ସ୍ଥାନାନ୍ତର ସହାୟତା ଆବଶ୍ୟକ ତାହା ଜାଣିବାରେ ଜରୁରୀକାଳୀନ ସେବାଗୁଡିକ ସାହାଯ୍ୟ କରିବା । ଆର୍ଥିକ ମାନ୍ଦାବସ୍ଥା ପ୍ରଭାବିତ ପରିବାରର ସର୍ବାଧିକ ଘନତା ଥିବା ଅଂଚଳଗୁଡିକୁ ବେକାରୀ ଲାଭ ଏବଂ ଖାଦ୍ୟ ସହାୟତା ନିର୍ଦ୍ଦେଶିତ କରିବା ।

*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨ ମୋ୯୪୩୭୯୯୪୩୭୯*



## ପୃଥିବୀର ପରିବେଶ ପ୍ରତି ରହିଥିବା ପ୍ରମୁଖ ବିପଦ

◆ବିଷ୍ଣୁ ରଞ୍ଜନ ପାଣିଗ୍ରାହୀ (ଆଇଟିଏସ୍)

*ଜଳବାୟୁ ପରିବର୍ତ୍ତନ :* ଦିନକୁ ଦିନ ପୃଥିବୀର ଜଳବାୟୁ ଅଧିକରୁ ଅଧିକ ଗରମ ହେବାରେ ଲାଗିଛି । ଏହାଫଳରେ ବିଶ୍ୱର ଅନେକ ସ୍ଥାନରେ ମରୁଡ଼ି, ବନ୍ୟା ବିପ୍ଳାତ, ଛୋଟ ବଡ଼ ଝଡ଼ ଆଦି ପ୍ରାକୃତିକ ବିପର୍ଯ୍ୟୟ ଅଧିକରୁ ଅଧିକ ଦେଖିବାକୁ ମିଳୁଛି । ଏପରି ଲାଗି ରହିଲେ ଖୁବ୍ ଶୀଘ୍ର ବିଶ୍ୱରେ ଖାଦ୍ୟ ସଙ୍କଟ ଦେଖାଦେବାର ସମ୍ଭାବନା ରହିଛି । ଯାହାଫଳରେ ପୃଥିବୀକୁ ଏହି ଜଳ ଓ ସ୍ଥଳ ଭାଗର ଭାରସାମ୍ୟରେ ଅସୁବିଧା ହେଲାଣି । *ସମାଧାନ :* ଏହାର ସମାଧାନ ବି ଆମ ହାତରେ ରହିଛି । ସମସ୍ତେ ମିଳିମିଶି ଏହାକୁ ପାଳନ କଲେ କିଛିଟା ଆଶ୍ୱସ୍ତି ମିଳିପାରେ । ରୋଷେଇ କଲାବେଳେ କମ୍ ତାପ ବ୍ୟବହାର କରିବା, ଗାଡ଼ି କମ୍ ଚଲାଇବା, ଏଲଇଡି ବତୀ ବ୍ୟବହାର କରିବା, ମାଛମାଂସ କମ୍ ଖାଇବା ଆଦି କାର୍ଯ୍ୟକ୍ରମକୁ ରାଷ୍ଟ୍ରମାନେ ବ୍ୟକ୍ତିସ୍ତରରୁ ସଚେତନ କରେଇବାର ଦାୟିତ୍ୱ ନେଲେ ଏହାର କିଛି ସଫଳ ସମାଧାନର ସୂତ୍ର ମିଳିପାରନ୍ତା । *ଜଙ୍ଗଲ ଧ୍ୱଂସ :* ପ୍ରଚୁର ପରିମାଣରେ ଜଙ୍ଗଲ କଟା ହେବା ଫଳରେ ଏହା ସିଧାସଳଖ ପୃଥିବୀର ବିଶ୍ୱ ତାପନ ପ୍ରକ୍ରିୟା ଉପରେ ପ୍ରଭାବ ପକାଉଛି । ଯେତେବେଳେ ଜଙ୍ଗଲକୁ ଛାଡ଼ି ଆମେ ବଂଚିବା ଅସମ୍ଭବ ସେତେବେଳେ ଆମେ ଜଙ୍ଗଲ ଧ୍ୱଂସ କରିବାରେ ବ୍ୟସ୍ତ । ଖଣି ଖାଦାନ, କାଠର ଆବଶ୍ୟକତା ମେଂଟାଇବାକୁ ଯାଇ ଆମେ ଜଙ୍ଗଲ ଧ୍ୱଂସ କରିବାରେ ଲାଗି ପଡ଼ିଛୁ ଯାହାକି ଏକ ପ୍ରକାର ଆତ୍ମହତ୍ୟା କରିବାର ପ୍ରୟାସ ଠାରୁ କିଛି କମ୍ ନୁହେଁ । ଯଦି ବୃକ୍ଷରୋପଣ ଓ ନୂତନ ଜଙ୍ଗଲ ସୃଷ୍ଟି କରାନଯାଏ ତେବେ ଆଗାମୀ ୪୦ବର୍ଷ ମଧ୍ୟରେ ବାକି ୫୦ ପ୍ରତିଶତ ମଧ୍ୟ ଶେଷ ହୋଇଯିବ । *ସମାଧାନ :* ବ୍ୟକ୍ତିଗତ ସ୍ତରରୁ ଆରମ୍ଭ କରି ସରକାରୀସ୍ତର ପର୍ଯ୍ୟନ୍ତ ସମସ୍ତେ ଗଛଟିଏ ଲଗାଇବା ଓ ତାର ଯତ୍ନ ନେବା ସହ ନୂତନ ଜଙ୍ଗଲ ସୃଷ୍ଟି କରିବା ନିହାତି ଆବଶ୍ୟକ । ଆଜିର ଏହି ସଙ୍କଟମୟ ସ୍ଥିତିରେ ରାଜନୈତିକ ଇଚ୍ଛାଶକ୍ତି ବୃଦ୍ଧି ଓ ସଚେତନତା ସୃଷ୍ଟି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅସାଧୁ କାଠ ବ୍ୟବସାୟୀ ମାନଙ୍କୁ କଠୋର ଦଣ୍ଡ ମିଳିଲେ ଏମିତି ସଙ୍କଟରୁ ଉଦ୍ଧାର ମିଳିପାରେ ।



*ପ୍ରଦୂଷଣ :* ଆପଣ ଯେଉଁଠି ବି ଥାଆନ୍ତୁ, ପ୍ରଦୂଷଣ ଯେ କୌଣସି ପ୍ରକାରେ ଆପଣଙ୍କ ନିକଟରେ ପହଂଚିବାଟା ଧାର୍ଯ୍ୟ । ଆମର ଦୈନନ୍ଦିନ ଜୀବନରେ ଯେବେଠୁ ପ୍ଲାଷ୍ଟିକର ବ୍ୟବହାର ଆରମ୍ଭ ହେଲାଣି ସେବେଠୁ ଏହା ପରିବେଶ ପ୍ରଦୂଷଣର ଏକ ପ୍ରମୁଖ କାରଣ ହୋଇ ଠିଆ ହୋଇଛି । ଆଧୁନିକ ଚଳଣୀରେ ପଲିଥିନ୍ ବା ଜରିର ପ୍ରଚଳନ ସବୁ ପ୍ରଦୂଷଣକୁ ଟପି ଯାଇଛି । ଏହାର ଧୂଆଁ ଓ ମାଟିରେ ମିଶି ନପାରିବାର ଗୁଣବତା ପରିବେଶ ପାଇଁ କାଳ ହୋଇଛି । *ଜୈବ ବିବିଧତା :* ଆମେ ବସବାସ କରୁଥିବା ଗ୍ରହ ପୃଥିବୀରେ ବାସ କରୁଥିବା ପ୍ରତିଟି ଜୀବର ପ୍ରକୃତି ପ୍ରତି କିଛି ନା କିଛି ଅବଦାନ ରହିଛି । ଖାଦ୍ୟ ଓ ଖାଦକ ପ୍ରକ୍ରିୟାରେ ଜଣେ ଅନ୍ୟଜଣକ ଉପରେ ନିର୍ଭରଶୀଳ । ଯଦି କୌଣସି କାରଣରୁ ଜଣକର ବଂଶ ଲୋପ ପାଏ, ତେବେ ଅନ୍ୟଟିର ବଂଚିବା ଅସହ୍ୟ ହୋଇପଡ଼େ । ଏହି ପ୍ରକ୍ରିୟାରେ ପ୍ରଜାପତି ଓ ମହୁମାଛିଙ୍କର ସଂଖ୍ୟାରେ ହ୍ରାସ ହେବା ମଣିଷ ସମାଜ ପ୍ରତି ପରିବେଶର ଏକ ସତର୍କ ସୂଚନା । *ବରଫ ତରଳିବା :* ବିଶ୍ୱ ତାପନ ଯୋଗୁଁ ବରଫ ପାଲଟିଥିବା ସମୁଦ୍ରର ପାଣି ତରଳିବା ଦ୍ୱାରା ସମୁଦ୍ର ପତନ ବୃଦ୍ଧି ପରିବେଶ ପାଇଁ ଯେତିକି ବିପଦ ସାଜିଛି ତାଠାରୁ ଆହୁରି ବିପଦ ଭାବେ ଉଭା ହୋଇଛି ପୃଥିବୀର ସୁମେରୁବୃତ ଅଂଚଳର ବରଫ ତରଳିବା । ଏନ୍.ଆର.ସି.ଡ଼ି. ପକ୍ଷରୁ ଜଣାଯାଇଛି ଯେ ଆଂଟାର୍କଟିକା ଅଂଚଳର ଜଳସ୍ତର ଦୁଇଗୁଣା ବୃଦ୍ଧି ପାଇଛି । *ସମାଧାନ :* ବିଶ୍ୱ ତାପନ ପ୍ରକ୍ରିୟାକୁ ନିୟନ୍ତ୍ରଣରେ ରଖିବା ଏହାର ଏକମାତ୍ର ସମାଧାନର ପନ୍ଥା । *ମୃତ ସାମୁଦ୍ରିକ କ୍ଷେତ୍ର :* ସମୁଦ୍ର ଉପକୂଳବର୍ତ୍ତୀ ଅଂଚଳମାନଙ୍କରେ ଅନେକ ମୃତ ସାମୁଦ୍ରିକ ଅଂଚଳ ସୃଷ୍ଟି ହୋଇ ଥିବାର ବୈଜ୍ଞାନିକମାନେ ଲକ୍ଷ୍ୟ କରିଛନ୍ତି । ଯେଉଁଠି ଅମ୍ଳଜାନ ସୃଷ୍ଟି ହେବାରେ ବାଧା ଉପୁଜେ ତାହାକୁ ମୃତ ସାମୁଦ୍ରିକ ଅଂଚଳ କୁହାଯାଇଥାଏ । ସମଗ୍ର ବିଶ୍ୱରେ ଏହିପରି ୧୪୬ଟି ମୃତ ସାମୁଦ୍ରିକ ଅଂଚଳ ଠାବ କରାଯାଇଛି । ରାସାୟନିକ ସାରର କମ୍ ପ୍ରୟୋଗ ଫଳରେ ଏହି ଅଂଚଳ ୧୯୯୧ ଓ ୨୦୦୧ ମସିହାରେ ତାର ପୂର୍ବାବସ୍ଥାକୁ ଫେରି ଆସିଥିଲା । *ଜନସଂଖ୍ୟା ବୃଦ୍ଧିର ବିସ୍ଫୋରଣ :* ଜନସଂଖ୍ୟା ବୃଦ୍ଧି ବିଶ୍ୱ ପରିବେଶ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି । ଏବେ ଆମ ପୃଥିବୀରୁ ଜନସଂଖ୍ୟା ସାତ ବିଲିୟନ୍‌ରେ ପହଂଚି ଯାଇଛି । ଏହା ଏତେ ମାତ୍ରାରେ ବଢୁଛି ଯେ ଆଉକିଛି ଦିନ ପରେ କୌଣସି ସମାଜ ବା ନିୟମ ଏହାକୁ ନିୟନ୍ତ୍ରଣରେ ରଖିବା କଷ୍ଟକର ହେବ । *ଭାରତର ସ୍ଥିତି ଉଦ୍‌ବେଗଜନକ :* ବିଶ୍ୱର ପରିବେଶର ଚିତ୍ର କେତେ ଯେ ବିପଦଜନକ ଓ ସଙ୍କଟମୟ ଏକଥା ଜାଣିଲା ପରେ ଆମ ଦେଶ ଭାରତର ସ୍ଥିତି ଏ ଦିଗରେ ଉତ୍ସାହ ରହିବା ସ୍ୱାଭାବିକ । *ପବନ :* ବାୟୁ ପ୍ରଦୂଷଣ ଆମ ଦେଶର ଏକ ଗମ୍ଭୀର ବିଷୟ । ରୋଷେଇ ପାଇଁ ବ୍ୟବହୃତ ଜାଳେଣି ବାୟୁ ପ୍ରଦୂଷଣର ମୁଖ୍ୟ ସମସ୍ୟା ଭାବେ ଦେଖାଦେଇଛି । ଏହାବାଦ୍ ଶରତ ଋତୁରେ କୃଷି କାର୍ଯ୍ୟ ସରିବା ପରେ ଜମିରେ ଥିବା ନଡ଼ା ବା ଧାନ, ଗହମ ଓ ମକା ଗଛର ଅବଶେଷକୁ ଜାଳିବା ଦ୍ୱାରା ଆମ ଦେଶରେ ପବନ ବେଶି ପ୍ରଦୂଷିତ ହୋଇଥାଏ ବୋଲି ପରିବେଶବିତ୍ ମାନେ ମତବ୍ୟକ୍ତ କରିଥାନ୍ତି । ୧୯୮୧ ମସିହାରେ ଲାଗୁ କରାଯାଇଥିବା ବାୟୁ ପ୍ରଦୂଷଣ ଅଧି ନିୟମ ଫଳରେ କିଛିଟା ସଫଳତା ମିଳିଛି । ତଥାପି ୨୦୨୧ ମସିହା ସୁଦ୍ଧା ବିଶ୍ୱ ବାୟୁପ୍ରଦୂଷଣ କ୍ଷେତ୍ରରେ ବିଶ୍ୱର ୧୮୦ ଦେଶ ମଧ୍ୟରୁ ଭାରତର ସ୍ଥାନ ୧୪୧ରେ ରହିଛି । *ଜଳ ପ୍ରଦୂଷଣ :* ଭାରତବର୍ଷରେ ଜଳକଷ୍ଟ ଓ ଜଳ ପ୍ରଦୂଷଣ ବି ଆଉ ଏକ ବଡ଼ ସମସ୍ୟା । ଏହି ସମସ୍ୟାର ପ୍ରମୁଖ କାରଣ ହେଉଛି ଏହାର ଖୋଲାମେଲା ନାଳ, ନର୍ଦ୍ଦମା ଓ ଏହାର ଉଦାସୀନ ଜଳ ନିଷ୍କାସନ ପଦ୍ଧତି । କଳ-କାରଖାନାରୁ ବାହାରୁଥିବା ବିଷାକ୍ତ ଓ ଦୂଷିତ ଜଳ ନଦୀ, ନାଳ ଓ ସମୁଦ୍ରରେ ମିଶିବା ଦ୍ୱାରା ଜଳ ପ୍ରଦୂଷିତ ହୁଏ । *ମୃତିକାକ୍ଷୟ ଓ ପ୍ରଦୂଷଣ :* ଆମ ଦେଶ ଭାରତର ଆଉ ଏକ ପ୍ରମୁଖ ପରିବେଶ ପ୍ରଦୂଷଣଜନିତ ବିପଦ ହେଉଛି ମୃତିକାକ୍ଷୟ । ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପନ ପ୍ରକ୍ରିୟା ଫଳରେ ଅନିୟମିତ ସ୍ୱଳ୍ପ ବର୍ଷା ମରୁଡ଼ି ଡାକି ଆଣୁଥିବା ବେଳେ କେତେବେଳେ ଏହାର ଭୟଙ୍କର ରୂପ ପ୍ରବଳ ବର୍ଷାର ରୂପ ଧରି ଭୟଙ୍କର ବନ୍ୟା ବିପତିକୁ ଡାକି ଆଣୁଛି । ଫଳରେ ନଦୀ ଓ ସମୁଦ୍ର ତଟବର୍ତ୍ତୀ ଅଂଚଳରେ ମୃତିକାକ୍ଷୟ ହୋଇ ସମୁଦ୍ରରେ ମିଶୁଛି । ୧୯୯୫ରୁ ୨୦୧୦ ମଧ୍ୟରେ ଭାରତ ପରିବେଶ ପ୍ରଦୂଷଣ କ୍ଷେତ୍ରରେ ବ୍ୟାପକ ଉନ୍ନତି କରିଥିଲେ ମଧ୍ୟ ଆଜି ବି ଏହାର ସଙ୍କଟମୟ ପରିସ୍ଥିତି ମଧ୍ୟରେ ଗତି କରୁଛି । ବିଶେଷକରି ଉପକୂଳବର୍ତ୍ତୀ ଅଂଚଳମାନଙ୍କରେ ଥିବା ଓ ମୃତିକାକ୍ଷୟକୁ ପ୍ରତିରୋଧ କରୁଥିବା ଉପକାରୀ ଜଙ୍ଗଲ ଧ୍ୱଂସ ହେବା ଯୋଗୁଁ ଏବଂ ଏହି ସବୁ ଜଙ୍ଗଲର ପୁନଃ ସୃଷ୍ଟି ନ ହୋଇ ପାରିବା କାରଣରୁ ମୃତିକାକ୍ଷୟ ଭଳି ଗୁରୁତର ସମସ୍ୟା ସୃଷ୍ଟି ହୋଇଛି । ଭାରତର ସମୁଦ୍ରତଟବର୍ତ୍ତୀ ରାଜ୍ୟମାନଙ୍କରେ ମୃତିକାକ୍ଷୟ ଘଟି ଅନେକ ଗ୍ରାମ ନିଶ୍ଚିହ୍ନ ହୋଇଯିବାର ଦୃଷ୍ଟାନ୍ତ କିଛି କମ୍ ନୁହେଁ । ଓଡ଼ିଶାରେ ୧୯୯୯ ମହାବାତ୍ୟାର କରାଳ ରୂପ ପ୍ରତ୍ୟକ୍ଷ ଅନୁଭବ ହିଁ ଜାଣିଛି । ପରିବେଶ ପ୍ରଦୂଷଣ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱ ପାଇଁ ଏକ ଚରମ ଚେତାବନୀ । ପ୍ରତି ମୁହୂର୍ତ୍ତରେ ଓ ପ୍ରତିଟି ବିଶ୍ୱବାସୀ ଯଦି ଏହି ଗମ୍ଭୀର ଓ ଗଭୀର ବିଷୟ ପ୍ରତି ସଚେତନ ନହେବେ, ତେବେ ଆମ ଏ ସୁନ୍ଦର ପୃଥିବୀ ଖୁବ୍ ଶୀଘ୍ର ତାର ଅସ୍ତିତ୍ୱ ହରାଇବ ଏଥିରେ ତିଳେମାତ୍ରେ ସନ୍ଦେହର ଅବକାଶ ନାହିଁ ।

*ମହାପ୍ରବନ୍ଧକ (ବିଏସଏନଏଲ), ଭୁବନେଶ୍ୱର : ୯୪୩୭୦୫୧୦୮୮*

## ବୈଶାଖୀ ପରମ୍ପରାରେ ରହିଛି ଓଡ଼ିଆ ଜାତିର ଜୀବନବୋଧ

# ଦଶଦିନିଆ ଭଦ୍ରକ ବୈଶାଖୀ ମେଳା ଉଦ୍‌ଯାପିତ

ଭଦ୍ରକ :ଉତ୍କଳୀୟ ସାଂସ୍କୃତିକ ପ୍ରାଣକେନ୍ଦ୍ର ଭଦ୍ରକ ସହରରେ ସ୍ଥାନୀୟ ନେହେରୁ ପଡ଼ିଆ ପରିସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଦୀର୍ଘ ଦଶଦିନ ଧରି ଚାଲିଥିବା 'ବୈଶାଖୀ ମେଳା' ଉଦ୍‌ଯାପିତ ହୋଇ ଯାଇଛି । ଏହି ଅବସରରେ ମେଳା କମିଟି ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ 'ଉତ୍କଳୀୟ ସଂସ୍କୃତିରେ ବୈଶାଖୀ' ପ୍ରସଙ୍ଗ ଉପରେ ଏକ ସାରଗର୍ଭକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ମୁଖ୍ୟବକ୍ତା ଭାବେ ଓଡ଼ିଶା ସୁପରିଚିତ ଆଧ୍ୟାତ୍ମିକ ପ୍ରବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଉତ୍କଳୀୟ ପରମ୍ପରାରେ ବୈଶାଖ ମାସର ପବିତ୍ରତା, ଧାର୍ମିକତା ଓ ଆଧ୍ୟାତ୍ମିକତା ଉପରେ ଆଲୋକପାତ କରିବା ସହ ସମ୍ମିଳିତ ହେବାରେ ଜୀବନର ସାର୍ଥକତା ଥାଏ ବୋଲି କହିଥିଲେ । ମୁଖ୍ୟ ଅତିଥି ଭାବେ ଭଦ୍ରକ ଓକିଲ ସଂଘର ସଭାପତି ବରୁଣ ଚାନ୍ଦ ଯୋଗଦେଇ ବୈଶାଖ କେବଳ ଏକ ଋତୁ ପରିବର୍ତ୍ତନର ସଙ୍କେତ ନୁହେଁ, ବରଂ ଏହା ଆମ ଜୀବନ, ଜୀବିକା ଓ ଶ୍ରଦ୍ଧାପୂର୍ଣ୍ଣ ଚେତନା ସହ ସଂଶ୍ଳିଷ୍ଟ ବୋଲି ମତବ୍ୟକ୍ତ କରିଥିଲେ । ବରେଣ୍ୟ ଅତିଥି ଭାବେ ଭଦ୍ରକ ଓକିଲ ସଂଘ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ବୈଶାଖୀ ସ୍ୱରରେ ଆମ ମାଟି ଓ ମନ ମହକିତ ହୋଇଛି ବୋଲି ମତପ୍ରକାଶ କରିଥିଲେ । ମେଳା କମିଟି ସଦସ୍ୟ ଅଧିବକ୍ତା ଗଦାଧର ବଳ, ଇଂ. ଅମ୍ବିକା ସ୍ୱାଇଁ, ସମ୍ପାଦକ ରୂପକ ବିହାରୀ ରାୟ, ସଦସ୍ୟା ବସୁମିତ୍ରା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତ୍ୟାଗଭୂମି ସମ୍ପାଦକ ଅଧିବକ୍ତା ଗଦାଧର ବଳ, ସୁଧାକର ରାଉତ, ଅଶୋକ ଦ୍ୱିବେଦୀ, ଶାନ୍ତିଲତା ନାୟକ, ବସୁମିତ୍ରା ସାହୁ, ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ, ମନୋରଞ୍ଜନ ଦାସ, ପଦ୍ମନ ରାୟ, ସୁଧାକର ରାଉତ, ଉମାକାନ୍ତ ପାଳ, ମଦନ ମୋହନ ନାୟକ, ମୁକ୍ତିକାନ୍ତ ନାୟକ, ବୈଲୋଚନ ବେହୁରିଆ, କୈଳାସ ମହାପାତ୍ର, ଅଶୋକ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ । ବୈଶାଖୀ ମଳର ସମ୍ପାଦକ ରୂପକ ବିହାରୀ ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ସଭାପତି ଶ୍ରୀ ନାୟକ ଭବ୍ୟ ମେଳା ଆୟୋଜନରେ ସହଯୋଗ କରିଥିବା ବ୍ୟକ୍ତିବିଶେଷ, ବିଭିନ୍ନ ସଂସ୍ଥା, ଜିଲ୍ଲା ପ୍ରଶାସନ ଓ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ଦିନରେ ଏହି ମେଳାକୁ ଆହୁରି ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ । ଶେଷରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା, ଯାହା ଦର୍ଶକଙ୍କୁ ବିମୋହିତ କରିଥିଲା । ଭଦ୍ରକର ଏହି ଭବ୍ୟ ଆୟୋଜନ ସହରର ସାଂସ୍କୃତିକ ଏକତାକୁ ଜାଗରୁକ କରିଛି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଥିଲା ।

## ଓଡ଼ିଆ ଭାଷା ବ୍ୟବହାର ସମ୍ବନ୍ଧୀୟ

# ଦୁଇ ଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର

କନ୍ଧମାଳ : (ହି.ସ.) କନ୍ଧମାଳ ଜିଲ୍ଲାର ଫୁଲବାଣୀ ସ୍ଥିତ ପଂଚାୟତ ଭବନ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲା ପ୍ରଶାସନ ଓ ଓଡ଼ିଆ ଭାଷା ପ୍ରତିଷ୍ଠାନ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଓଡ଼ିଆ ଭାଷା ବ୍ୟବହାର ସମ୍ବନ୍ଧୀୟ ଦୁଇ ଦିନିଆ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ବେଦଭୂଷଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦଘାଟନ କରିବା ସହିତ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟାପକ ପ୍ରୟୋଗର ଆବଶ୍ୟକତା ଉପରେ ଜୋର ଦେଇ ଥିଲେ । ସମସ୍ତ ବିଭାଗୀୟ କର୍ମଚାରୀ ମାନଙ୍କୁ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ର ପ୍ରତିଶତ ମାତ୍ରା କୁ ବଢ଼ାଇବାକୁ ତଥା କର୍ମଚାରୀ ମାନଙ୍କ ଓଡ଼ିଆ ଭାଷାରେ କାର୍ଯ୍ୟଦକ୍ଷତା ବୃଦ୍ଧି ନିମନ୍ତେ ଏହି ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଅଛି ବୋଲି ମତ ବ୍ୟକ୍ତ କରିଥିଲେ ।ସମ୍ମାନିତ ଅତିଥି ଭାବେ ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ପ୍ରବୀଣ କୁମାର ବାଣୁଆ ଏବଂ ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ନରେନ୍ଦ୍ର ନାୟକ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ରାଜ୍ୟର ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟାପକ ପ୍ରୟୋଗ ଦ୍ୱାରା ଲୋକମାନଙ୍କ ସହିତ ସରକାରୀ ସମ୍ପର୍କ ଆହୁରି ସୁଦୃଢ଼ ହେବ । ଏହି ପ୍ରଶିକ୍ଷଣ ଶିବିର କର୍ମଚାରୀମାନଙ୍କୁ ଓଡ଼ିଆ ଭାଷାର ସଠିକ୍ ବ୍ୟବହାର ପ୍ରତି ସଚେତନ କରିବାରେ ସହାୟକ ହେବ ବୋଲି ସେମାନେ ମତ ପ୍ରକାଶ କରିଥିଲେ । ମୁଖ୍ୟ ଉଦ୍ଦେଶ୍ୟ ଥିଲା ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାର ସଠିକ୍ ଓ ସଂପୂର୍ଣ୍ଣ ବ୍ୟବହାରକୁ ଉତ୍ସାହିତ କରିବା । ଶିବିରରେ ଓଡିଆ ଭାଷା ବିଶେଷଜ୍ଞ ମନୋରଞ୍ଜନ ପାଣିଗ୍ରାହୀ ଏବଂ ଡଃ ସଞ୍ଜୟ କୁମାର ପଣ୍ଡା ଯୋଗ ଦେଇ ପ୍ରଶାସନିକ କାର୍ଯ୍ୟରେ ଓଡିଆ ଭାଷାର ବ୍ୟବହାର ପାଇଁ ପ୍ରୋତ୍ସାହନ ଏବଂ ଅନୁଷ୍ଠିତ ବୈଠକର ବିବରଣୀ, ଶବ୍ଦଭଣ୍ଡାର ବ୍ୟବହାରିକ ରୂପ, ଓଡିଆ ଲେଖନର ସାଧାରଣ ଭ୍ରାନ୍ତି ନିରାକରଣ, ସରକାରୀ କାର୍ଯ୍ୟରେ ଓଡିଆ ଭାଷାର ବ୍ୟବହାର ସମସ୍ୟା ଓ ସମାଧାନ ଓଡିଆରେ କାର୍ଯ୍ୟାଳୟ ପତ୍ର ବିନିମୟ ଏବଂ ଯୋଗଯୋଗ କ୍ଷେତ୍ରରେ ପାରଦର୍ଶିତା ବୃଦ୍ଧି, ଇଂରାଜୀରୁ ଓଡିଆ ଟିପ୍ପଣୀ/ ଚିଠା ଓ ଆଦେଶନାମା, ଅନୁବାଦ ଇତ୍ୟାଦି ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଓଡିଆ ଭାଷା ପ୍ରତିଷ୍ଠାନର ସ୍ୱତନ୍ତ୍ର କର୍ତବ୍ୟରତ ଅଧିକାରୀ ଡ଼ ସିଦ୍ଧାର୍ଥ ଶଙ୍କର ପାଢୀ ସଂଯୋଜନା କରିଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ନଳିନୀକାନ୍ତ ସାହୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗର ୧୭୦ ରୁ ଉର୍ଦ୍ଧ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ଏବଂ ସମସ୍ତଙ୍କୁ ପ୍ରଶାସନିକ ଶବ୍ଦକୋଷ, କାର୍ଯ୍ୟାଳୟ ନଥି ଓ ପ୍ରଶିକ୍ଷଣ ପୁସ୍ତିକା ଆଦି ସରଞ୍ଜାମ ପ୍ରଦାନ କରାଯାଇଥିଲା ।

# ଭାରତ ସ୍କାଉଟ ଗାଇଡ୍ ତରଫରୁ ଭର୍ଚୁଆଲ ମୋଡ୍‌ରେ

## ଅନୁଷ୍ଠିତ ହେଲା ରାଜ୍ୟ ପ୍ରୋଗ୍ରାମ ଏବଂ ଟ୍ରେନିଙ୍ଗ ବୈଠକ



ଭୁବନେଶ୍ୱର : ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂସ୍ଥାର ରାଜ୍ୟ ପ୍ରୋଗ୍ରାମ ଏବଂ ଟ୍ରେନିଙ୍ଗ୍ ବୈଠକ ଅନ୍‌ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହୋଇଅଛି । ଏହି ପ୍ରୋଗ୍ରାମ ଏବଂ ଟ୍ରେନିଙ୍ଗ୍ କମଟି ବୈଠକରେ ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ. କାଳିପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭିନ୍ନ ଜିଲ୍ଲାରୁ ଯୋଗଦେଇଥିବା ଜିଲ୍ଲା ସଂଗଠନ କମିଶନର ତଥା ଜିଲ୍ଲା ତାଲିମ କମିଶନରମାନେ ବିଗତ ବର୍ଷରେ ହୋଇଥିବା କାର୍ଯ୍ୟକ୍ରମ, ତାଲିମ ଏବଂ ଆସନ୍ତା ବର୍ଷ ହେବାକୁ ଥିବା କାର୍ଯ୍ୟକ୍ରମ ଏବଂ ତାଲିମ୍ ବିଷୟରେ ରାଜ୍ୟ ମୁଖ୍ୟ କମିଶନର ଡଃ. ମିଶ୍ରଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ରାଜ୍ୟ ଯୁଗ୍ମ ସମ୍ପାଦକ ଶ୍ରୀମତୀ ଅନାମିକା ଦାସ ଆଗକୁ ରାଜ୍ୟ ମୁଖ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ତାଲିମ୍ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହି ବୈଠକକୁ ରାଜ୍ୟ ଯୁଗ୍ମ ସମ୍ପାଦକ ଶ୍ରୀ ମିହିର ରଞ୍ଜନ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ରାଜ୍ୟ ତାଲିମ କମିଶନର (ଗାଇଡ୍) ଶ୍ରୀମତୀ ଅନୁସୂୟା ସୁନ୍ଦରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଘରୋଇ ହିଂସା ନିରାକରଣ ପାଇଁ ନେସନାଲ ଲ' ୟୁନିଭରସିଟିର ପରାମର୍ଶ ବୈଠକ

ବୌଦ୍ଧ : (ହି.ସ.) – ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଏବଂ ନେଦରଲ୍ୟାଣ୍ଡ ସରକାରଙ୍କ ଦୂତାବାସର ମିଳିତ ଆନୁକୂଲ୍ୟରେ ଆଜି ପୂର୍ବାହ୍ନରେ ସ୍ୱାସ୍ଥ୍ୟ ବିଭାଗର ଜିଲ୍ଲା ତାଲିମ୍ କେନ୍ଦ୍ର ଠାରେ ବୌଦ୍ଧ, ସୋନପୁର ଓ କନ୍ଧମାଳ ଜିଲ୍ଲାକୁ ନେଇ ଏକ ସମୁଦାୟ ସ୍ତରୀୟ ହିତାଧିକାରୀ ଅଂଶୀଦାର ମାନଙ୍କ ସହିତ ପରାମର୍ଶ କେନ୍ଦ୍ରିତ ଆଲୋଚନା ବୈଠକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ଓଡ଼ିଶାର କାର୍ଯ୍ୟକ୍ରମ ପରିଚାଳକ ରାଜ କିଶୋର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ ଏବଂ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ । ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ମହେନ୍ଦ୍ର କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ବୌଦ୍ଧ ଜିଲ୍ଲା ପୋଲିସ ଡିଏସ୍ ପି ସ୍ମିତା ସୁବାସିନୀ ଟେଟେ, ସରକାରୀ ମେଡିକାଲ ଅଫିସର୍ ଡଃ ନାରାୟଣ ପଶାୟତ, ଡଃ ଅମିତାଭ ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟର ସହକାରୀ ପ୍ରବନ୍ଧକ ମୃତ୍ୟୁଞ୍ଜୟ ଭୁଜବଳ ଅତିଥି ରୂପେ ଯୋଗଦାନ କରିଥିଲେ । ଘରୋଇ ହିଂସା ଏବଂ ଶୋଷଣ ବିରୁଦ୍ଧରେ ମହିଳାମାନଙ୍କୁ ସୁରକ୍ଷା ଦେବାରେ ଏବଂ ଘରୋଇ ହିଂସାକୁ ସମାଧାନ କରିବାରେ ବିଦ୍ୟମାନ ବ୍ୟବସ୍ଥା ଓ ବିଭିନ୍ନ ଅନୁଷ୍ଠାନ କିପରି ସାହାଯ୍ୟ କରୁଛି ସେ ବିଷୟରେ ଅତିଥିମାନେ ଅବଗତ କରାଇଥିଲେ । ଆତ୍ମ ନିର୍ଭର ଓ ସଚେତନ ହେଲେ ନାରୀ ସୁରକ୍ଷିତ ହେବେ, ନାରୀମାନେ ଯଦି ଶିକ୍ଷିତ, ସ୍ୱାବଲମ୍ବୀ ହୁଅନ୍ତି ତେବେ ସେମାନଙ୍କ ଉପରେ ହିଂସାର ଘଟଣା ହ୍ରାସ ପାଇବ ବୋଲି ମତାମତ ରଖିଥିଲେ । ଶିବିରରେ ବୌଦ୍ଧ, ସୋନପୁର ଓ କନ୍ଧମାଳ ଜିଲ୍ଲାର ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ପ୍ରେରଣା ଦିଦି, ସଖୀ କେନ୍ଦ୍ରର ସଂଯୋଜିକା, ଜିଲ୍ଲା ସ୍ତରୀୟ ସ୍ୱଂୟ ସହାୟକ ଗୋଷ୍ଠୀର ସଭାପତି ଓ ସମ୍ପାଦିକା, ଜେଣ୍ଡର ସଂଯୋଜିକା, ଜିଲ୍ଲା ହବ୍ ସଂଯୋଜକ, ସରପଂଚ, ସମାଜସେବୀ ଏବଂ ପୀଡ଼ିତା ମାନେ ଅଂଶଗ୍ରହଣ କରିଥିଲେ । ଅଂଶଗ୍ରହଣକାରୀ ମାନେ ସମୁଦାୟ ସ୍ତରରେ ଘରୋଇ ହିଂସାର ସମାଧାନ ପାଇଁ ସେମାନଙ୍କର ମତାମତ ଉପସ୍ଥାପନା କରିଥିଲେ । ସେମାନେ ମହିଳା ବିରୋଧୀ ହିଂସା ଦୂର କରିବାରେ ସମୁଦାୟ ସ୍ତରୀୟ ପ୍ରତିନିଧିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ବିଭିନ୍ନ ସମୁଦାୟ ଏବଂ ଅନୁଷ୍ଠାନର ପ୍ରତିନିଧିମାନେ ସମାଜର ସାମ୍ପ୍ରତିକ ପରିସ୍ଥିତିରେ ଗବେଷଣାର ଆବଶ୍ୟକତା ଉପରେ ସେମାନଙ୍କର ମତାମତ ପ୍ରକାଶ କରିଥିଲେ । ପରେ ସମସ୍ତ ଅଂଶୀଦାର ମାନେ ଘରୋଇ ହିଂସା ଏବଂ ଯୌତୁକ ନିଷେଧ ଆଇନର ସମାଧାନ ଉପରେ ପ୍ରଶ୍ନୋତର ଅଧିବେଶନରେ ଅଂଶଗ୍ରହଣ କରିଥିଲେ । ମହିଳାମାନଙ୍କୁ ଘରୋଇ ହିଂସାରୁ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ଅନେକ ଆଇନ ଓ ବ୍ୟବସ୍ଥା ରହିଛି । ଏ ସମ୍ପର୍କରେ ମହିଳାମାନଙ୍କୁ ସଚେତନ କରାଯାଇ ପାରିଲେ ନିର୍ଯ୍ୟାତନାର ଶିକାର ହେଉଥିବା ମହିଳାମାନେ ସୁରକ୍ଷିତ ଓ ଏକ ସମ୍ମାନ ଜନକ ଜୀବନ ବଂଚି ପାରିବେ ବୋଲି ଗୁରୁତ୍ୱାରୋପ କରା ଯାଇଥିଲା । ମହିଳାମାନଙ୍କ ପ୍ରତି ନିର୍ଯ୍ୟାତନା, କାରଣ ନିରାକରଣ ଓ ସୁରକ୍ଷା ନିମନ୍ତେ ପ୍ରଣୟନ ହୋଇଥିବା ଆଇନ ଅନୁଯାୟୀ ସହାୟତା ବ୍ୟବସ୍ଥା ଏବଂ ବିସ୍ତୃତ ସୂଚନା ଓ ବିଭିନ୍ନ ଉଦାହରଣ ମାଧ୍ୟମରେ ନିର୍ଯ୍ୟାତନାର ଶିକାର ହେଇଥିବା ମହିଳାମାନଙ୍କ ଅଧିକାର, କର୍ତବ୍ୟ ଓ ସହଯୋଗ ସମ୍ପର୍କରେ ଆଲୋକପାତ କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ଅଂଶୀଦାର ମାନଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମଟିକୁ ଜାତୀୟ ଆଇନ ବିଶ୍ୱ ବିଦ୍ୟାଳୟ, ଓଡିଶା ର ପ୍ରକଳ୍ପ ପରିଚାଳକ ସୁଧାଂଶୁ ଭୂଷଣ ମହାରଣା ଏବଂ ରାଜ କିଶୋର ପଣ୍ଡାଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା । ଶେଷରେ ପ୍ରକଳ୍ପ ପରିଚାଳକ ସୁଧାଂଶୁ ଭୂଷଣ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ପିଇବା ପାଣି ସମସ୍ୟାକୁ ନେଇ ପ୍ରତିବାଦ

ବଲାଙ୍ଗୀର : ବଲାଙ୍ଗିର ସହରରେ ଦୀର୍ଘଦିନ ଧରି ଚାଲିଥିବା ପିଇବା ପାଣି ସମସ୍ୟା ପ୍ରତି ଅସନ୍ତୋଷ ପ୍ରକାଶ କରି ପୌରାଧ୍ୟକ୍ଷା ଶ୍ରୀମତୀ ଲିକା ସାହୁଙ୍କ ନେତୃତ୍ୱରେ ସର୍ବଦଳୀୟ କାଉନସିଲରମାନେ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ଆଗରେ ଖାଲି ମାଠିଆ ନେଇ ପ୍ରତିବାଦ କରିଥିଲେ । ଏହି ପ୍ରତିବାଦ ସମୟରେ ପୌରାଧ୍ୟକ୍ଷା ଶ୍ରୀମତୀ ସାହୁ କହିଥିଲେ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅନୁଦାନରେ ନିର୍ମାଣାଧୀନ ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନଥିବା ଦୁଃଖଦ ଏବଂ ଏହାର କାର୍ଯ୍ୟାନ୍ୱୟନରେ କେଉଁମାନେ ବାଧା ସୃଷ୍ଟି କରୁଛନ୍ତି, ତାହା ସ୍ପଷ୍ଟ କରିବାକୁ ଦାବି କରାଯାଉଛି । ଏହାସହ ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ କଳିକେଶ ନାରାୟଣ ସିଂହଦେଓ ଅନେକ ଥର ପାନୀୟଜଳ ଯୋଗାଣ ବିଷୟରେ ସମିକ୍ଷା କରିବା ସମୟରେ କରିଦେବୁ କରିବୁ କରାଯିବ କହିକହି ଆଜି ପର୍ଯ୍ୟନ୍ତ ସମସ୍ୟାର ସମାଧାନ କରୁନାହିଁ ଜନସ୍ୱାସ୍ଥ୍ୟ ବିଭାଗ ଯାହା ଫଳରେ ସାଧାରଣ ଜନତାଙ୍କ ଆକ୍ରୋଶ ଜନପ୍ରତିନିଧୀ ଙ୍କ ଉପରେ ରହୁଛି । ନା କୌଣସି ୱାର୍ଡରେ ସିନ୍‌ଟେକ୍ସ ଟାଙ୍କିର ବ୍ୟବସ୍ଥା କରିଛନ୍ତି ନା ଗୋଟିଏ କୌଉଠି ଟିବୱେଲ ଖୋଳିଛନ୍ତି । କେଉଁ ସମୟରେ ପାଣି ଦିଆଯାଉଛି ତାର କିଛି ସଠିକ ସମୟ ନାହିଁ । କେଉଁ ଅଂଚଳକୁ ଘଂଟାଏ ପାଣି ଯୋଗାଣ ତ ଆଉ କେଉଁ ଅଂଚଳକୁ ଅଳ୍ପ ସମୟ ପାଇଁ ଜଳ ଯୋଗାଣ ହେଉଛି ଫଳରେ ଲୋକେ ହନ୍ତସନ୍ତ ହେଉଛନ୍ତି । ତେଣୁ ଆଜି ବାଧ୍ୟବାଧକ ହୋଇ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟକୁ ଆନ୍ଦୋଳନ ବା ପ୍ରତିବାଦ କରିବାକୁ ଆସିବାକୁ ପଡିଲା । ଶୀଘ୍ର ଏହାର ସମାଧାନ ନହେଲେ ବଡ ଧରଣର ଆନ୍ଦୋଳନ କରିବାକୁ ପଛାଇବୁ ନାହିଁ ବୋଲି ଚେତାବନୀ ଦେଇଛନ୍ତି । ବିଭିନ୍ନ ୱାର୍ଡର କାଉନସିଲରମାନେ ମଧ୍ୟ ମତପ୍ରକାଶ କରିଥିଲେ ଯେ, ସହରର ବିଭିନ୍ନ ଅଂଚଳରେ ପାଇପଲାଇନ୍ ବିଛାଇ ଦିଆଯାଇ ଥିଲେ ମଧ୍ୟ ଅନେକ ନାଗରିକ ଏପର୍ଯ୍ୟନ୍ତ ପାଣି ସୁବିଧାରୁ ବଂଚିତ ଅଛନ୍ତି । ସେମାନେ ତୁରନ୍ତ ସମସ୍ୟାର ସମାଧାନ ଓ ନିୟମିତ ପାଣି ଯୋଗାଣ ସୁନିଶ୍ଚିତ କରିବାକୁ ଦାବି କରିଥିଲେ । ଏହି ପରିପ୍ରେକ୍ଷିତରେ ପୌରପରିଷଦ ର ପ୍ରତିନିଧି ମାନେ ଜନସ୍ୱାସ୍ଥ୍ୟ ବିଭାଗକୁ ଶୀଘ୍ର ପଦକ୍ଷେପ ଗ୍ରହଣ କରି ବଲାଙ୍ଗୀର ସହରବାସୀଙ୍କୁ ନିୟମିତ ପିଇବା ପାଣି ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି । ଯଦି ସାତ ଦିନ ମଧ୍ୟରେ ଏହାର ସମାଧାନ ନହୁଏ ତାହେଲେ ହଜାର ହଜାର ସଂଖ୍ୟକ ଜନତାଙ୍କୁ ନେଇ ଆଗାମୀ ଦିନରେ ଜନସ୍ୱାସ୍ଥ୍ୟ ବିଭାଗକୁ ଘେରାଉ କରାଯିବ । କୌଣସି ଅପ୍ରିତିକର ପରିସ୍ଥିତି ଉପୁଜିଲେ ଜିଲ୍ଲା ପ୍ରଶାସନ କିମ୍ବା ସରକାର ଦାୟୀ ରହିବେ ବୋଲି କଡା ଚେତାବନୀ ଦେଇଛନ୍ତି ପୌରାଧ୍ୟକ୍ଷା । ଏହି ଅଭିନୟ ପ୍ରତିବାଦରେ ବଲାଙ୍ଗୀର ପୌରାଧ୍ୟକ୍ଷାଙ୍କ ସମେତ ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ ସମେତ ବରିଷ୍ଠ କାଉନସିଲର ସମ୍ଭୁ ନାଗ, ଅରବିନ୍ଦ ପରୁଆ, ନନ୍ଦିନୀ ପୋଢ଼, ସନ୍ତୋଷିନୀ କୁଅଁର, ପିଙ୍କି କବାଟ, ସାଞ୍ଜୁଲତା ଦନ୍ତା, କିଶୋର କୁମ୍ଭାର, ଗଙ୍ଗା ଚାନ୍ଦ, ଶତୃଘନ ବାଗ, ଲଲାଟେନ୍ଦୁ ପଟ୍ଟନାୟକ, ପ୍ରତିମା ଛତ୍ରିଆ,ପ୍ରେମଲତା ନାଏକ, ସସ୍ମିତା ନନ୍ଦ, ରଜନୀ ବନଛୋରଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ ।

# ସାଇବର ଅପରାଧ ଓ ଡିଜିଟାଲ ବୁଲିଂ କର୍ମଶାଳା ଅନୁଷ୍ଠିତ

ନୂଆପଡା : (ହି.ସ.)- ନୂଆପଡାରେ ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ର ପକ୍ଷରୁ "ଅନଲାଇନ ସୁରକ୍ଷା, ସାଇବର ଅପରାଧ ଓ ଡିଜିଟାଲ ବୁଲିଂ" ଉପରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ସଭାବନା ସଭାଗୃହରେ ଆଜି ଆୟୋଜିତ ହୋଇଯାଇଛି । ବେଟି ବଚାଓ ବେଟି ପଢ଼ାଓ" ଯୋଜନା ଅନ୍ତର୍ଗତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ମଧୁସୁଦନ ଦାଶ ଉଦଘାଟନ କରିଥିଲେ । ଜିଲ୍ଲାପାଳ ଉପସ୍ଥିତ ସମସ୍ତଙ୍କୁ ସାଇବର ଠକେଇରୁ ସଚେତନ ରହିବା ଓ ଏହାର ପ୍ରତିକାର ଉପାୟ ସମ୍ବନ୍ଧରେ ଅବଗତ କରାଇଥିଲେ । ଏହାସହ, ସେ ସଡ଼କ ସୁରକ୍ଷା ପାଇଁ ହେଲମେଟ ପିନ୍ଧିବାର ଗୁରୁତ୍ୱ ଉପରେ ଜୋର ଦେଇ "ହେଲମେଟ ହବ୍" ବିଷୟରେ ମଧ୍ୟ ଆଲୋଚନା କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏସ୍. ଗୀତା ଅତିଥି ପରିଚୟ ପ୍ରଦାନ କରିବା ସହ କର୍ମଶାଳାର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ । ସେ କହିଥିଲେ ଯେ ମହିଳା ଓ କିଶୋରୀମାନଙ୍କୁ ଅନଲାଇନ ଜଗତରେ ସୁରକ୍ଷିତ ରହିବା, ସାଇବର ଅପରାଧର ପ୍ରକାର, ତାହାର ପ୍ରଭାବ ଓ ପ୍ରତିରୋଧ ଉପାୟ ବିଷୟରେ ସଚେତନ କରାଇବା ଏହି କର୍ମଶାଳାର ମୁଖ୍ୟ ଲକ୍ଷ୍ୟ । କର୍ମଶାଳାରେ ଡିଏଲଏସଏ ସଚିବ ନବନୀତା ଦାସ, ଜିଲ୍ଲା ସୂଚନା ବିଜ୍ଞାନ କେନ୍ଦ୍ର ଅଧିକାରୀ ବିନୟ ତିୱାରୀ ଓ ସାଇବର ଥାନା ଆଇଆଇସି ମହେଶ୍ୱର ପାଣିଗ୍ରାହୀ ବକ୍ତା ଭାବେ ଯୋଗଦେଇ ସାଇବର ଅପରାଧର ବିଭିନ୍ନ ରୂପ ଯଥା ଫିସିଙ୍ଗ, ଅନଲାଇନ ଠକେଇ, ସୋସିଆଲ ମିଡିଆର ଦୁରୁପଯୋଗ ଓ ଡିଜିଟାଲ ବୁଲିଂ ସମ୍ପର୍କରେ ଆଇନଗତ ବ୍ୟବସ୍ଥା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ମୋବାଇଲ ଓ ସୋସିଆଲ ମିଡିଆ ବ୍ୟବହାର ସମୟରେ ଗୋପନୀୟତା ରକ୍ଷା, ଶକ୍ତିଶାଳୀ ପାସୱାର୍ଡ ବ୍ୟବହାର ଓ ଅଜଣା ଲିଙ୍କ ଓ ସନ୍ଦେଶକୁ ଏଡ଼ାଇବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ । ଏହା ସହ ସାଇବର ଅପରାଧ ଘଟିଲେ କିପରି ଅଭିଯୋଗ କରିବେ, ଜାତୀୟ ସାଇବର କ୍ରାଇମ ପୋର୍ଟାଲ ଓ ହେଲ୍ପଲାଇନ୍ ନମ୍ବର ୧୯୩୦ ବିଷୟରେ ମଧ୍ୟ ଅଂଶଗ୍ରହୀମାନଙ୍କୁ ଜଣାଇ ଦିଆଯାଇଥିଲା । ଡିଜିଟାଲ ବୁଲିଂର ପ୍ରଭାବ ଓ ତାହାର ପ୍ରତିରୋଧ ପାଇଁ ମନୋସାମାଜିକ ସହାୟତାର ଗୁରୁତ୍ୱ ଉପରେ ମଧ୍ୟ ଜୋର ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ଅଧିକାରୀମାନେ, ସମସ୍ତ ବିଡିଓ, ବିଇଓ, ସିଡିପିଓ, ବିଭିନ୍ନ ବିଭାଗର ଅଧିକାରୀ, ପୋଲିସ ବିଭାଗର ପ୍ରତିନିଧି, ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ, ଆଶା ଓ ଅଙ୍ଗନବାଡ଼ି କର୍ମୀ, ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇ ଥିଲେ । "ବେଟି ବଚାଓ ବେଟି ପଢ଼ାଓ" ଯୋଜନା ଅଧୀନରେ ଚଳିତ ବର୍ଷ ଦଶମ ଶ୍ରେଣୀରେ ସର୍ବାଧିକ ନମ୍ବର ଅର୍ଜନ କରିଥିବା ଛାତ୍ରୀ କୁମାରୀ ପୁନମ ମେହେରଙ୍କୁ ସମ୍ମାନିତ କରା ଯାଇଥିଲା । ଏହା ସହ ସାଇବର ସୁରକ୍ଷା ସଚେତନତା ପ୍ରଚାର ପାଇଁ ତିନିଜଣ ବ୍ରାଣ୍ଡ ଆମ୍ବାସଡରଙ୍କୁ ମଧ୍ୟ ଜିଲ୍ଲାପାଳଙ୍କ ଦ୍ୱାରା ମାନପତ୍ର ଓ ନଗଦ ପୁରସ୍କାର ସହ ସମ୍ମାନିତ କରା ଯାଇଥିଲା । କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ଜିଲ୍ଲା ମିଶନ ସଂଯୋଜକ ଆଶିଷ ରଞ୍ଜନ ଖମାରୀଙ୍କ ସହ ନାରଦ ଛତର, ସଞ୍ଜୟ ବନ୍ଦିଛୋର, ଇପ୍ସିତା ରାଜପୁତ, ରମାକାନ୍ତ ସେଠୀ, ରାକେଶ ନାଗ, ସୁମିତ ପ୍ରଧାନ ଓ ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ । ଶେଷରେ ସୁରକ୍ଷା ଅଧିକାରୀ ମଞ୍ଜୁଲତା ଶୁକ୍ଳା ଧନ୍ୟବାଦ ଜ୍ଞାପନ କରିଥିଲେ ।

# କୃଷି ବିକାଶ ଉପରେ ବ୍ଲକସ୍ତରୀୟ ସଚେତନତା ଅଭିଯାନ ଅନୁଷ୍ଠିତ

ମାଲକାନଗିରି : (ହି.ସ.) - ଚଳିତ ଆର୍ଥିକ ବର୍ଷ ପାଇଁ କୃଷି ବିକାଶ କାର୍ଯ୍ୟକଳାପ ଉପରେ ଏକ ବ୍ଲକସ୍ତରୀୟ ସଚେତନତା ଅଭିଯାନ ମାଲକାନଗିରିର ଚିତ୍ରକୋଣ୍ଡା ବ୍ଲକରେ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି , ଯେଉଁଥିରେ ସମସ୍ତ ୧୮ଟି ଗ୍ରାମ ପଂଚାୟତର ସରପଂଚମାନେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ତୃଣମୂଳ ସ୍ତରରେ ନେତୃତ୍ୱକୁ ସୁଦୃଢ଼ କରିବା ଏବଂ ସ୍ୱାଭିମାନ ଅଂଚଳରେ ସ୍ଥାୟୀ କୃଷି ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା । ଏହି ବୈଠକ ମାନ୍ୟବର ବିଧାୟକ ମଙ୍ଗୁ ଖିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏବଂ ମାନ୍ୟବର ସମାରି ତାଙ୍ଗୁଲୁ, ଅଧ୍ୟକ୍ଷା, ଜିଲ୍ଲା ପରିଷଦ; ଶ୍ରୀ ଦାସରଥୀ ସାରାବୁ, ସିଡିଓ-କମ-ଇଓ, ଜିଲ୍ଲା ପରିଷଦ; ଅନିଲ କୁମାର ପ୍ରହରାଜ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ମାଲକାନଗିରି; ପ୍ରୀତା କୁମାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଚିତ୍ରକୋଣ୍ଡା ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମନ୍ୱିତ କୃଷି ପ୍ରୋତ୍ସାହନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ବଳଭଦ୍ର ଜୈବିକ ଚାଷ ମିଶନ, ଏବଂ ଭୁଲିଯାଇଥିବା ଖାଦ୍ୟ ଏବଂ ଅବହେଳିତ ଫସଲର ପୁନରୁଦ୍ଧାର ଓ ସ୍ଥାୟୀତ୍ୱ ଭଳି ପ୍ରମୁଖ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ସମ୍ପର୍କରେ ସରପଂଚମାନଙ୍କୁ ସଚେତନ କରିବା । କାର୍ଯ୍ୟକ୍ରମ ସମୟରେ, ଯୋଜନାଗୁଡ଼ିକର ବ୍ୟାପକ ଉଦ୍ଦେଶ୍ୟ, ପ୍ରସ୍ତାବିତ କାର୍ଯ୍ୟକଳାପ, ଆଶାନୁରୂପ ଲାଭ ଏବଂ ସମ୍ଭାବ୍ୟ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରା ଯାଇଥିଲା । କାର୍ଯ୍ୟକ୍ରମ ଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ଏକ ମିଳିତ କାର୍ଯ୍ୟ ଯୋଜନା ବିକଶିତ କରିବା ପାଇଁ ଅଧିକାରୀ ଏବଂ ଜନପ୍ରତିନିଧି ମାନେ ଆଲୋଚନା କରିଥିଲେ । ସ୍ୱାଭିମାନ ଅଂଚଳକୁ ଏକ ଉଦୀୟମାନ ଜୈବିକ କୃଷି କେନ୍ଦ୍ରରେ ପରିଣତ କରିବା ପାଇଁ ଏହି ପଦକ୍ଷେପଗୁଡ଼ିକ ପରିକଳ୍ପିତ କରାଯାଇଛି । ପ୍ରାକୃତିକ ଏବଂ ଜୈବିକ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା, ସ୍ଥାନୀୟ କୃଷି ବିବିଧତାକୁ ସଂରକ୍ଷଣ କରିବା ଏବଂ ଚାଷୀମାନଙ୍କ ପାଇଁ ଜୈବିକ ଉତ୍ପାଦିତ ଦ୍ରବ୍ୟକୁ ଅଧିକ ମୂଲ୍ୟ ପ୍ରଦାନ କରିବା ପାଇଁ ଉପଯୁକ୍ତ ବଜାର ଉପଲବ୍ଧ କରାଇବାଏହାର ମୁଖ୍ୟ ଉଦେଶ୍ୟ ,ଏହି ବୈଠକକୁ ସମ୍ବୋଧିତ କରି ବିଧାୟକ ମଙ୍ଗୁ ଖିଲ କହିଥିଲେ ଯେ ଗ୍ରାମୀଣ ପରିବାର ପାଇଁ ବର୍ଷସାରା ଆୟ ସୃଷ୍ଟି, ଖାଦ୍ୟ ସୁରକ୍ଷା, ପୁଷ୍ଟିକର ସୁରକ୍ଷା ଏବଂ ଜୀବିକା ନିରନ୍ତରତା ସୁନିଶ୍ଚିତ କରିବା ପାଇଁ ସମନ୍ୱିତ କୃଷି ଏକ ପ୍ରମୁଖ ରଣନୀତି । ସେ ସ୍ୱାଭିମାନ ଅଂଚଳକୁ ପରିବର୍ତ୍ତନ ପ୍ରକ୍ରିୟାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଜନପ୍ରତିନିଧିମାନଙ୍କୁ ଅନୁରୋଧ କରିଥିଲେ ଏବଂ ସ୍ଥାନୀୟ ନେତାମାନଙ୍କୁ ସେମାନଙ୍କ ଅଧୀନସ୍ଥ ଗ୍ରାମଗୁଡ଼ିକୁ ଚାଷୀମାନଙ୍କ ଦ୍ୱାରା ବହୁଳ ପରିମାଣରେ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ସଚେତନ କରିବାକୁ ଉତ୍ସାହିତ କରିଥିଲେ । ସ୍ୱାଭିମାନ ଅଂଚଳର ବ୍ୟାପକ ବିକାଶ ପାଇଁ ଏକ କାର୍ଯ୍ୟସୂଚୀ ଗଠନ କରିବା ସହିତ ସମସ୍ତ ସମ୍ପୃକ୍ତ ବିଭାଗ ମିଳିତ କାର୍ଯ୍ୟ ଯୋଜନା ମାଧ୍ୟମରେ କାର୍ଯ୍ୟ କରିବେ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି । ଏହି ପଦକ୍ଷେପଗୁଡ଼ିକରେ କୃଷି ଉତ୍ପାଦନ ବୃଦ୍ଧି, ସରକାରୀ ଯୋଜନା ଏବଂ ସେବାଗୁଡ଼ିକର ଉପଲବ୍ଧତାକୁ ଉନ୍ନତ କରିବା ଏବଂ କୃଷକମାନଙ୍କ ପାଇଁ ଉତମ ଆୟ ସୁଯୋଗ ସୁନିଶ୍ଚିତ କରିବା ପାଇଁ ବିଜ୍ଞାନ-ଆଧାରିତ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ସମାଧାନ ଅନ୍ତର୍ଭୁକ୍ତ କରାଯିବ । ଚାଷୀ ସମ୍ପ୍ରଦାୟ ମଧ୍ୟରେ ବ୍ୟାପକ ପ୍ରଚାର ପ୍ରସାର ସୁନିଶ୍ଚିତ କରିବା ଏବଂ କୃଷିକାର୍ଯ୍ୟରେ ଉନ୍ନତି ପଦକ୍ଷେପରେ ଅଧିକ ଅଂଶଗ୍ରହଣକୁ ସୁଗମ କରିବା ପାଇଁ ଆଗାମୀ ଦିନରେ ପଂଚାୟତସ୍ତରୀୟ ଆଲୋଚନା ଏବଂ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଏହି କର୍ମଶାଳାରେ ନିଷ୍ପତି ନିଆଯାଇଛି ।

## ପୁସ୍ତକାଳୟ ଭବନର ଶୁଭ ଉଦ୍‌ଘାଟନ

ଜୟପୁର: କୋରାପୁଟ ଜିଲ୍ଲା ବୋରିଗୁମ୍ମା ତହସିଲ କାର୍ଯ୍ୟାଳୟ ଠାରେ ବୋରିଗୁମ୍ମା ବାର ଆସୋସିଏସନର ପୁସ୍ତକାଳୟ ଭବନ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଙ୍କ କରକମଳରେ ଶୁଭ ଉଦ୍ଘାଟନ ହୋଇଛି । ଯାହା ବୋରିଗୁମ୍ମା ଅଂଚଳର ଆଇନଜୀବୀ ଓ ବୁଦ୍ଧିଜୀବୀ ମାନଙ୍କ ପାଇଁ ଏକ ନୂତନ ଜ୍ଞାନ କେନ୍ଦ୍ର ଭାବେ ଫଳପ୍ରଦ ହେବ । ଏହି ପୁସ୍ତକାଳୟ ଭବନ ଆଇନ ଚର୍ଚ୍ଚା, ଅଧ୍ୟୟନ ଓ ବୃତିଗତ କ୍ଷେତ୍ରରେ ନୂତନ ଦିଗ ଖୋଲିବା ସହ ଅଂଚଳର ବୁଦ୍ଧିଜୀବୀ ପରିବେଶକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରା ଯାଉଛି । ଉଦଘାଟନ ସମୟରେ ଓକିଲ ସଙ୍ଘ ର କାର୍ଯ୍ୟ କର୍ତାମାନେ ଉପସ୍ଥିତ ଥିଲେ ।

## ଆସନ୍ତା ୧୧ରେ ଅନୁଷ୍ଠିତ ହେବ

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ରାଇରଙ୍ଗପୁର:(ହି.ସ.)-ଜିଲ୍ଲା କାର୍ଯ୍ୟାଳୟର ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ମଇ ମାସ ଦ୍ୱିତୀୟ ସୋମବାର ତା ୧୧-୦୫-୨୦୨୬ ରିଖ ରାଇରଙ୍ଗପୁର ସ୍ଥିତ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସକାଳ ୭ଟା ସମୟରେ ଆରମ୍ଭ ହୋଇ ଜନସାଧାରଣଙ୍କ ଆପତି/ ଅଭିଯୋଗ ଗୁଡିକର ଶୁଣାଣି କରାଯିବ । ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ବାମନଘାଟୀ ଉପଖଣ୍ଡର ସମସ୍ତ ଉପଖଣ୍ଡ ସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷାଧିକାରୀ, ସି ଡି ପି ଓ ତଥା ବାମନଘାଟୀ ଉପଖଣ୍ଡ ଅଧିନସ୍ଥ ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀ ଏବଂ ସମସ୍ତ ଲାଇନ ବିଭାଗର ଅଧିକାରୀ ମାନଙ୍କ ଉପସ୍ଥିତିରେ ଆପତି ଅଭିଯୋଗ ଗୁଡିକର ଶୁଣାଣି କରାଯିବ । ଏଣୁ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ବାମନଘାଟି ଉପଖଣ୍ଡ ଅଧିନସ୍ଥ ୭ଟି ବ୍ଲକ ଓ ରାଇରଙ୍ଗପୁର ସହରାଚଂଳର ଜନସାଧାରଣ ମାନେ ନିର୍ଧାରିତ ତାରିଖ ଓ ସମୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉପସ୍ଥିତ ହୋଇ ନିଜ ନିଜର ବ୍ୟକ୍ତିଗତ ତଥା ସାମୁହିକ ସମସ୍ୟା ସମ୍ପର୍କିତ ଆପତି ଅଭିଯୋଗ ପତ୍ର ଗୁଡିକ ଦାଖଲ କରିପାରିବେ ବୋଲି ସୂଚୀତ କରାଯାଉଛି ।



# ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘରେ ମିଶ୍ରଣ ଓ କର୍ମକର୍ତ୍ତା ମନୋନୟନ




ସୋର(ନିପ୍ର): ସୋର ଡିଭିଜନ ସ୍ଥିତ ଶ୍ରୀରାମ କଲ୍ୟାଣ ମଣ୍ଡପ ଠାରେ ଓଡିଶା ବିଦ୍ୟୁତ କର୍ମଚାରୀ ମହାସଂଘର ଉପସଭାପତି ସୁରେନ୍ଦ୍ର ନାଥ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ ବିଦ୍ୟୁତ୍ କର୍ମଚାରୀଙ୍କ ମିଶ୍ରଣ ପର୍ବ ସଫଳତାର ସହ ସମ୍ପନ୍ନ ହୋଇଛି । ଏହି ମିଶ୍ରଣ ପର୍ବରେ ଟିପି ଉତର ଓଡିଶାର ସୋର ଡିଭିଜନରେ କାର୍ଯ୍ୟରତ ୫୦୦ରୁ ଅଧିକ ବିଦ୍ୟୁତ କର୍ମଚାରୀ ଶିଶିର ବିନ୍ଦୁ ଦାସଙ୍କ ନେତୃତ୍ୱ ଏବଂ ଜୋନାଲ ସେକ୍ରେଟାରୀ ହରିଶ ଚନ୍ଦ୍ର ଦାଶ ଓ ସହ ସାଧାରଣ ସମ୍ପାଦକ ଜ୍ୟୋତି କୃଷ୍ଣ ବେହେରାଙ୍କ ମାର୍ଗଦର୍ଶନରେ ଓଡିଶା ବିଦ୍ୟୁତ କର୍ମଚାରୀ ମହାସଂଘରେ ଯୋଗଦାନ କରିଥିଲେ । ଏହି ଯୋଗଦାନ ପରେ ବର୍ତମାନର ସ୍ଥିତିକୁ ଆଖିଆଗରେ ରଖି ବିଦ୍ୟୁତ ବଂଟନ ବିଭାଗର ମନୋମୁଖୀ କାର୍ଯ୍ୟକ୍ରମ ଓ ଶ୍ରମିକ ଛଟେଇ ନୀତି ବିରୁଦ୍ଧରେ ଶ୍ରମିକ ସ୍ୱାର୍ଥକୁ ସୁରକ୍ଷା ଦେଇ ଆନ୍ଦୋଳନ ପାଇଁ ପ୍ରସ୍ତୁତ ରହିବାକୁ ସଙ୍ଗଠନ ତରଫରୁ ଆହ୍ୱାନ ଦିଆଯାଇ ଥିଲା । ବିଦ୍ୟୁତ ଉପଭୋକ୍ତାଙ୍କୁ ନିରବିଛିନ ବିଦ୍ୟୁତ ସେବା ପ୍ରଦାନ କରିବାରେ ରାଜ୍ୟସରକାରଙ୍କ ବୃହତ ପଦକ୍ଷେପ ଗୁଡିକୁ ଅକ୍ଷୂର୍ଣ୍ଣ ରଖିବା ସମସ୍ତଙ୍କ ଦାୟିତ୍ୱ ଭାବେ ଗ୍ରହଣ କରିଥିଲେ । ସୋରରେ ବିଦ୍ୟୁତ ଶ୍ରମିକମାନଙ୍କର ମିଶ୍ରଣ ଫଳରେ ଓଡିଶା ବିଦ୍ୟୁତ କର୍ମଚାରୀ ମହାସଙ୍ଘ ଶକ୍ତି ବୃଦ୍ଧି ହେବା ସଙ୍ଗେସଙ୍ଗେ ମହାସଂଘର ଉପ ସାଧାରଣ ସମ୍ପାଦକ ପ୍ରିୟବ୍ରତ ନାୟକଙ୍କ ପ୍ରସ୍ତାବ ଓ ଯୁଗ୍ମ ସମ୍ପାଦକ ନିଗମାନନ୍ଦ ରାଉତଙ୍କ ସହମତି କ୍ରମେ ସହ ଯୁଗ୍ମ ସମ୍ପାଦକ ଭାବେ ପ୍ରଦୀପ କୁମାର ବେହେରା, ସହ ସମ୍ପାଦକ ପ୍ରଦୀପ କୁମାର ଦାସ, ବାଲେଶ୍ୱର ସର୍କଲ ସଂପାଦକ ଭାବେ ଶିଶିର ବିନ୍ଦୁ ଦାସଙ୍କୁ ମନୋନୟନ କରାଯାଇଥିଲା । ଏଥିସହ ଦେବାଶିଷ ଦେବଗୋସ୍ୱମୀଙ୍କୁ ସୋର ଡିଭିଜନ ସମ୍ପାଦକ, ମନୋଜ କୁମାର ସିଂହଙ୍କୁ ସୋର ଡିଭିଜନ ଅର୍ଗାନାଇଜର, ଭାରତ କୁମାର ନାୟକଙ୍କୁ ସହ ଡିଭିଜନ ସମ୍ପାଦକ, ମାର୍କୋଣା ସବ୍‌ଡିଭିଜନ ସେକ୍ରେଟାରୀ ଭାବେ ବ୍ରଜ କିଶୋରେ ଦଳେଇ, ସୋର ସବ୍ ଡିଭିଜନ ସେକ୍ରେଟାରୀ ଭାବେ ପୂର୍ଣଚନ୍ଦ୍ର ବିଶ୍ୱାଳ, ଖଇରା ସବ୍‌ଡିଭିଜନ ସେକ୍ରେଟାରୀ ଅନିଲ କୁମାର ମହାନ୍ତି ଓ ଇଇ ସେଲ ସୋର ଡିଭିଜନ ସମ୍ପାଦକ ଭାବେ ପ୍ରହ୍ଲାଦ ଦାସଙ୍କୁ ସର୍ବ ସହମତିରେ ଚୟନ କରାଯାଇ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା । କାର୍ଯକ୍ରମକୁ ଯୁବ ସାଥି ବିଜନ କୁମାର ସାହୁ ପରିଚାଳନା କରିଥିବା ବେଳେ ଶେଷରେ ମହାସଂଘର ଯୁବ ସାଥି ନିହାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ୭ ଲକ୍ଷରୁ ଉର୍ଦ୍ଧ ପାଂଚ ଗୋଟି ସୁନା ଚେନ ଉଦ୍ଧାର, ୩ ଗିରଫ




ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ସଦର ମହକୁମା ପୋଲିସ ଥାନା ସମ୍ମୁଖରେ ଥିବା ଏକ ସୁନା ଦୋକାନ ଚୋରି ହୋଇଥିଲା । ନୂଆପଡା ଜିଲ୍ଲା ପୋଲିସ କୁ ବଡ଼ ସଫଳତା ମିଳିଥିବା ବେଳେ, ସ୍ୱର୍ଣ୍ଣ ଲକ୍ଷ୍ମୀ ସୁନା ଗହଣା ଦୋକାନ ଚୋରି ଘଟଣାର ୨୪ ଘଂଟା ମଧ୍ୟରେ ପର୍ଦ୍ଦାଫାସ କରିଛନ୍ତି । ଏହି ଘଟଣା ନେଇ ନୂଆପଡ଼ା ଏସପି ଅମୃତ ପାଲ ସିଂ ଏକ ସାମ୍ବାଦିକ ସମ୍ମିଳନୀ ରେ ସୂଚିତ କରିଛନ୍ତି । ତିନି ଅଭିଯୁକ୍ତ ଗିରଫ ୭ ଲକ୍ଷରୁ ଉର୍ଦ୍ଧ ପାଂଚ ଗୋଟି ସୁନା ଚେନ ଉଦ୍ଧାରହିନ୍ଦୀ ସିନେମା ରୂପେ ଦୁଇ ବ୍ୟକ୍ତି ସୁନା ଚେନ କିଣିବା ବାହାନାରେ ଆସି ଦୋକାନ ରେ ଥିବା ସମସ୍ତ ଚେନ ଦେଖିବାକୁ ମାଗିଥିଲେ । ସମସ୍ତ ଚେନ ମୂଲ୍ୟ ପଚରା ଉଚରା କରିଥିଲେ । ତାଙ୍କ ସହଯୋଗୀ ଏକ ବେଲିନୋ ଗାଡ଼ି ଧରି ଦୋକାନ ସମ୍ମୁଖରେ ଆସିବା ଦେଖି ଥିଲେ । ଦୋକାନୀ ଏକ ଲୁହା ଛଡ଼ ବାହାର କରିଥିଲେ । ସୁନା ଚେନ ବାକ୍ସ ନେଇ ଫେରାର ହୋଇଥିଲେ । ସେ ଏକତା ଛକ ଏବଂ ଜିଲ୍ଲାପାଳ କାର୍ଯ୍ୟାଳୟ ଟକ୍ ଯାଇଥିଲେ । ପରେ ଆସି ନୂଆପଡ଼ା ଥାନା ରେ ତୁରନ୍ତ ଦୋକାନ ଆସି ଅଭିଯୋଗ କରିଥିଲେ । ନୂଆପଡ଼ା ପୋଲିସ ତୁରନ୍ତ ତତ୍ପରତା ଦେଖାଇ ସୀମା ସିଲ କରିଥିଲେ । ଘଟଣା କୁ ନେଇ ମଧ୍ୟପ୍ରଦେଶର ତିନି ଯୁବକ ଗିରଫ କରିଛନ୍ତି । ସମସ୍ତ ସୁନା ଗହଣା ଉଦ୍ଧାର ହୋଇଅଛି ବୋଲି ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି ।

# ବିଜେପି କାର୍ଯ୍ୟାଳୟ ଉଦ୍‌ଘାଟିତ



ଧାମନଗର(ନିପ୍ର): ଧାମନଗର ଠାରେ ଭାରତୀୟ ଜନତା ପାର୍ଟିର ନିଜସ୍ୱ କାର୍ଯ୍ୟାଳୟ ଗୃହ ଶୁକ୍ରବାର ଉଦଘାଟିତ ହୋଇଯାଇଛି । ରାଜ୍ୟ ବିଜେପି ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଭବ୍ୟ କାର୍ଯ୍ୟାଳୟକୁ ଉଦଘାଟନ କରିଛନ୍ତି । ଅନ୍ୟତମ ଅତିଥିଭାବେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସଫଳ ରୂପାୟନ କରିଛନ୍ତି । ଏହି ଉଦଘାଟନୀ ଉତ୍ସବରେ ଅନ୍ୟ ମାନଂକ ମଧ ରେ ବିଜେପି ରାଜ୍ୟ ଉପସଭାପତି ବିରଂଚି ତ୍ରିପାଠୀ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଏବଂ ଜିଲ୍ଲା ବିଜେପି ସଭାପତି ଭଗବାନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଧାମନଗର ଏନ ଏ ସି ମନ୍ତ୍ରୀଙ୍କ ପ୍ରତିନିଧି କୈଳାସ ମହାପାତ୍ର, ସାଂସଦ ପ୍ରତିନିଧୀ ମନୋଜ କୁମାର ମଲିକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପଂଚାୟତ ର ବିଜେପି କର୍ମୀ ମାନେ ଏହି ଭବ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ଦିଗରେ ଏମ୍.ସି.ଏଲ୍ ଏବଂ ଆଇ.ଆଇ.ଏମ ମଧ୍ୟରେ ଏମ୍.ଓ.ୟୁ ସ୍ୱାକ୍ଷର




ସମ୍ବଲପୁର(ନିପ୍ର): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ କମ୍ପାନୀର କର୍ମଚାରୀମାନଙ୍କ ଦକ୍ଷତା ବୃଦ୍ଧି ଏବଂ ଡିଜିଟାଲ୍ ରୂପାନ୍ତରଣ ଦିଗରେ ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରି କୃତ୍ରିମ ବୁଦ୍ଧିମତାଏବଂ ମେସିନ୍ ଲର୍ଣ୍ଣିଂ କ୍ଷେତ୍ରରେ ବିଶେଷ ପ୍ରଶିକ୍ଷଣ ପାଇଁ ଭାରତୀୟ ପ୍ରବନ୍ଧନ ସଂସ୍ଥାନ, ସମ୍ବଲପୁର ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ଏମ୍.ସି.ଏଲର ଅଧ୍ୟକ୍ଷ-ତଥା-ପ୍ରବନ୍ଧ ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେଙ୍କ ଉପସ୍ଥିତିରେ କେଶବ ରାଓ, ନିର୍ଦ୍ଦେଶକ (ମାନବ ସମ୍ବଳ) ଏବଂ ଆଇ.ଆଇ.ଏମ, ସମ୍ବଲପୁର ପକ୍ଷରୁ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୈସୱାଲ ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି । ଏହି ସହଭାଗିତା ଅଧୀନରେ ଆଇ.ଆଇ.ଏମ, ସମ୍ବଲପୁର ଦ୍ୱାରା ଏମ୍.ସି.ଏଲର ବିଭିନ୍ନ ବିଭାଗର ପ୍ରାୟ ୫୦୦ ଅଧିକାରୀଙ୍କୁ କୋଇଲା ଏବଂ ଶକ୍ତି କ୍ଷେତ୍ରର ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ ବିଶେଷ ଇଓ ଏବଂ ଗଖ ପାଠ୍ୟକ୍ରମରେ ତାଲିମ ପ୍ରଦାନ କରାଯିବ । ଏହି କଷ୍ଟମାଇଜ୍ଡ ପାଠ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ଅଧିକାରୀମାନଙ୍କୁ ଆଧୁନିକ ଜ୍ଞାନକୌଶଳରେ ନିପୁଣ କରିବା, ଯାହାଦ୍ୱାରା ସେମାନେ ଜଟିଳ ବ୍ୟବସାୟିକ ଆହ୍ୱାନଗୁଡ଼ିକର ସମାଧାନ କରିବା ସହ ସଂସ୍ଥାର କାର୍ଯ୍ୟଧାରାରେ ନୂତନତା ଏବଂ ଦକ୍ଷତା ଆଣିପାରିବେ । ଏହି ଅବସରରେ ସି.ଏମ୍.ଡି କାଓଲେ ସଂଗଠନର କାର୍ଯ୍ୟଦକ୍ଷତା ବୃଦ୍ଧିରେ ଆଧୁନିକ ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି । ସେ ମତ ପ୍ରକାଶ କରିଛନ୍ତି ଯେ ସଠିକ୍ ନିଷ୍ପତି ଗ୍ରହଣ କରିବା ଏବଂ ଉତ୍ପାଦକତା ବୃଦ୍ଧି କରିବା ପାଇଁ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ଏବଂ ମେସିନ୍ ଲର୍ଣ୍ଣିଂ ବର୍ତମାନ ସମୟର ଅପରିହାର୍ଯ୍ୟ ଆବଶ୍ୟକତା ଅଟେ । ଏହି ସହଭାଗିତା ଏମ୍.ସି.ଏଲର ସମସ୍ତ କାର୍ଯ୍ୟକ୍ଷେତ୍ରରେ ଏକ ପରିବର୍ତ୍ତନ ଆଣିବ ବୋଲି ସେ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି ।

# ମୟୂର ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା ଚୟନ

ବୈଶିଙ୍ଗା(ନିପ୍ର): ମୟୂରଭଞ୍ଜ ଜିଲ୍ଲାର ପୁରାତନ ଅଗ୍ରଣୀ ସାରସ୍ୱତ ସଂଗଠନ ମୟୂର ସାହିତ୍ୟ ସଂସଦ, ବେତନଟୀ ର କର୍ମକର୍ତ୍ତା ମଣ୍ଡଳୀର ପୁନର୍ଗଠନ କରାଯାଇଛି । ଏଥି ନିମନ୍ତେ ବେତନଟୀ ଧର୍ମଶାଳା ପରିସରରେ ଅନୁଷ୍ଠିତ ସାମ୍ବିଧାନିକ ସମ୍ମିଳନୀରେ ବେତନଟୀ ସିଭିଲ୍ ସୋସାଇଟିର ସଭାପତି ତଥା ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ ନିର୍ବାଚନ ପରିଚାଳନା କରିଥିଲେ ଓ ପର୍ଯ୍ୟବେକ୍ଷକ ଭାବରେ ସାମ୍ବାଦିକ ଅରୁଣ କୁମାର ଓତା ଉପସ୍ଥିତ ଥିଲେ । ସଂସଦର ନିୟମ ଅନୁସାରେ ଆଗାମୀ ତିନି ବର୍ଷ ପାଇଁ ସଂସଦର କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ବୟୋଜ୍ୟେଷ୍ଠ କବି ଭାସ୍କର ଦ୍ୱିବେଦୀ, କାର୍ଯ୍ୟକାରୀ ସଭାପତି ଭାବେ ଲେଖକ ସଚ୍ଚିଦାନନ୍ଦ ମହାନ୍ତି, ଉପ-ସଭାପତି ଭାବରେ ଲେଖକ ଗୌତମ ଚନ୍ଦ୍ର ବେହେରା ଓ କବୟିତ୍ରୀ ସବିତା ମହାନ୍ତି, ସାଧାରଣ ସମ୍ପାଦକ ଭାବେ ନାଟ୍ୟକାର ନୀରଦ ସୁନ୍ଦର ଜେନା, ଯୁଗ୍ମ ସଂପାଦକ ଭାବେ କବି ରତିକାନ୍ତ ବେହେରା, ସଂଗଠନ ସଂପାଦକ ଭାବେ ମୀନକେତନ ମହାନ୍ତି, ସହ ସଂପାଦକ ଭାବେ ସୌଦାମିନୀ ପଣ୍ଡା, କୋଷାଧକ୍ଷ ଭାବେ ରବୀନ୍ଦ୍ରନାଥ ଖଟୁଆ, ପତ୍ରିକା ସଂପାଦକ ଭାବେ ପର୍ଶୁରାମ ସାହୁ, ପତ୍ରିକା ସହ ସଂପାଦକ ଭାବେ ମିନତି ସିଂହ , ସୀମା ଦାସ ଓ ଡଃ ମନ୍ଦାକିନୀ ସାହୁ ଏବଂ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ଡ଼ଃ ରମାକାନ୍ତ ମହାନ୍ତ, ପ୍ରାଧାପିକା ଉଷା ଶତପଥି, ଡାଃ. କୃପାସିନ୍ଧୁ ବିନ୍ଧାଣୀ, ହରେନ୍ଦ୍ରନାଥ ବାରିକ ଓ ପ୍ରଭାକର ସାହୁ ଙ୍କୁ ତଥା ବ୍ୟବସ୍ଥାପକ ଭାବରେ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀଙ୍କୁ ଚୟନ କରାଯାଇଥିଲା । ସଂସଦର ଉପଦେଷ୍ଟା ମଣ୍ଡଳୀରେ ବାସୁଦେବ ନାପିତ, ବିଜୟ କୁମାର ଦ୍ୱିବେଦୀ, ଯତୀନ୍ଦ୍ରନାଥ ସାବ୍ଙ୍କୁ ମନୋନୀତ କରାଯାଇଥିଲା ବେଳେ ସଂସଦର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବରେ ପୂର୍ବତନ ଅଧକ୍ଷ ଡଃ. ରମାକାନ୍ତ ସିଂହ, ପୂର୍ବତନ ଅଧକ୍ଷା ସଂଯୁକ୍ତା ଜୀ ଏବଂ ସାମ୍ବାଦିକ ଅରୁଣ କୁମାର ଓତା ମନୋନୀତ ହୋଇଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ କମଳ ଲୋଚନ କର ବିଶେଷ ସହଯୋଗ କରିଥିଲେ ।

# ନାବାଳିକାଙ୍କ ସଚେତନତା ଓ ସୁରକ୍ଷା ପାଇଁ ଜୁଭେଂଟିକା କାର୍ଯ୍ୟକ୍ରମ

ବେତନଟୀ(ନିପ୍ର): ବେତନଟୀ ଥାନା ପକ୍ଷରୁ ଶୁକ୍ରବାର ଦିନ ନାବାଳିକା ଙ୍କ ସଚେତନତା ଓ ସୁରକ୍ଷା ପାଇଁ ଜୁଭେଂଟିକା ନାମ ରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଥାନାରେ ମହିଳା ଓ ଶିଶୁ ଡେସ୍କ ଦାୟିତ୍ୱ ରେ ଥିବା ସବ ଇନିସ୍ପେକ୍ଟର ସୋମାଲିନୀ ରାଉତ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବେତନଟୀ ପୋଲିସ ଉପଖଣ୍ଡ ଅଧିକାରୀ ମିନତୀ ବିଶ୍ୱାଳ ଯୋଗଦାନ କରି ଜୁଭେଂଟିକା ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଶତାଧିକ ନାବାଳିକା ୧୫ ରୁ ୧୮ ବର୍ଷ ମଧ୍ୟରେ ଉପସ୍ଥିତ ରହିଥିବା ବେଳେ ବ୍ଲକସ୍ତର ରେ ଥିବା ମହିଳା ଶିଶୁ ଅଧିକାରୀ ଓ ଅଙ୍ଗନବାଡି ଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହିଥିବାର ଦେଖିବାକୁ ମିଳିଥିଲା । ସମାଜ ରେ ଦିନକୁ ଦିନ ଡିଜିଟାଲ ଠକେଇ, ଡିଜିଟାଲ ପ୍ରତାରଣା ବଢୁଥିବାବେଳେ ସୋସିଆଲ ମିଡିଆରୁ ଉତ୍ସାହିତ ହୋଇ ଆପଣା ଇଛାରେ କରୁଥିବା ପ୍ରେମ ବିବାହ, ବାଲ୍ୟ ବିବାହ କୁ ରୋକିବା ସହିତ ନାବାଳିକା ଓ ମହିଳାଙ୍କ ସହିତ ହେଉଥିବା ଅନ୍ୟାୟ, ଅତ୍ୟାଚାର, ଅସଦାଚରଣ, ବଳାତ୍କାର ଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି । ଏଭଳି ଘଟଣା ଘଟିଲେ ନାବାଳିକା ଓ ମହିଳା ମାନେ ଥାନା କୁ ଆସିବା ପାଇଁ ଭୟ କରୁଥିବାର ଦେଖିବାକୁ ମିଳିଥାଏ । ପୋଲିସ ଓ ନାବାଳିକା ମଧ୍ୟରେ ଏହି ଭୟର ସମ୍ପର୍କ କୁ ଦୂର କରିବା ପାଇଁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ରେ ବେତନଟୀ ବ୍ଲକ ର ସିଡିପିଓ ଛବିରାଣୀ ବେହେରା, ସୁପରଭାଇଜାର ସବିତା ପଟ୍ଟନାୟକ, ଏ ଏସ ଆଇ ମିନତୀ ମହାକୁଡ଼, ଚଉରୀ ମହାପାତ୍ର ଉପସ୍ଥିତ ରହିଥିଲେ । ସେହିଭଳି ବେତନଟୀ ବ୍ଲକ ର ଭଗବାଟୀ, ବେତନଟୀ, ଏସଏସ ମହୁଲିଆ, ହାଟ ସାହି, ଇନ୍ଦିରା ନଗର, ବାହାନାଡ଼ା, ଅମ୍ବଯୋଡ଼ା ଇତ୍ୟାଦି ଅଂଚଳ ର ଅଙ୍ଗନବାଡି ଶିକ୍ଷୟତ୍ରୀ ଓ ନାବାଳିକା ମାନେ ଉପସ୍ଥିତ ରହିଥିବାର ଦେଖିବାକୁ ମିଳିଛି ।

# ଦେଶୀ ମଦ ସହିତ ୬ ବାଇକ ଜବତ, ୭ ଗିରଫ, ୧ ଫେରାର

ସୋର(ସପ୍ର): ବାଲେଶ୍ୱର ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଓ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ହରିହର ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲେଶ୍ୱର -୨ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଭବେଶ ଦାସ ଏବଂ ସୋର ଆଦର୍ଶ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଏକ ଟିମ ସହ ଅନନ୍ତପୁର ଥାନା ଅନ୍ତର୍ଗତ ସୋଲଗାଁ ଦୟାନିଧିପୁର, ଗୁଡ଼ ଏବଂ ବାଲିଛନ୍ଦାଘାଟ ଛକରେ ଚଢ଼ାଉ କରାଯାଇ ୪୦୫ ଲିଟର ଜିଞ୍ଜର ଓ ୩୦ ଲିଟର ଦେଶୀ ରନ୍ଧା ମଦ ଏବଂ ୬ଟି ମୋଟର ସାଇକେଲ ଜବତ କରାଯିବା ସହିତ ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ଅନ୍ତର୍ଗତ ଅଢୁଆଁ ଗ୍ରାମର କପିଳ ମଲ୍ଲିକ, ଶ୍ରୀହରି ଦାସ, ସୁଶାନ୍ତ ମଲ୍ଲିକ, ରାଜେଶ ମଲ୍ଲିକ, ଜୁଲୁକା ମଲ୍ଲିକ ଓ ବାଲିଛନ୍ଦା ଘାଟ ଅଂଚଳର ନିରାକାର ମଲ୍ଲିକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ ସୋଲଗାଁ ଗ୍ରାମର କାହ୍ନୁ ଚରଣ ନାୟକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଜବତ ହୋଇଥିବା ଜିଞ୍ଜର ଓ ଦେଶୀ ରନ୍ଧା ମଦ ଓ ମୋଟର ସାଇକେଲର ଆନୁମାନିକ ମୂଲ୍ୟ ୭ ଲକ୍ଷ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି ।

# ଆରସି କୃଷ୍ଣ ଚନ୍ଦ୍ର ମାଝୀଙ୍କର କାର୍ଯ୍ୟ ନିବୃତ ଅବସର କାଳୀନ ସମ୍ବର୍ଦ୍ଧନା



ଜଳେଶ୍ୱର(ନିପ୍ର): ଅପରାହ୍ନ ୪’ଘଟିକା ସମୟରେ-ଜଳେଶ୍ୱର ବ୍ଲକ ଅନ୍ତର୍ଗତ, ଖୁଲୁଡା ପଂଚାୟତ ଅଧିନସ୍ଥ ମେଦିନୀପୁର କ୍ଲଷ୍ଟର ଅଧିନରେ ମେଦିନୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ର ସମ୍ମିଳନୀ କକ୍ଷରେ ସି ଆର ସି କୃଷ୍ଣ ଚନ୍ଦ୍ର ମାଝୀ ଙ୍କର କାର୍ଯ୍ୟ ନିବୃତ ଅବସର କାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଅଧ୍ୟକ୍ଷତା କରିଥିଲେ ପ୍ରଧାନ ଶିକ୍ଷୟିତ୍ରୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ମେଦିନୀପୁର ଲିଳିମା ମାଝୀ, ମୁଖ୍ୟ ଅତିଥି ଭାବରେ ଜଳେଶ୍ୱର ଶିକ୍ଷାଜିଲ୍ଲାର ବି ଆର ସି ସି ସୁଶାନ୍ତ କୁମାର ଜେନା, ମୁଖ୍ୟ ବକ୍ତା ଭାବରେ ଏ ବି ଇ ଓ ଜ୍ୟୋସ୍ନା ରାଣୀ ପ୍ରଧାନ, ବରେଣ୍ୟ ଅତିଥି ଭାବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟ ର ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି, ଅନ୍ୟତମ ସମ୍ମାନୀତ ଅତିଥି ଭାବରେ ଅନନ୍ତ କୁମାର ବେହେରା ମଂଚ ଆମନ୍ତ୍ରଣ ଶିକ୍ଷକ ନେତା କୁମୁଦ ରଞ୍ଜନ ଜେନା, ସଂଚାଳନ ଶିକ୍ଷୟିତ୍ରୀ ସବିତା ଜେନା, ବିଦାୟୀ ସି ଆର ସି ସି ଙ୍କ କାର୍ଯ୍ୟ ଦକ୍ଷତା ସମ୍ପର୍କରେ ତଥା ତାଙ୍କର ବ୍ୟବହାର, ଭଦ୍ର ନମ୍ର, ସଦା ସବୁବେଳେ ହସହସ ମୁହଁ, କାର୍ଯ୍ୟ ଶୈଳୀ ସମ୍ପର୍କ ରେ ଆଲୋକପାତ କରିଥିଲେ । ଏହି ଅବସରରେ କୃଷ୍ଣ ଚନ୍ଦ୍ର ମାଝୀ ଙ୍କୁ କ୍ଲଷ୍ଟର ତରଫରୁ ଉପାୟନ, ପୁଷ୍ପ ଗୁଚ୍ଛ, ସମ୍ବର୍ଦ୍ଧନା ପତ୍ର ସହ ସମ୍ବର୍ଦ୍ଧିତ କରା ଯାଇଥିଲା । ଏଥିରେ, ୭ ଟି ପ୍ରାଥମିକ ୫ ଟି ଉଚ୍ଚ ପ୍ରାଥମିକ ୨ଟି ମାଧ୍ୟମିକ ସର୍ବମୋଟ ୧୪ ଟି ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ଶିକ୍ଷାକର୍ମୀ ମାନେ ସମାରୋହ ରେ ଯୋଗଦାନ କରି ସମ୍ବର୍ଦ୍ଧିତ କରିଥିଲେ । ବକ୍ତବ୍ୟ ରଖିଥିଲେ ମନୋରଞ୍ଜନ ଜେନା । ଏହି ସଭାରେ ଉପସ୍ଥିତ ଥିଲେ କୁମୁଦ ରଞ୍ଜନ ଜେନା ପ୍ରାରମ୍ଭିକ ସୂଚନା ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ, ସବିତା ଜେନା କାର୍ଯ୍ୟକ୍ରମକୁ ସଂଚାଳନ କରି ଥିଲେ, ରତ୍ନ ପ୍ରଭା ଧଳ, ମନୋ ରଞ୍ଜନଜେନା, ନିତ୍ୟାନନ୍ଦ ସିଂ, ନବୀନ କୁମାର ମିଶ୍ର, ମଞ୍ଜୁବାଳାଜେନା, ଗୌରୀବାଳା ଜେନା, ସନ୍ତୋଷ କୁମାର ସେଠୀ, ଅତସୀ ଧଳ, ଉଷାମଣି ସାମଲ, ଜୟନ୍ତୀ ସେଠୀ, ଅଶ୍ୱିନୀ କୁମାର ସେନ୍, ଚନ୍ଦ୍ରଶେଖର ପରିଡା, ବଂଶୀଧର ଜେନା, ଦେବାଶିଷ ଗିରି, ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେଶ ଦାସ, ପ୍ରଧାନ ଶିକ୍ଷକ ବ୍ୟୋତକେଶ ପ୍ରଧାନ, କମଳାକାନ୍ତ ସେଠୀ, ଶୁଭେନ୍ଦୁ ପାତ୍ର, ଲିପିକା ମାଝୀ, ଗୋପୀ ମୋହନ ପୁର କ୍ଲଷ୍ଟର ର ଶିକ୍ଷୟିତ୍ରୀ ହେମାଙ୍ଗୀନୀ ବେହେରା ଓ ପୁଷ୍ପିତା ଦେ ଉଭୟ ବର୍ତନା ଇଉଜି ଇଉପି ସ୍କୁଲ ର ଶିକ୍ଷୟିତ୍ରୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ସହକାରୀ ଶିକ୍ଷକ କୁମୁଦ ରଞ୍ଜନ ଜେନା ।



# ଯାଜପୁରରେ ସଂଗ୍ରାମଙ୍କ ଶକ୍ତି ପ୍ରଦର୍ଶନ

## ବିଜେପି ବିଜୟ ଉତ୍ସବରେ ହଜାର ହଜାର ଯୁବକଙ୍କ ଯୋଗଦାନ, ରାଜନୀତିରେ ବଢ଼ିଲା ଚର୍ଚ୍ଚା

ଯାଜପୁର(ନି.ପ୍ର.) ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରୀର ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ଉଲ୍ଲେଖନୀୟ ସଫଳତା ପରେ ଯାଜପୁର ସହରରେ ଦେଖିବାକୁ ମିଳିଛି ଏକ ଭବ୍ୟ ବିଜୟ ଉତ୍ସବ । ଯୁବ ବିଜେପି ନେତା ସଂଗ୍ରାମ କେଶରୀ ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ବିଶାଳ ବାଇକ୍ ଶୋଭାଯାତ୍ରା ସହରର ରାଜନୈତିକ ପରିବେଶକୁ ସରଗରମ କରିଦେଇଛି । ରାଲିରେ ଯୁବ ସମର୍ଥକଙ୍କ ଅସାଧାରଣ ଭିଡ଼ ଓ ଉତ୍ସାହ ଦେଖି ଏବେ ସହରରେ ଗୋଟିଏ ଚର୍ଚ୍ଚା "ଯାଜପୁର ରାଜନୀତିରେ ସଂଗ୍ରାମଙ୍କ ଏଂଟ୍ରି କି ନୂଆ ସମୀକରଣ ତିଆରି କରିବ । ଏନ୍.ସି କଲେଜ ନିକଟରୁ ଆରମ୍ଭ ହୋଇଥିବା ଏହି ବିଶାଳ ରାଲି ମେଡିକାଲ ଛକ, ଗାନ୍ଧି ଛକ, ବଡ଼ବଜାର, ଗରିଆପୁର, ଯୋଡ଼ିକୁଅ ଦେଇ କୁସୁମା ପର୍ଯ୍ୟନ୍ତ ଯାଇଥିଲା । କୁସୁମା ନିକଟସ୍ଥ ପଡ଼ିଆରେ ଏକ ବିଶାଳ ସାଧାରଣ ସଭାର ଆୟୋଜନ ହୋଇଥିଲା, ଯେଉଁଠାରେ ସଂଗ୍ରାମ ପାତ୍ର କାର୍ଯ୍ୟକର୍ତ୍ତାଙ୍କୁ ଉଦବୋଧନ ଦେଇଥିଲେ । ଶତାଧିକ ବାଇକ୍, ଦଳୀୟ ପତାକା, ଢୋଲ ଓ "ଭାରତ ମାତା କୀ ଜୟ" ଧ୍ୱନିରେ ସମଗ୍ର ସହର ଉତ୍ସବମୁଖର ହୋଇଉଠିଥିଲା । ଆୟୋଜକଙ୍କ ଦାବି ଅନୁସାରେ, ଏହି ରାଲିରେ ୫ ହଜାରରୁ ଅଧିକ କାର୍ଯ୍ୟକର୍ତ୍ତା ଓ ସମର୍ଥକ ଯୋଗଦେଇଥିଲେ ।

ରାଲିରେ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡ଼ା. ଐଶ୍ୱର୍ଯ୍ୟା ବିଶ୍ୱାଳ, ଜିଲ୍ଲା ଉପସଭାପତି ସୁଶାନ୍ତ ସାହୁ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଅବିନାଶ ନାୟକଙ୍କ ସହ ବହୁ ଜିଲ୍ଲା ଓ ସହର ନେତୃତ୍ୱ ଉପସ୍ଥିତ ଥିଲେ । ତେବେ ସମଗ୍ର କାର୍ଯ୍ୟକ୍ରମର ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲେ ଯୁବନେତା ସଂଗ୍ରାମ ପାତ୍ର । ରାସ୍ତାର ଦୁଇପାର୍ଶ୍ୱରେ ଲୋକମାନେ ଭିଡ଼ କରି ତାଙ୍କୁ ସ୍ୱାଗତ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ସଭାକୁ ସମ୍ବୋଧିତ କରି ସଂଗ୍ରାମ ପାତ୍ର କହିଥିଲେ ଯେ, ପଶ୍ଚିମବଙ୍ଗ, ଆସାମ ଏବଂ ପୁଡୁଚେରୀରେ ବିଜେପିକୁ ମିଳିଥିବା ଜନମତ କେବଳ ଏକ ସାଧାରଣ ନିର୍ବାଚନୀ ବିଜୟ ନୁହେଁ, ବରଂ ଏହା ଦେଶର ଜାତୀୟତାବାଦୀ ଚିନ୍ତାଧାରା, ବିକାଶମୂଳକ ରାଜନୀତି ଓ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ପ୍ରତି ଲୋକଙ୍କ ଅତୁଟ ବିଶ୍ୱାସର ପ୍ରତିଫଳନ । ବିଶେଷକରି ପଶ୍ଚିମବଙ୍ଗରେ ମିଳିଥିବା ସଫଳତାକୁ ସେ "ଭାରତର ଗୌରବ ପୁନଃ ପ୍ରତିଷ୍ଠାର ନୂଆ ଅଧ୍ୟାୟ" ବୋଲି ବର୍ଣ୍ଣନା କରିଥିଲେ । ସଂଗ୍ରାମ ଆହୁରି କହିଥିଲେ ଯେ, ଯାଜପୁରରେ ବିଜେପି ସଂଗଠନ ଏବେ ଘରେ ଘରେ ପହଂଚୁଛି ଏବଂ ଯୁବପିଢ଼ୀଙ୍କ ଭିତରେ ଦଳ ପ୍ରତି ଆସ୍ଥା ବଢୁଛି । ଆଗାମୀ ପଂଚାୟତ ଓ ପୌର ନିର୍ବାଚନରେ ବିଜେପି ଶକ୍ତିଶାଳୀ ପ୍ରଦର୍ଶନ କରିବ ବୋଲି ସେ ଦୃଢ଼ ଆଶା ବ୍ୟକ୍ତ କରିଥିଲେ । ସେ ବିରୋଧୀ ନେତୃତ୍ୱଙ୍କୁ ମଧ୍ୟ କଟାକ୍ଷ କରି କହିଥିଲେ ଯେ, "ଯାଜପୁରର ଲୋକ ଏବେ ପରିବର୍ତ୍ତନ ଚାହୁଁଛନ୍ତି ଏବଂ ଯୁବଶକ୍ତି ସେହି ପରିବର୍ତ୍ତନର ନେତୃତ୍ୱ ନେବ" । ସଂଗ୍ରାମଙ୍କ ଭାଷଣ ସମୟରେ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଦେଖାଯାଇଥିଲା ଅପାର ଉତ୍ସାହ । ଯୁବକମାନଙ୍କ ନାରାବାଜି ଓ ଉଦ୍ଦୀପନାରେ ସଭାସ୍ଥଳ ଗୁଞ୍ଜରି ଉଠିଥିଲା । ରାଜନୈତିକ ମହଲରେ ଏହି ରାଲିକୁ ସଂଗ୍ରାମ ପାତ୍ରଙ୍କ "ପାୱାର ସୋ" ଭାବେ ଦେଖାଯାଉଛି । ଯୁବ ମୁହଁ ଭାବେ ତାଙ୍କ ବଢୁଥିବା ପ୍ରଭାବ, ସଂଗଠନ କ୍ଷମତା ଓ ଜନସମର୍ଥନ ଏହି ରାଲି ମାଧ୍ୟମରେ ପୁଣିଥରେ ସାମ୍ନାକୁ ଆସିଛି । ବିଶେଷକରି ଯୁବ ଭୋଟରଙ୍କ ମଧ୍ୟରେ ସଂଗ୍ରାମଙ୍କ ପ୍ରତି ଆକର୍ଷଣ ଦ୍ରୁତ ଗତିରେ ବଢୁଥିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି । ସହରରେ ଏବେ ଗୋଟିଏ ପ୍ରଶ୍ନ— ଏହି ବିଶାଳ ଶକ୍ତି ପ୍ରଦର୍ଶନ କି ଆଗାମୀ ଦିନରେ ଯାଜପୁରର ରାଜନୈତିକ ଚିତ୍ରକୁ ପରିବର୍ତ୍ତନ କରିଦେବନି ତ ?

# କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ




କଟକ (ନି. ପ୍ର)ଭାରତୀୟ ରେଡକ୍ରସ ସୋସାଇଟି, କଟକ ଶାଖା ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହଠାରେ ବିଶ୍ୱ ରେଡକ୍ରସ ଦିବସ ଏବଂ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସୁଇଜରଲାଣ୍ଡର ଖ୍ୟାତାନମା ଚିକିତ୍ସକ ତଥା ରେଡକ୍ରସର ପ୍ରତିଷ୍ଠାତା ସାର ଜନ ହେନେରୀ ଡୁନାଂଟଙ୍କ ଜନ୍ମଦିବସରେ ପ୍ରତ୍ୟେକ ବର୍ଷ ବିଶ୍ୱ ରେଡକ୍ରସ ଦିବସ ପାଳନ କରାଯାଉଅଛି । ଆଜିର ଏହି ଦିବସ ପାଳନ ଅବସରରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟଅତିଥି ଭାବେ ଯୋଗଦେଇ ରେଡକ୍ରସ୍ ର ଭୂମିକା ସମ୍ବନ୍ଧରେ ସୂଚନା ପ୍ରଦାନ କରି କହିଲେ ଯେ, ଏହି ଆଦର୍ଶ ବ୍ୟବସ୍ଥାରେ ଅତି କମ ସମୟରେ ଅଭାବି ଲୋକଙ୍କୁ ଚିକିତ୍ସା ଆଦି ଆବଶ୍ୟକତା ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥାଏ । ଅନେକ ସମୟରେ ଲୋକଙ୍କ ପାଇଁ ଏହି ସହାୟତା ଜୀବନ ରକ୍ଷକ ପ୍ରମାଣିତ ହୋଇଥାଏ । ତେଣୁ ରେଡକ୍ରସ ପାଣ୍ଠି ବୃଦ୍ଧି କରିବା ଆମ ସମସ୍ତଙ୍କର ଦାୟିତ୍ୱ ହେବା ଉଚିତ । ଏହି ପାଣ୍ଠି ଯଥେଷ୍ଟ ବୃଦ୍ଧି ଘଟିଲେ ଆମେ ଗରିବ ଲୋକଙ୍କୁ ଆବଶ୍ୟକତା ଅନୁଯାୟୀ ସହାୟତା ଯୋଗାଇ ପାରିବା । ଏଥିସହ ରକ୍ତ ସଂଗ୍ରହ ନିମନ୍ତେ ବିଭିନ୍ନ ଶିବିର ଆୟୋଜନ ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦିବ୍ୟଲୋଚନ ମହାନ୍ତ ରେଡକ୍ରସ ସଂଗଠନ ର ଇତିହାସ ଓ ଭାରତରେ ରେଡକ୍ରସ ସୋଶାଇଟିର ସମୃଦ୍ଧି ଉପରେ ବିସ୍ତୃତ ବିବରଣୀ ରଖିବା ସହ ରେଡକ୍ରସ ର ପାଣ୍ଠି ବୃଦ୍ଧି ଓ ଏହାର ସଦୁପଯୋଗ ଉପରେ ଜିଲ୍ଲାପାଳଙ୍କ ବିଶେଷ ନିର୍ଦ୍ଦେଶ ଥିବା କହିଥିଲେ । ରେଡ଼କ୍ରସ ପାଣ୍ଠି ସଂଗ୍ରହ ନିମନ୍ତେ ନୂତନ ସୁରକ୍ଷା ବ୍ୟବସ୍ଥା ଥିବା ରସିଦ ବହି ଛାପିବା ନିମନ୍ତେ ସେ ପ୍ରସ୍ତାବ ଦେଇଥିଲେ । ଏଥିସହ କ୍ୟୁ ଆର କୋଡ଼ ମାଧ୍ୟମରେ ମଧ୍ୟ ପାଣ୍ଠି ସଂଗ୍ରହ କରାଯିବା ନିମନ୍ତେ ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ । ସଭାରେ ସ୍ୱାଗତ ଭାଷଣ ଦେଇ ଜିଲ୍ଲା ଜରୁରୀକାଳିନ ଅଧିକାରୀ ତଥା ଡେପୁଟୀ କଲେକ୍ଟର ପୁଷ୍ପଶ୍ରୀ ସାଣ୍ଡିଲ କଟକ ଜିଲ୍ଲା ରେଡକ୍ରସ ସୋଶାଇଟି ର ଆଗାମୀ ଦିନ ପାଇଁ କାର୍ଯ୍ୟ ଖସଡା ପ୍ରସ୍ତୁତ ଥିବା କଥା ଜଣାଇଥିଲେ । ସଭାରେ ଆଠଗଡ ଉପଜିଲ୍ଲାପାଳ ଶ୍ରୀ ପ୍ରହଲ୍ଲାଦ ନାରାୟଣ ଶର୍ମା, ବାଙ୍କୀ ଉପଜିଲ୍ଲାପାଳ ଶ୍ରୀମତୀ ମନସ୍ୱିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅବସରରେ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶ୍ରୀ କରୁଣାକର ତିୱାରୀ ଜିଲ୍ଲା ଅବକାରୀ ଅଧିକ୍ଷକ, ଶ୍ରୀ ବିଶ୍ୱଜିତ ଦାସ ଆଂଚଳିକ ପରିବହନ ଅଧିକାରୀ ଓ ଶ୍ରୀ ଶ୍ରୀକାନ୍ତ ବେହେରା ସହକାରୀ ଜିଲ୍ଲାପାଳ (ନ୍ୟାୟିକ)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବିଶ୍ୱ ରେଡ଼କ୍ରସ ଦିବସ ପାଳିତ

ଯାଜପୁର(ନି.ପ୍ର.) ଯାଜପୁର ଜିଲା ପରିଷଦ ସମ୍ମିଳନୀ ଗୃହରେ ଜିଲା ରେଡକ୍ରସ ଶାଖା ପକ୍ଷରୁ ବିଶ୍ୱ ରେଡ଼କ୍ରସ ଦିବସ ପାଳିତ ହୋଇଯାଇଛି । ଜିଲାପାଳ ଅମ୍ବର କୁମାର କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଯାଜପୁର ପୌରପାଳିକା ର ଅଧ୍ୟକ୍ଷା ରଞ୍ଜୁଲତା ହୋତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରେଡକ୍ରସର ସୃଷ୍ଟି ଦୁସ୍ଥ ଓ ଅସହାୟଙ୍କ ସେବା ପାଇଁ ବୋଲି କହିଥିଲେ । ରେଡକ୍ରସର ସଂପାଦକ ତଥା ସହକାରୀ ଜିଲାପାଳ କୁଳମଣି ନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ରାଜସ୍ୱ ବିଭାଗ ର ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ, କଳିଙ୍ଗ ନଗର ଅତିରିକ୍ତ ଜିଲାପାଳ, ଏଡିପିଏଚଓ ଡ଼ ରମେଶ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ରେଡ଼କ୍ରସ ସହ ସମସ୍ତେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ । ଏହି ବୈଠକରେ ଗତ ଆର୍ଥିକ ବର୍ଷରେ ରେଡକ୍ରସ ପାଣ୍ଠି ପାଇଁ ସଂଗୃହିତ ଆୟ ବ୍ୟୟର ହିସାବ ରଖାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ରେଡକ୍ରସ ପାଣ୍ଠିଦାତା ଓ ରକ୍ତଦାତା ଏବଂ ବିଭିନ୍ନ ସଂଗଠନ ର ସ୍ୱେଚ୍ଛାସେବୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର କାର୍ଯ୍ୟକର୍ତ୍ତା, ବରିଷ୍ଠ ନାଗରିକ, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ ।

## ନୂତନ ଇତିହାସ ସୃଷ୍ଟି କରିଛନ୍ତି ଯାଜପୁରର ଯୁବକ ଚନ୍ଦନ ଦାସ

ଯାଜପୁର:(ନି.ପ୍ର.) ଲୁନାରେ ୨୮ଦିନ ଯାତ୍ରା କରି ୫୦୦୦ରୁ ଉର୍ଦ୍ଧ୍ୱ କିଲୋମିଟର ଚଳାଇ ନୂତନ ଇତିହାସ ସୃଷ୍ଟି କରିଛନ୍ତି ଯାଜପୁରର ଯୁବକ । ଆଠ ଗୋଟି ରାଜ୍ୟ ଅତିକ୍ରମ କରିବା ସହ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କ ଆଜ୍ଞାମାଳ ନେଇ କେଦାରନାଥ ରେ ପହଂଚାଇ ଯାଜପୁର ପାଇଁ ଗର୍ବ ଆଣିଛନ୍ତି ଯାଜପୁର ବ୍ଲକ ମହେଶ୍ୱରପୁର ପଂଚାୟତ ଗୋପୀନାଥପୁର ଗାଁର ଜଗନ୍ନାଥ ଦାସଙ୍କ ପୁଅ ଚନ୍ଦନ ଦାସ । ଚନ୍ଦନ ପେଶାରେ ଜଣେ ଦହିବରା ବେପାରୀ ହୋଇଥିବା ବେଳେ ତାଙ୍କର ଦୃଢ଼ ଇଚ୍ଛାଶକ୍ତି ବଳରେ ମା ବିରଜା ଓ ପ୍ରଭୁ ଜଗନ୍ନାଥଙ୍କ ପ୍ରଚାରପ୍ରସାର ପାଇଁ ଏଭଳି ଏକ ନିଆରା କାର୍ଯ୍ୟ ସାଧନ କରିପାରିଛନ୍ତି । ଏଭଳି ନିଆରା ପଦକ୍ଷେପ ପାଇଁ ଯାଜପୁରବାସୀଙ୍କ ପ୍ରଶଂସାର ପାତ୍ର ହେବା ସହ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ମଧ୍ୟ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।

# ବାରିପଦାରେ 'ଆକାଂକ୍ଷା ଆଇଟି ହବ୍' ଉଦଘାଟିତ

ବାରିପଦା, (ନି.ପ୍ର.)ପ୍ରଯୁକ୍ତିବିଦ୍ୟା, ନବୋନ୍ମେଷ ଏବଂ ଦକ୍ଷତା ବିକାଶ ମାଧ୍ୟମରେ ଯୁବ ସଶକ୍ତିକରଣକୁ ସୁଦୃଢ଼ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ, ଆଜି ବାରିପଦାଠାରେ ବହୁ ପ୍ରତିକ୍ଷିତ ଆକାଂକ୍ଷା ଆଇଟି ହବ୍' ଉଦଘାଟିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଏବଂ ଆଇଟିଡିଏ (ଓଞ୍ଜଉଇ), ବାରିପଦାଙ୍କ ତତ୍ୱାବଧାନରେ ଏହି ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଉତର ଓଡ଼ିଶାର ଏକମାତ୍ର ଷ୍ଟାର୍ଟଅପ୍ 'ଇନଫୋକ୍ରିଏଟିଭ୍ ସର୍ଭିସେସ୍ ପ୍ରାଏଭେଟ୍ ଲିମିଟେଡ୍' ସହାୟତା ପ୍ରଦାନ କରୁଛି, ଯାହାକି ନାସକମ୍ (ଘଇଝଝଉଙଗ) ସହିତ ଫିକି (ରଓଉଉଓ) ଏବଂ ସିଆଇଆଇ (ଉଓଓ) ଭଳି ପ୍ରତିଷ୍ଠିତ ଜାତୀୟ ଶିଳ୍ପ ସଂସ୍ଥା ସହ ଜଡ଼ିତ । ଏହି ସଂସ୍ଥା ମୟୂରଭଞ୍ଜ ଚାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରି (ଗଇଣଉଉଓ) ର ମଧ୍ୟ ଏକ ସକ୍ରିୟ ସଦସ୍ୟ ।ମୟୂରଭଞ୍ଜ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ହେମକାନ୍ତ ସାଏ (ଓଇଝ) ଙ୍କ ନେତୃତ୍ୱରେ ଏହି ଦୂରଦୃଷ୍ଟିସମ୍ପନ୍ନ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଆଧୁନିକ ପ୍ରଯୁକ୍ତିବିଦ୍ୟା, ଡିଜିଟାଲ୍ ଦକ୍ଷତା ଏବଂ ଶିଳ୍ପ-ଭିତିକ ପ୍ରଶିକ୍ଷଣ ମାଧ୍ୟମରେ ଆଦିବାସୀ ଓ ଗ୍ରାମାଂଚଳର ଯୁବକଯୁବତୀମାନଙ୍କୁ ସଶକ୍ତ କରିବା ପାଇଁ 'ଆକାଂକ୍ଷା' ଏକ ପରିବର୍ତନକାରୀ ପ୍ଲାଟଫର୍ମ ହେବ ବୋଲି ସେ ପରିକଳ୍ପନା କରିଥିଲେ । ବାରିପଦା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଶ୍ରୀ ପ୍ରଣୟ ରଞ୍ଜନ ବେହେରା (ଙଇଝ), ଆଇଟିଡିଏ ଟିମ୍ ଏବଂ କର୍ମଚାରୀମାନଙ୍କ ମିଳିତ ସହଯୋଗରେ ଏହି ପ୍ରକଳ୍ପ ସଫଳତାର ସହ କାର୍ଯ୍ୟକାରୀ ହୋଇଛି । ଉଦ୍ୟୋଗୀ ତଥା ଶିଳ୍ପ ନେତୃତ୍ୱ ଇଂ ସୌମ୍ୟରଞ୍ଜନ ମିଶ୍ର ଏହି କାର୍ଯ୍ୟକ୍ରମର ସମନ୍ୱୟ ରକ୍ଷା କରୁଛନ୍ତି । ସେ ଅଂଚଳରେ ଦକ୍ଷତା ବିକାଶ, ନବୋନ୍ମେଷ, ନିଯୁକ୍ତି ଏବଂ ଉଦ୍ୟୋଗିତା ପାଇଁ ଏକ ସ୍ଥାୟୀ ପରିବେଶ ସୃଷ୍ଟି କରିବା ଦିଗରେ ସକ୍ରିୟ ଭାବେ କାର୍ଯ୍ୟ କରିଆସୁଛନ୍ତି ।

ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରତିଷ୍ଠିତ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଅବସରରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ (ଗଝଉଇ) ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି, ମୟୂରଭଞ୍ଜ ଚାମ୍ବର ଅଫ୍ କମର୍ସର ସଭାପତି ରୋଟାରିଆନ୍ ନୀରଜ କୁମାର ପଣ୍ଡା, ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସୋରେନ୍, ମୟୂରଭଞ୍ଜ ଏସଡିସି (ଝଉଉ) ଅଧ୍ୟକ୍ଷ ଶ୍ରୀ ବୁଧନ ମୁର୍ମୁଙ୍କ ସମେତ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ, ଶିକ୍ଷାବିତ୍ ଏବଂ ଯୁବ ପ୍ରତିଭାମାନେ ଉପସ୍ଥିତ ଥିଲେ ।ମୟୂରଭଞ୍ଜର ଯୁବପିଢ଼ିଙ୍କୁ ଶିଳ୍ପ-ଭିତିକ ଡିଜିଟାଲ୍ ଦକ୍ଷତା, ନୂତନ ପ୍ରଯୁକ୍ତିବିଦ୍ୟା ସହ ପରିଚିତ କରାଇବା, ନବୋନ୍ମେଷ-ଭିତିକ ଶିକ୍ଷା, ଉଦ୍ୟୋଗ ବିକାଶ ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ଏହି ହବ୍?ର ମୂଳ ଲକ୍ଷ୍ୟ । ଏହା ପାରମ୍ପରିକ ଶିକ୍ଷା ଏବଂ ଆଧୁନିକ ଶିଳ୍ପର ଆବଶ୍ୟକତା ମଧ୍ୟରେ ଥିବା




ବ୍ୟବଧାନକୁ ଦୂର କରିବାରେ ସହାୟକ ହେବ ।ବର୍ତମାନ ଜିଲ୍ଲାର ପ୍ରମୁଖ ଶିକ୍ଷାନୁଷ୍ଠାନ ଯଥା ଗଝଉଇ ବିଶ୍ୱବିଦ୍ୟାଳୟ, ସୀମାନ୍ତ ଇଞ୍ଜିନିୟରିଂ କଲେଜ ଏବଂ ଗଚଉ ସ୍ୱୟଂଶାସିତ କଲେଜର ଛାତ୍ରଛାତ୍ରୀମାନେ ଏଠାରେ ପ୍ରଶିକ୍ଷଣ ନେଉଛନ୍ତି ଏବଂ ସେମାନଙ୍କୁ ବିଭିନ୍ନ ରାଜ୍ୟ ଓ ଜାତୀୟ ସ୍ତରୀୟ କମ୍ପାନୀରେ ନିଯୁକ୍ତି ପାଇଁ ପ୍ରସ୍ତୁତ କରାଯାଉଛି ।ଅଭିଜ୍ଞ ଶିଳ୍ପ ବିଶେଷଜ୍ଞ, କର୍ପୋରେଟ୍ ପ୍ରଫେସନାଲ୍ ଏବଂ ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରାଯାଉଛି । ଏହି ମିଳିତ ପ୍ରୟାସ ଓଡ଼ିଶାର ଆଦିବାସୀ ଓ ଗ୍ରାମାଂଚଳରୁ ଏକ ଦକ୍ଷ ଏବଂ କୁଶଳୀ ଯୁବକୋଷ ସୃଷ୍ଟି କରିବ ବୋଲି ଆଶା କରାଯାଉଛି ।ଜିଲ୍ଲା ପ୍ରଶାସନ ଏବଂ ଏକ ଜାତୀୟ ସ୍ତରର ମାନ୍ୟତା ପ୍ରାପ୍ତ ଟେକ୍ନୋଲୋଜି ଷ୍ଟାର୍ଟଅପ୍ ମଧ୍ୟରେ ଏଭଳି ସହଯୋଗ ଓଡ଼ିଶାରେ ପ୍ରଥମ ବୋଲି କୁହାଯାଉଛି । ଏହା କେବଳ ଏକ ଆଇଟି ପ୍ରଶିକ୍ଷଣ କେନ୍ଦ୍ର ନୁହେଁ, ବରଂ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଏବଂ ଆତ୍ମନିର୍ଭରଶୀଳତା ସୃଷ୍ଟି କରିବାର ଏକ ଆନ୍ଦୋଳନ । ଏହି ହବ୍ ଅଂଚଳର ଆର୍ଥିକ ଓ ସାମାଜିକ ଅଭିବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ମୟୂରଭଞ୍ଜକୁ ପ୍ରଯୁକ୍ତିବିଦ୍ୟାର ଏକ ନୂତନ କେନ୍ଦ୍ର ଭାବେ ଗଢ଼ିତୋଳିବ ।

# ଡିଏଭି ପରିସରରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ



ଝାରସୁଗୁଡ଼ା(ନି.ପ୍ର.) ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ବିଶ୍ୱ ରେଡ଼ କ୍ରସ ଦିବସ ପାଳନ ଅବସରରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ହେନରୀ ଡୁନାଂଟଙ୍କ ପ୍ରତିଫଳକରେ ମାଲ୍ୟାର୍ପଣ କରାଯାଇଥିଲା । ବେଦାନ୍ତ ତରଫରୁ ଡାକ୍ତର ମଙ୍ଗରାଜ, ଡାକ୍ତର ରାଜା ରାମ, ସ୍ୱାସ୍ଥ୍ୟ ବିଭାଗୀୟ କର୍ମକର୍ତ୍ତା ବେଦ ପ୍ରସାଦ ଡୋରାଙ୍କ ସହିତ ତାଙ୍କ ମେଡିକାଲ ଟିମ ଆସି ଡିଏଭିରେ ୫୦ ରୁ ଉର୍ଦ୍ଧ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଶିବିରରେ ରକ୍ତଚାପ, ରକ୍ତ ଶର୍କରା ପରୀକ୍ଷା ସହିତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଡା. ମଙ୍ଗରାଜ ଓ ଡା. ରାଜାରାମ ସ୍ୱାସ୍ଥ୍ୟ ସେବା ପ୍ରଦାନପୂର୍ବକ ସ୍ୱାସ୍ଥ୍ୟ ସଚେତନତା, ସୁସ୍ଥ ଜୀବନଶୈଳୀ ଓ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ବିଶ୍ୱ ରେଡ଼ କ୍ରସ ଦିବସ ପାଳନ କାର୍ଯ୍ୟକ୍ରମକୁ ନିତ୍ୟାନନ୍ଦ ସାହୁ, ହେମଲତା ଜୟସ୍ୱାଲ, ଅନାମିକା ରାନୀ ଓ ରଶ୍ମିରେଖା ଶର୍ମା ପରିଚାଳନା କରିଥିଲେ । ଏହି ଅବସରରେ ଶିକ୍ଷକ ବିଜୟକୃଷ୍ଣ ଛତ୍ରିଆ ଓ ଛାତ୍ରୀ ପ୍ରିୟଙ୍କା ଦାସ ନିଜ ଉଦବୋଧନରେ ମାନବସେବା, ସ୍ୱାସ୍ଥ୍ୟ ସଚେତନତା ଏବଂ ରେଡ଼ କ୍ରସର ସେବାମୂଳକ କାର୍ଯ୍ୟକଳାପର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଓ ଜୁନିଅର ରେଡ଼ କ୍ରସ ଛାତ୍ରଛାତ୍ରୀମାନେ ସକ୍ରିୟଭାବେ ଅଂଶଗ୍ରହଣ କରିଥିଲେ । ସମସ୍ତଙ୍କ ସହଯୋଗ ଓ ସମନ୍ୱୟରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସଫଳତାର ସହ ସମ୍ପନ୍ନ ହୋଇଥିଲା ।

## ତାଳଚେର ପୌର ପରିଷଦ ର ଉପ ନଗରପାଳଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିଲେ ବିଜେପିର ୧୬ କାଉନସିଲର




ଅନୁଗୁଳ /ତାଳଚେର :(ନି.ପ୍ର.): ତାଳଚେର ପୌର ପରିଷଦ ର ଉପ ନଗରପାଳ ଶୁଭଶ୍ରୀ ଶୁଭସ୍ମିତା ପ୍ରଧାନ ଙ୍କ ବିରୁଦ୍ଧରେ ଆଜି ଶନିବାର ଅନାସ୍ଥା ପ୍ରସ୍ତାବ ଅଣାଯାଇଛି ।ତାଙ୍କର କାର୍ଯ୍ୟଧାରା ରେ ଅସନ୍ତୋଷ ପ୍ରକାଶ କରିବା ସହ ସେ ଉପ ନଗର ପାଳ ପଦବୀ ପାଇଁ ସମ୍ପୂର୍ଣ ଅସମର୍ଥ ଦୀର୍ଘ ଦିନ ଧରି କାର୍ଯ୍ୟାଳୟ ରେ ଏବଂ କାଉନସିଲ ବୈଠକ ରେ ଅନୁପସ୍ଥିତ ରହିବା କୁ ନେଇ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଛି । ତାଳଚେର ପୌର ପରିଷଦ ର ସମସ୍ତ ୨୧ କାଉନସିଲର ମଧ୍ୟରୁ ନିୟମାନୁଯାୟୀ ଦୁଇ ତୃତୀୟାଂଶ ରୁ ଉର୍ଦ୍ଧ ଅର୍ଥାତ ୧୬ ଜଣ କାଉନସିଲର ଯଥାକ୍ରମେ ଆସିଫ ଖାନ, ଯଶୋବନ୍ତ ମିଶ୍ର, ଲିପିକା ବେହେରା, ସଂଜୀବ କୁମାର ବେହେରା, ଜିତେନ୍ଦ୍ର ଭୁତିଆ, ସନ୍ତୋଷ ବେହେରା, ମମତା ରାଉତ, ଅଜିତ କୁମାର ସାହୁ, ନିରୁପମା ପଟ୍ଟନାୟକ, ସଂଜୀବ କୁମାର ଗଡ଼ନାୟକ, ବଳବିନ୍ଦର କୌର, ସବିତା ପାଲ, ସ୍ୱାଧୀନ ଅମ୍ଭ, ଲିନା ସାହୁ, ଶାନ୍ତନୁ କୁମାର ମିଶ୍ର ଓ ଅନିତା ବିଶ୍ୱାଳ ଅନୁଗୁଳ ଜିଲ୍ଲାପାଳ ଙ୍କ ଅନୁପସ୍ଥିତି ରେ ଅତିରିକ୍ତ ଜିଲ୍ଲାପାଳ ଙ୍କୁ ଭେଟି ଉପ ନଗର ପାଳ ଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଲିଖିତ ଭାବେ ପ୍ରଦାନ କରିଛନ୍ତି ।ବିଜେପି ର ସମସ୍ତ ୧୬ କାଉନ ସିଲର ଙ୍କ ସହ ତାଳଚେର ନଗରପାଳ ପବିତ୍ର ଭୁତିଆ, ମଣ୍ଡଳ ସଭାପତି ରାଜେଶ ଦଳେଇ, ପ୍ରାକ୍ତନ କାଉନସିଲର ଜିତେନ୍ଦ୍ର ଦାସ ଓ ଅକ୍ଷୟ ବିଶ୍ୱାଳ ଙ୍କ ସମେତ ସମସ୍ତ ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଝାରସୁଗୁଡା ଜିଲ୍ଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତୀୟ ରେଡକ୍ରସ ଦିବସ ପାଳିତ

ଝାରସୁଗୁଡା,(ନି.ପ୍ର.) ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ରେଡକ୍ରସ ପକ୍ଷରୁ ଦିବା ଘ.୧୧.୩୦ ମିନିଟ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଗୃହରେ ଆନ୍ତର୍ଜାତୀୟ ରେଡକ୍ରସ ଦିବସ ଉଦଯାପିତ ହୋଇଯାଇଛି । ଚଳିତ ବର୍ଷର ମୂଳ ବିଷୟବସ୍ତୁ ଥିଲା — "ମାନବତାରେ ଏକତା" । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ବ୍ରଜବନ୍ଧୁ ଭୋଇ ଯୋଗଦେଇ ରେଡକ୍ରସର ସେବାମୂଳକ କାର୍ଯ୍ୟ, ତ୍ୟାଗ ଓ କରୁଣାର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ମାନସିକତାରେ ପରିବର୍ତନ ଆଣି ନିସ୍ୱାର୍ଥପର ସେବା ମନୋଭାବ ଗଢ଼ି ତୋଳିବା ସହ ସମାଜର ପ୍ରତ୍ୟେକ ଲୋକଙ୍କ ପ୍ରତି ସହାୟତାର ହାତ ବଢ଼ାଇବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ ଯୋଗଦେଇ ନିସ୍ୱାର୍ଥପର ସେବାଭାବ ଗଢ଼ି ତୋଳିବା ସହ ମନରେ ଦୟା ଓ କରୁଣା ଜାଗୃତ କରି ସମସ୍ତଙ୍କୁ ସହଯୋଗ କରିବାକୁ ଆହ୍ୱାନ ଜଣାଇ ଥିଲେ ।ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଯୋଗଦେଇ ଥିଲେ । ସହକାରୀ ଜିଲ୍ଲାପାଳ, (ରେଡକ୍ରସ ଶାଖା ) ମୃତ୍ୟୁଞ୍ଜୟ ଶବର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ପୁରୀରେ ବିଶ୍ୱ ରେଡକ୍ରସ ଦିବସ ପାଳିତ


ପୁରୀ (ନି.ପ୍ର.) ରେଡକ୍ରସ ବିଶ୍ୱ ର ସର୍ବ ବୃହତ ମାନବ ସେବାକାରୀ ଅନୁଷ୍ଠାନ ।ପ୍ରାକୃତିକ ବିପର୍ଯ୍ୟୟ, ଯୁଦ୍ଧ ବା ଅନ୍ୟ ଯେ କୌଣସି ବିପର୍ଯ୍ୟୟ ର ସମ୍ମୁଖୀନ ମଣିଷ ମାନଙ୍କୁ ସହାୟତା ପାଇଁ ରେଡକ୍ରସ ସର୍ବ ପ୍ରଥମେ ପହଁଚି ଥାଏ ।ତେଣୁ ଆଜିର ଯୁବ ପିଢି ସେବା ମୂଳକ କାର୍ଯ୍ୟ ରେ ବ୍ରତୀ ହେବାକୁ ଆହ୍ୱାନ ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ।ଆଜି ଅପରାହ୍ଣ ରେ ବିଶ୍ୱ ରେଡ଼କ୍ରସ ଦିବସ ଅବସରରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ବେହେରା ପୁରୀ ଜିଲ୍ଲା ରେଡକ୍ରସ ଶାଖା ମାନବସେବା କୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି ଓ ଏହି ସେବା କୁ ଆହୁରି ପରିବ୍ୟାପ୍ତ କରିବାକୁ ଆହ୍ୱାନ ଦେଇଥିଲେ । ସେବା ଏକ ଐଶ୍ୱରୀୟ ଗୁଣ ।ଏହା କୁ ପ୍ରଦାନ କରୁଥିବା ପ୍ରତ୍ୟେକ ବ୍ୟକ୍ତି ମହାନ ଅଟନ୍ତି ।ସମାଜରେ ବିଭିନ୍ନ ସେବାରେ ବ୍ରତୀ ସ୍ୱେଚ୍ଛାସେବୀ ମାନେ ସେମାନଙ୍କ ସେବାକୁ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ରେଡକ୍ରସ ପୁରୀ ଜିଲ୍ଲା ଶାଖାର ସମ୍ପାଦକ ତଥା ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ର ଅଧକ୍ଷ ଡା ବିପିନ ବିହାରୀ ଖୁଁ[ଆ,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ରେଡକ୍ରସ କାର୍ଯ୍ୟ କାରିଣୀ ସଦସ୍ୟ ପ୍ରମୁଖ ଯୋଗ ଦେଇ ରେଡକ୍ରସ ସଂସ୍ଥା, ପ୍ରତିଷ୍ଠାତା ହେନେରୁ ଡୁନା[ ଓ ସେବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ ।ଏହି ଅବସରରେ ରେଡକ୍ରସ ପାଣ୍ଠି ସଂଗ୍ରହ ରେ ଅବଦାନ ରଖିଥିବା ପୁରୀ ଓ ସତ୍ୟବାଦୀ ତହସିଲଦାର ଓ ଡେପୁଟି କଲେକ୍ଟର ଜୁଡିସିଆଲ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ସେହିପରି ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ ।ସଦସ୍ୟ ଶ୍ୟାମ ପ୍ରକାଶ ସେନାପତି ସଭା କାର୍ଯ୍ୟ ପରିଚାଳନା କରିଥିଲେ । ସକାଳ ୭ ଘଟିକା ସମୟରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ରେଡକ୍ରସ ପତାକା କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଉ□ାଳନ କରିବା ସହ ରେଡକ୍ରସ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।ପରେ ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅକ୍ଷୟ ଶତପଥୀ ଉପସ୍ଥିତିରେ ସମସ୍ତ ଅତିଥିଙ୍କ ଦ୍ୱାରା ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ର ରୋଗୀ ମାନଙ୍କୁ ଫଳ ବ[ନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମ ରେ ରେଡକ୍ରସ ସଦସ୍ୟ ମାନେ ଯୋଗ ଦେଇଥିଲେ ।ସମସ୍ତ କାର୍ଯ୍ୟ ରେ ରେଡକ୍ରସ କର୍ମଚାରୀ ଆଦିତ୍ୟ କୁମାର ବରାଳ, ବିଶ୍ୱଭୂଷଣ ଦାଶ, ଆଜୀବନ ସଦସ୍ୟ, ଜୁନିୟର ରେଡକ୍ରସ ସଦସ୍ୟ, ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇ କାର୍ଯ୍ୟ ପରିଚାଳନା କରିଥିଲେ।

# ସୁଭାଷିତ ସେୟାର କରି ଭାରତୀୟ ସେନାର ଶୌର୍ଯ୍ୟକୁ ନମନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ସେନାର ସାହସ, ଶୌର୍ଯ୍ୟ ଏବଂ ପରାକ୍ରମକୁ ନମନ କରି କହିଛନ୍ତି ଯେ, ଦେଶର ସୁରକ୍ଷା ପାଇଁ ଯବାନମାନଙ୍କର ସମର୍ପଣ ପ୍ରତ୍ୟେକ ଦେଶବାସୀଙ୍କୁ ଗର୍ବିତ କରେ । ପ୍ରଧାନମନ୍ତ୍ରୀ ମୋଦି ଆଜି 'ଏକ୍ସ' ରେ ଏକ ପୋଷ୍ଟ ସେୟାର କରି ସେନାର ଉତ୍ସାହକୁ ପ୍ରଶଂସା କରି ଲେଖିଛନ୍ତି— "ଦେଶର ମାନ-ସମ୍ମାନର ସୁରକ୍ଷା ପାଇଁ ଭାରତୀୟ ସେନାର ଶୌର୍ଯ୍ୟ ଓ ପରାକ୍ରମ ସମସ୍ତ ଦେଶବାସୀଙ୍କୁ ଗର୍ବିତ କରେ । ମା' ଭାରତୀ ପାଇଁ ପ୍ରାଣ ଅର୍ପଣ କରିବାର ସେମାନଙ୍କର ଉତ୍ସାହ ସମସ୍ତଙ୍କୁ ପ୍ରେରିତ କରେ ।" ପ୍ରଧାନମନ୍ତ୍ରୀ ଏକ ସଂସ୍କୃତ ସୁଭାଷିତ ମଧ୍ୟ ସେୟାର କରିଥିଲେ— "ସ୍ୱଧର୍ମମପି ଚାବେକ୍ଷ୍ୟ ନ ବିକମ୍ପିତୁମର୍ହସି । ଧର୍ମ୍ୟାଦ୍ଧି ଯୁଦ୍ଧାଚ୍ଛ୍ରେୟୋଽନ୍ୟତ୍ କ୍ଷତ୍ରିୟସ୍ୟ ନ ବିଦ୍ୟତେ।" ଏହି ସୁଭାଷିତର ଅର୍ଥ ହେଲା— ନିଜ କର୍ତବ୍ୟର ବୋଧ ଥିଲେ ମନରେ କୌଣସି ଦ୍ୱିଧା କିମ୍ବା ଭୟ ରହିବା ଉଚିତ୍ ନୁହେଁ, କାରଣ ଧର୍ମ ଓ ମର୍ଯ୍ୟାଦାର ସୁରକ୍ଷା ପାଇଁ କରାଯାଇଥିବା ସଂଘର୍ଷ ହିଁ ଜଣେ ଯୋଦ୍ଧା ପାଇଁ ସର୍ବୋତମ ଏବଂ ସର୍ବାଧିକ ଗୌରବମୟ ପଥ ଅଟେ ।

# ବିଶ୍ୱ ରେଡ୍ କ୍ରସ୍ ଦିବସରେ ରେଡ୍ କ୍ରସ୍ ସ୍ୱୟଂସେବକମାନଙ୍କୁ ପ୍ରଶଂସା କଲେ ରାଜ୍ୟପାଳ



ଭୁବନେଶ୍ୱର : ଓଡିଶାର ରାଜ୍ୟପାଳ ଡ.ହରିବାବୁ କମ୍ଭମପତି ଗୁରୁବାର ବିଶ୍ୱ ରେଡ୍ କ୍ରସ୍ ଦିବସ ଅବସରରେ ରେଡ୍ କ୍ରସ୍ ସ୍ୱୟଂସେବକ ଏବଂ ମାନବିକ କାର୍ଯ୍ୟରେ ନିୟୋଜିତ କର୍ମୀମାନଙ୍କର ସମର୍ପିତ ସେବାକୁ ପ୍ରଶଂସା କରିଛନ୍ତି । ରାଜ୍ୟପାଳ ସୋସିଆଲ୍ ମିଡିଆ ପୋଷ୍ଟ ମାଧ୍ୟମରେ ମାନବତାର ସେବାରେ ନିୟୋଜିତ ସ୍ୱୟଂସେବକମାନଙ୍କର ନିଷ୍କାମ ପ୍ରୟାସ ଏବଂ ଅଟୁଟ ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଯେ, ଆବଶ୍ୟକତାରେ ଥିବା ଲୋକମାନଙ୍କୁ ଆଶ୍ୱସ୍ତ, ସେବା ଓ ସହଯୋଗ ପ୍ରଦାନ କରିବାରେ ସେମାନଙ୍କର ଅବଦାନ କରୁଣା ଓ ମାନବ ସେବାର ସତ୍ୟ ସ୍ୱରୂପକୁ ପ୍ରତିଫଳିତ କରେ । ରାଜ୍ୟପାଳ କହିଛନ୍ତି ଯେ, ଦୁର୍ଯୋଗ, ଜରୁରୀକାଳୀନ ପରିସ୍ଥିତି ଏବଂ ଅନ୍ୟାନ୍ୟ ମାନବିକ ସଙ୍କଟ ସମୟରେ ସହାୟତା ପହଂଚାଇବାରେ ରେଡ୍ କ୍ରସ୍ କର୍ମୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।








# ଆସନ୍ତାକାଲି ଦେଶରେ ବନ୍ୟା ପରିଚାଳନା, ଗ୍ରୀଷ୍ମ ପ୍ରବାହ ପ୍ରସ୍ତୁତିର ସମୀକ୍ଷା କରିବେ ଅମିତ ଶାହା



ନୂଆଦିଲ୍ଲୀ : କେନ୍ଦ୍ର ଗୃହମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ରବିବାର, ୧୦ ମଇ, ୨୦୨୬ ରେ ନୂଆଦିଲ୍ଲୀରେ ଏକ ଗୁରୁତ୍ୱପୂର୍ଣ୍ଣ ଉଚ୍ଚସ୍ତରୀୟ ବୈଠକର ଅଧ୍ୟକ୍ଷତା କରିବେ, ଯାହା ଦ୍ୱାରା ସମ୍ଭାବ୍ୟ ବନ୍ୟା ଏବଂ ଗ୍ରୀଷ୍ମ ପ୍ରବାହ ପରିସ୍ଥିତିର ମୁକାବିଲା ପାଇଁ ଦେଶର ପ୍ରସ୍ତୁତିର ବ୍ୟାପକ ସମୀକ୍ଷା କରାଯିବ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିପର୍ଯ୍ୟୟ ପରିଚାଳନା ପ୍ରତି ଭାରତ ସରକାରଙ୍କ ସକ୍ରିୟ ଏବଂ ନିର୍ଣ୍ଣାୟକ ସମଗ୍ର ସରକାର ଏବଂ ସମଗ୍ର ସମାଜ ଆଭିମୁଖ୍ୟକୁ ଦୃଷ୍ଟିରେ ରଖି ଏହି ବୈଠକ ବିଶେଷ ଗୁରୁତ୍ୱ ବହନ କରେ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ, ଗୃହ ମନ୍ତ୍ରଣାଳୟ ଗତ କିଛି ବର୍ଷ ମଧ୍ୟରେ ଦେଶର ବିପର୍ଯ୍ୟୟ ପରିଚାଳନା ଢାଂଚାକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରିଛି । ଏଥିରେ କେନ୍ଦ୍ର ଏବଂ ରାଜ୍ୟ ସରକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ଉତମ ସମନ୍ୱୟ, ଘଉଜରର ବ୍ୟାପକ ସୁଦୃଢ଼ୀକରଣ ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ 'ଶୂନ୍ୟ ଦୁର୍ଘଟଣା' ଆଭିମୁଖ୍ୟ ଉପରେ ନିରନ୍ତର ଧ୍ୟାନ ଅନ୍ତର୍ଭୁକ୍ତ । ଏହି ଉଚ୍ଚସ୍ତରୀୟ ସମୀକ୍ଷା ସକ୍ରିୟ ଶାସନ, ନାଗରିକ-କେନ୍ଦ୍ରିକ ବିପର୍ଯ୍ୟୟ ପରିଚାଳନା ଏବଂ ଏକ ବିପର୍ଯ୍ୟୟ-ପ୍ରତିରୋଧୀ ଭାରତ ଗଠନ ପ୍ରତି ମୋଦି ସରକାରଙ୍କ ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ବୈଠକ ସମୟରେ, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କେନ୍ଦ୍ର ସରକାରୀ ସଂସ୍ଥାଗୁଡ଼ିକର ପ୍ରସ୍ତୁତି, ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା, ସମ୍ବଳ ନିୟୋଜନ ଏବଂ ଆନ୍ତଃ-ଏଜେନ୍ସି ସମନ୍ୱୟ ସମୀକ୍ଷା କରିବେ, ଯାହା ଦ୍ୱାରା ଜୀବନହାନି ଏବଂ ସମ୍ପତିର ସର୍ବନିମ୍ନ କ୍ଷତି ନିଶ୍ଚିତ ହୋଇପାରିବ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅମିତ ଶାହ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ପ୍ରକଳ୍ପଗୁଡ଼ିକର ସୁରକ୍ଷା, ନଦୀ ପରିଚାଳନା ପଦକ୍ଷେପ ଏବଂ ପୂର୍ବାନୁମାନରେ ବୈଜ୍ଞାନିକ ଉନ୍ନତି ସମେତ ସାରା ଦେଶରେ ନିଆଯାଇଥିବା ଦୀର୍ଘକାଳୀନ ବନ୍ୟା ପ୍ରଶମନ ପଦକ୍ଷେପଗୁଡ଼ିକର ଅଗ୍ରଗତି ମଧ୍ୟ ସମୀକ୍ଷା କରିବେ । ସେ ଗତ ବର୍ଷର ସମୀକ୍ଷା ବୈଠକରେ ନିଆଯାଇଥିବା ନିଷ୍ପତିଗୁଡ଼ିକର କାର୍ଯ୍ୟାନ୍ୱୟନ, ଦାୟିତ୍ୱ ସୁନିଶ୍ଚିତ କରିବା ଏବଂ କାର୍ଯ୍ୟକଳାପର ତ୍ୱରାନ୍ୱିତ ସମନ୍ୱିତ କାର୍ଯ୍ୟାନ୍ୱୟନର ସମୀକ୍ଷା ମଧ୍ୟ କରିବେ । ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ବାସ୍ତବ-ସମୟ ତଥ୍ୟ ସମନ୍ୱୟ ମାଧ୍ୟମରେ ବନ୍ୟା ପୂର୍ବାନୁମାନ ଏବଂ ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥାକୁ ସୁଦୃଢ଼ କରିବା । ଏକକାଳୀନ ବିପର୍ଯ୍ୟୟ, ବିଶେଷକରି ବନ୍ୟା ଏବଂ ଗ୍ରୀଷ୍ମ ପ୍ରବାହର ଚ୍ୟାଲେଞ୍ଜର ମୁକାବିଲା ପାଇଁ ପ୍ରସ୍ତୁତିକୁ ବୃଦ୍ଧି କରିବା । ଜୀବନ ଏବଂ ସମ୍ପତିର କ୍ଷତି ରୋକିବା ପାଇଁ ସାମୁଦାୟିକ ସଚେତନତା ଏବଂ ସ୍ଥିରତା-ନିର୍ମାଣ କାର୍ଯ୍ୟକ୍ରମ । ଅତ୍ୟାବଶ୍ୟକୀୟ ରିଲିଫ୍ ସାମଗ୍ରୀ ଏବଂ ଚିକିତ୍ସା ପ୍ରସ୍ତୁତିର ପର୍ଯ୍ୟାପ୍ତ ମହଜୁଦ ସୁନିଶ୍ଚିତ କରିବା ।

# ଭାରତରେ ଏଆଇ ଭିତ୍ତିଭୂମି, ସର୍ଭର, ଡ୍ରୋନ୍ ନିର୍ମାଣରେ ନିବେଶ ସମ୍ଭାବନା ଖୋଜୁଛି ଗୁଗଲ : ରେଳ ମନ୍ତ୍ରୀ



ନୂଆଦିଲ୍ଲୀ : ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁକ୍ରବାର କହିଛନ୍ତି ଯେ, ଇଂଟରନେଟ୍ କ୍ଷେତ୍ରର ଅଗ୍ରଣୀ କମ୍ପାନୀ ଗୁଗୁଲ୍ ଭାରତରେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ (ଏଆଇ) ଇନ୍ଫ୍ରାଷ୍ଟ୍ରକ୍ଚର, ସର୍ଭର ଏବଂ ଡ୍ରୋନ୍ ନିର୍ମାଣ କ୍ଷେତ୍ରରେ ନିବେଶର ସମ୍ଭାବନା ଖୋଜୁଛି । ବୈଷ୍ଣବ ସୋସିଆଲ୍ ମିଡିଆ ମାଧ୍ୟମ 'ଏକ୍ସ'ରେ ଗୁଗୁଲ୍ର ଅଧିକାରୀମାନଙ୍କ ସହିତ ହୋଇଥିବା ତାଙ୍କର ସାକ୍ଷାତକାର ସମ୍ପର୍କରେ ସୂଚନା ସେୟାର କରି କହିଛନ୍ତି ଯେ, କମ୍ପାନୀ ଭାରତରେ ଏଆଇ ଇନ୍ଫ୍ରାଷ୍ଟ୍ରକ୍ଚରର ବିକାଶ ସହ ଇଲେକ୍ଟ୍ରୋନିକ୍ସ ମାନୁଫ୍ୟାକ୍ଚରିଂ କ୍ଷେତ୍ରରେ ମଧ୍ୟ ସୁଯୋଗର ଆକଳନ କରୁଛି । ବୈଷ୍ଣବ କହିଛନ୍ତି, "ଗୁଗୁଲ୍ ଭାରତରେ ଏଆଇ ଇନ୍ଫ୍ରାଷ୍ଟ୍ରକ୍ଚର, ସର୍ଭର ଏବଂ ଡ୍ରୋନ୍ ନିର୍ମାଣ କ୍ଷେତ୍ରରେ ନିବେଶର ସମ୍ଭାବନା ଖୋଜୁଛି ।" ବିଶେଷଜ୍ଞମାନଙ୍କ ଅନୁସାରେ, ଏହି ଦକ୍ଷେ ଦେଶରେ ଉଦୟମାନ ଏଆଇ ଇକୋସିଷ୍ଟମ୍ ଏବଂ ଇଲେକ୍ଟ୍ରୋନିକ୍ସ ମାନୁଫ୍ୟାକ୍ଚରିଂକୁ ପ୍ରୋତ୍ସାହନ ଦେବା ଦିଗରେ ଗୁରୁତ୍ୱପୂର୍ଣ୍ଣ ବୋଲି ମନାଯାଉଛି । ଏହି ଘୋଷଣା ଏମିତି ଏକ ସମୟରେ ହୋଇଛି, ଯେତେବେଳେ ଏହି ବର୍ଷ ଏପ୍ରିଲ୍ ମାସରେ ଗୁଗୁଲ୍ ବିଶାଖାପଟ୍ଟଣମରେ ନିଜର ୧୫ ଅରବ ଡଲାରର ଏଆଇ ହବ୍ର ଶିଳାନ୍ୟାସ କରିଥିଲା ।

# ଭାରତର ପ୍ରଥମ ସ୍ୱଦେଶୀ ଗ୍ଲାଇଡ୍ ଅସ୍ତ୍ର 'ତାରା'ର ସଫଳ ପରୀକ୍ଷଣ



ଚାନ୍ଦିପୁର/ଭୁବନେଶ୍ୱର: ଭାରତୀୟ ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଂଗଠନ (DRDO) ଏବଂ ଭାରତୀୟ ବାୟୁସେନା (IAF) ମିଳିତ ଭାବେ ଓଡ଼ିଶା ଉପକୂଳରେ 'ଟାକ୍ଟିକାଲ୍ ଆଡଭାନ୍ସଡ୍ ରେଞ୍ଜ୍ ଅଗମେଂଟେସନ୍' ବା 'ତାରା' (TARA) ନାମକ ଏକ ସ୍ୱଦେଶୀ ଗ୍ଲାଇଡ୍ ଅସ୍ତ୍ରର ସଫଳ ପରୀକ୍ଷଣ କରିଛନ୍ତି । ଏହା ଭାରତର ପ୍ରଥମ ସ୍ୱଦେଶୀ ମଡ୍ୟୁଲାର୍ ଗ୍ଲାଇଡ୍ ୱେପନ୍ ସିଷ୍ଟମ୍, ଯାହା ସାଧାରଣ ବୋମାକୁ ଅତି ସଠିକ୍ ଭାବେ ଲକ୍ଷ୍ୟଭେଦ କରିପାରୁଥିବା ସ୍ମାର୍ଟ ଅସ୍ତ୍ରରେ ପରିଣତ କରିପାରିବ । ବାୟୁସେନାର ଏକ ଯୁଦ୍ଧ ବିମାନରୁ (ଜାଗୁଆର) ଏହି ଅସ୍ତ୍ରକୁ ପରୀକ୍ଷାମୂଳକ ଭାବେ ନିକ୍ଷେପ କରାଯାଇଥିଲା । ଏହା ନିଜର ଲକ୍ଷ୍ୟକୁ ଅତି ସଠିକ୍ ଭାବେ ଭେଦ କରିବାରେ ସଫଳ ହୋଇଛି । ଏହା ଏକ ପ୍ରକାରର 'ରେଞ୍ଜ୍ ଏକ୍ସଟେନସନ୍ କିଟ୍' । ଏହାକୁ ସାଧାରଣ ଅଣ-ନିର୍ଦ୍ଦେଶିତ (un-guided) ବୋମା ସହ ଯୋଡ଼ି ଦେଲେ, ସେହି ବୋମାଟି ଏକ ଗାଇଡେଡ୍ ମିସାଇଲ୍ ଭଳି ଦୂରରୁ ଶତ୍ରୁର ଶିବିରକୁ ଖୋଜି ବାହାର କରି ଧ୍ୱଂସ କରିପାରିବ । ଏହି ପ୍ରଯୁକ୍ତିବିଦ୍ୟା ଦ୍ୱାରା ପାଇଲଟ୍ମାନେ ଶତ୍ରୁପକ୍ଷର ରାଡାର୍ ବଳୟ ବାହାରେ ରହି ବୋମା ନିକ୍ଷେପ କରିପାରିବେ, ଯାହା ଫଳରେ ଯୁଦ୍ଧ ବିମାନ ଏବଂ ପାଇଲଟ୍ଙ୍କ ସୁରକ୍ଷା ବୃଦ୍ଧି ପାଇବ । ହାଇଦ୍ରାବାଦ ସ୍ଥିତ ରିସର୍ଚ୍ଚ ସେଂଟର ଇମାରତ୍ (RCI) ଏବଂ ଉଜଡଙ୍ଗ ର ଅନ୍ୟାନ୍ୟ ଲାବୋରେଟୋରୀ ଦ୍ୱାରା ଏହାକୁ ବିକଶିତ କରାଯାଇଛି । ଏହା 'ଆତ୍ମନିର୍ଭର ଭାରତ' ଅଭିଯାନରେ ଏକ ବଡ଼ ମାଇଲଖୁଂଟ । ଏହି ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉଜଡଙ୍ଗ ଏବଂ ଭାରତୀୟ ବାୟୁସେନାର ବୈଜ୍ଞାନିକ ଓ କର୍ମକର୍ତାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସ୍ୱଳ୍ପ ବ୍ୟୟରେ ନିର୍ମିତ ଏହି ଅସ୍ତ୍ର ଭାରତର ପ୍ରତିରକ୍ଷା କ୍ଷମତାକୁ ଆଗାମୀ ଦିନରେ ଆହୁରି ସୁଦୃଢ଼ କରିବ ।

# ଆଭାସି ମାଧ୍ୟମରେ ମୟୂରଭଞ୍ଜର ନୂତନ ଟିପିଏନଓଡିଏଲ ସବଷ୍ଟେସନକୁ ଉଦ୍‌ଘାଟନ କଲେ ଉପ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଗ୍ରାମୀଣ ବିଦ୍ୟୁତକରଣ ବ୍ୟବସ୍ଥାକୁ ସଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନଓଡିଏଲ) ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର ଦେଉଳି ଠାରେ ଏକ ନୂତନ ୩୩/୧୧ କେଭି ୧୦ ଏମଭିଏ ପ୍ରାଥମିକ ସବଷ୍ଟେସନ କାର୍ଯ୍ୟକ୍ଷମ କରାଯାଇଛି । ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଭାସି ମାଧ୍ୟମରେ ଏହି ସବଷ୍ଟେସନର ଉଦଘାଟନ କରିଛନ୍ତି, ଯାହା ଅଂଚଳର ଭିତିଭୂମି ବିକାଶ କ୍ଷେତ୍ରରେ ଏକ ମାଇଲଖୁଂଟ ସାବ୍ୟସ୍ତ ହୋଇଛି । ଏହି ନୂତନ ସବଷ୍ଟେସନ ଦ୍ୱାରା ୬ଟି ପଂଚାୟତ ଯଥା ଚୁହାଟା, କାନିମହୁଲି, ନୂଆଗାଁ, ଝାଲିଆମରା, ଆଳକୁଦା ଏବଂ ଦେଉଳିର ୧୫,୦୦୦ରୁ ଅଧିକ ପରିବାର ଉପକୃତ ହେବେ । ସ୍ଥାନୀୟ ବାସିନ୍ଦା ଭୋଲଟେଜ୍ ଗୁଣବତାରେ ଉନ୍ନତି, ଘରୋଇ ଏବଂ କୃଷି କାର୍ଯ୍ୟ ପାଇଁ ସ୍ଥିର ବିଦ୍ୟୁତ ସେବା, ବାରମ୍ବାର ବିଦ୍ୟୁତ କାଟ୍ ସମସ୍ୟାରୁ ମୁକ୍ତି ପାଇବେ । ଉଦଘାଟନୀ ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ, ଏହି ସବଷ୍ଟେସନ କେବଳ ବିଦ୍ୟୁତ ବ୍ୟବସ୍ଥାକୁ ସଦୃଢ଼ କରିବ ନାହିଁ, ବରଂ ପରିବାରଗୁଡ଼ିକୁ ସ୍ଥାୟୀ ଶକ୍ତି ସମାଧାନ ଆପଣେଇବାରେ ସାହାଯ୍ୟ କରିବ । ମୁଁ ଉପଭୋକ୍ତାମାନଙ୍କୁ ପିଏମ୍ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାର ସୁଯୋଗ ନେଇ ବିଦ୍ୟୁତ ଖର୍ଚ୍ଚ କମାଇବା ସହ ସ୍ୱଚ୍ଛ ଶକ୍ତିକୁ ପ୍ରୋତ୍ସାହିତ କରିବାକୁ ଅନୁରୋଧ କରୁଛି । ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ନିରନ୍ତର ବିଦ୍ୟୁତ ସେବା ଗ୍ରାମୀଣ ବିକାଶର ମେରୁଦଣ୍ଡ ଏବଂ ଏହା ମୟୂରଭଞ୍ଜର ଲୋକମାନଙ୍କ ଜୀବନଶୈଳୀରେ ସକାରାତ୍ମକ ପରିବର୍ତନ ଆଣିବ ।

# ଅପରାଧ ରୋକିବା ପାଇଁ ଆମକୁ ଆହୁରି ଯତ୍ନବାନ ହେବାକୁ ପଡ଼ିବ: ମନ୍ତ୍ରୀ

ଭୁବନେଶ୍ୱର : ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଥାନା ଅଧୀନ ରାମଚନ୍ଦ୍ରପୁର ବ୍ରିଜ୍ ନିକଟରେ ଗତକାଲି ଅପରାହ୍ଣରେ ଜିଆରପିରେ କାର୍ଯ୍ୟରତ



ସୌମ୍ୟରଂଜନ ସ୍ୱାଇଁଙ୍କୁ ଅତି ଅମାନୁଷିକ ଭାବେ ଭିଡ଼ ହିଂସା ଦ୍ୱାରା ମାରି ଦିଆଯିବା ଘଟଣା ନେଇ ରାଜ୍ୟର ଗାଁରୁ ସହର ପର୍ଯ୍ୟନ୍ତ ଚର୍ଚ୍ଚା ଧରିଛି । ଏହି ଖବର ଏବେ ଜାତୀୟ ଗଣମଧ୍ୟମରେ ମଧ୍ୟ ପ୍ରସଙ୍ଗ ପାଲଟିଛି । ଏହି ଘଟଣା ସହିତ ସଂପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଛନ୍ତି । ମାମଲା ସହିତ ଜଡ଼ିତ ୫ଜଣ ଅଭିଯୁକ୍ତ ଗିରଫ ହୋଇ ଜେଲ୍ ଯାଇଥିବା ବେଳେ ଅନ୍ୟମାନଙ୍କୁ ଗିରଫ ପାଇଁ ପୁଲିସ ଛାନ୍‌ଭିନ୍ ଜାରି ରଖିଛି । ଏହି ଘଟଣା ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ଦେଇଛନ୍ତି । ଶ୍ରୀ ପୂଜାରୀ କହିଛନ୍ତି, ଆଇନକୁ ହାତକୁ ନେବା ଉଚିତ୍ ନୁହେଁ । ସରକାରରେ ଯେଉଁମାନେ ଅଛନ୍ତି ସେମାନଙ୍କ ମୂଳ କାମ ରାଜଧର୍ମ ପାଳନ କରିବା । ଅପରାଧୀ ବର୍ତିବା ଉଚିତ୍ ନୁହେଁ । ଅପରାଧ ପ୍ରବଣତା ରୋକିବା ପାଇଁ ଆମକୁ ଆହୁରି ଯତ୍ନବାନ ହେବାକୁ ପଡ଼ିବ । ଅପରାଧୀଙ୍କ ବିରୋଧରେ ଆମେ ସଫଳତାର ସହ କାର୍ଯ୍ୟାନୁଷ୍ଠାନ ନେଇଛୁ । ଆଇନ୍‌କୁ ହାତକୁ ନେବା ଭଳି ଘଟଣା ଯେପରି ନଘଟିବ ସେଥିପାଇଁ ସଚେତନତାର ଜରୁରୀ ଅଛି । ମନ୍ତ୍ରୀ କହିଛନ୍ତି, ଅପରାଧିକ ଭିତରେ ଭୟ ରହୁ ନାହିଁ । ତେଣୁ ସେମାନଙ୍କର ପ୍ରତି ଭୟ ସଂଚାର କରାଯିବା ଉଚିତ । ଅପରାଧ କମାଇବାକୁ ହେଲେ ପୁଲିସ୍ ବିଭାଗରେ କର୍ମଚାରୀ ସଂଖ୍ୟା ବଢ଼ିବା ଦରକାର ।


# ବାଲେଶ୍ୱର ମହିଳା କଲେଜ ପରିସରରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର






ବାଲେଶ୍ୱର : ବାଲେଶ୍ୱର ମହିଳା କଲେଜ ପରିସରରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଯୁବ ରେଡ୍ କ୍ରସ ଏବଂ ଜାତୀୟ ସ୍ୱେଚ୍ଛା ସେବା ପକ୍ଷରୁ ଆୟୋଜିତ ହୋଇଥିଲା । ଗୋପାଳ ଗାଁ ସ୍ଥିତ ଏଡ୍ ଲାଇଫ ଫିଜିଓଥେରାପି ସେଂଟରର ନିର୍ଦ୍ଦେଶକ ଡ଼. ଜ୍ୟୋତିର୍ମୟ ଚୌଧୁରୀ ଙ୍କ ସହଯୋଗରେ ଏବଂ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ଼ ଉମାକାନ୍ତ ନାୟକଙ୍କ ସହପତିତ୍ୱରେ ଏହା ଉଦଘାଟିତ ହୋଇଥିଲା । ଏହି ଶିବିରରେ ୧୦୦ ଜଣ ଛାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା (ହିମୋଗ୍ଲୋବିନ୍) ସଫଳତାର ସହିତ ହୋଇଥିଲା । ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗରେ ଶିବିରଟି ସମ୍ପୂର୍ଣ୍ଣ ହୋଇଥିଲା ।

# ଗ୍ୟାସ, କ୍ଷୀର ପରେ ଆଳୁ ଦର ୩ ଟଙ୍କା ବୃଦ୍ଧି



ଭୁବନେଶ୍ୱର : ପଶ୍ଚିମବଙ୍ଗ ନିର୍ବାଚନ ପରେ ଓଡିଶାରେ ଆଳୁ ଦର ୩ ଟଙ୍କା ବୃଦ୍ଧି ପାଇଛି । ହୋଲସେଲ ଦର ବୃଦ୍ଧି ପାଇଥିବା ବେଳେ ଖୁଚୁରା ବଜାରରେ ଆଜି ଆଳୁ ୧୩ରୁ ୧୫ ଟଙ୍କାରେ ବିକ୍ରି ହୋଉଛି । ଲଗାତାର ଗ୍ୟାସ୍, କ୍ଷୀର ପରେ ଆଳୁ ଦର ବୃଦ୍ଧି ସିଧାସଳଖ ଖାଉଟିଙ୍କ ପକେଟକୁ ମାଡ କରିଛି । ଭୁବନେଶ୍ୱର ସବୁଠୁ ବଡ କୁବେରପୁର ଆଳୁଗୋଦାମରେ ପୂର୍ବରୁ ପ୍ୟାକେଟ୍ ପିଛା ୩୫୦ ଟଙ୍କା (୫୦ କିଗ୍ରାକୁ ) ବିକ୍ରି କରାଯାଉଥିଲାଲା । ହାରାହାରି ଆଳୁ ଦର କିଗ୍ରା ୭ ଟଙ୍କା ରହିଥିଲା । । ହେଲେ ନୂଆ ଆଳୁ ଏବେ ୫୦୦ରୁ ୫୫୦ ଟଙ୍କାରେ ବିକ୍ରି ଆରମ୍ଭ ହୋଇଛି । ଏହି ହିସାବକୁ ଦେଖିଲେ କିଗ୍ରା ୧୦ରୁ ୧୧ ଟଙ୍କା ପଡୁଛି । ଖୁଚୁରା ବଜାରରେ ଆଳୁ ଦର କିନ୍ତୁ ୧୫ ଟଙ୍କା ଡେଇଁଛି । ୟୁନିଟ୍-୧ ମାର୍କେଟରେ ଆଜି ଆଳୁ ଦର ୧୩ ଟଙ୍କାରେ ବିକ୍ରି ହୋଇଛି । ସେହିପରି ଅନ୍ୟ ମାର୍କେଟରେ ଆଳୁ ୧୫ ଟଙ୍କା ପାର କରିଛି । କୁବେରପୁର ଆଳୁ ବ୍ୟବସାୟୀ ସଂଘ ସମ୍ପାଦକ ଶକ୍ତିଶଙ୍କର ମିଶ୍ର କହିଛନ୍ତି ଯେ, ପଶ୍ଚିମବଙ୍ଗରେ କ୍ଷେତରୁ ଚାଷୀ ଆଳୁ ପଠାଉଥିଲେ । ଏବେ ଚାଷୀ ଆଳୁ ସରିଛି । ବର୍ତମାନ ଷ୍ଟୋର ଆଳୁ ବାହାରଛି । ଷ୍ଟୋର ଆଳୁରୁ ପ୍ୟାକେଟରୁ ୩ ପ୍ରତିଶତ ଖରାପ ଆଳୁ ଏହା ବାହାରି ଗଲେ ଦର ନଶ୍ଚିତ ଭାବେ ବୃଦ୍ଧି ପାଇବ । ଆଳୁ ଦର ସାଙ୍ଗେ ସାଙ୍ଗେ ପିଆଜ ଓ ରସୁଣ ଦର ମଧ୍ୟ ସାମନ୍ୟ ବୃଦ୍ଧି ପାଇଛି । ପିଆଜ୍ ଏବେ କିଗ୍ରା ୩୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ରସୁଣ କିଗ୍ରା ୨୫୦ ଟଙ୍କା ଖୁଚୁରା ଦରରେ ବିକ୍ରି କରାଯାଉଛି । ଆଳୁ ଦର ବଢିଥିବା ବେଳେ କଳାବଜାରୀ ଆରମ୍ଭ ହୋଇଛି । ମାର୍କେଟରେ ପୁରୁଣା ଆଳୁ ଷ୍ଟକ ରଖାଯାଉଛି । ଫଳରେ ଆଳୁ ଏବେ କୃତ୍ରୀମ ଅଭାବ ଦେଖାଦେଇଛି । ଏହା ସହ ଆଳୁ ବିକ୍ରି ସମୟରେ ଦୋକାନୀ ମାନେ ଚାର୍ଟ ତାଲିକା ମାରୁନାହାନ୍ତି ।

# ଆଇପିଏଲ-୨୦୨୬ : ଦିଲ୍ଲୀକୁ ୧୪୨ ରନ୍‌ରେ ଟାର୍ଗେଟ ଦେଲା କୋଲକାତା ନାଇଟ୍ ରାଇଡର୍ସ



ନୂଆଦିଲ୍ଲୀ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୫୧ତମ ମୁକାବିଲାରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ କୋଲକାତା ନାଇଟ୍ ରାଇଡର୍ସ ମୁହାଁମୁହିଁ ହୋଇଛନ୍ତି । ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯାଉଥିବା ଏହି ମୁକାବିଲାରେ କୋଲକାତା ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ଆଜିଙ୍କ୍ୟ ରହାଣେଙ୍କ ନେତୃତ୍ୱରେ କୋଲକାତା ସଫଳ ବୋଲିଂ ରଣନୀତି କରିଥିଲା । ଫଳେ ଦିଲ୍ଲୀ ନିଜର ପଡ଼ିଆରେ ନିର୍ଦ୍ଧାରିତ ୨୦ ଓଭରରେ ୮ଟି ୱିକେଟ୍ ହରାଇ ୧୪୨ ରନ୍ କରିଛି । କୋଲକାତାକୁ ଏହି ମ୍ୟାଚ୍ ଜିତିବା ପାଇଁ ୧୪୩ ରନ୍‌ର ଲକ୍ଷ୍ୟ ମିଳିଛି ।

# ଟିମ୍ ଇଣ୍ଡିଆକୁ କୋଚିଂ ଦେବେ ସାଇରାଜ ବାହୁତୁଲେ



ନୂଆଦିଲ୍ଲୀ : ଆଇପିଏଲ ୨୦୨୬ ସିଜିନ୍ ଶେଷ ହେବା ସହିତ, ଭାରତୀୟ କ୍ରିକେଟ୍ ଦଳ ପୁଣି ଥରେ ଅନ୍ତର୍ଜାତୀୟ କ୍ରିକେଟରେ ସକ୍ରିୟ ହେବ । ଏଥର ଟିମ୍ ଇଣ୍ଡିଆ ମଇଦାନକୁ ଓହ୍ଲାଇବ, କିଛି ନୂଆ ମୁହଁ ଦେଖିବାକୁ ମିଳିପାରେ । ଏକ ରିପୋର୍ଟରେ ଦାବି କରାଯାଇଛି ଯେ, ଟିମ୍ ଇଣ୍ଡିଆର ଟି-ଟ୍ୱେଂଟି ଅଧିନାୟକତ୍ୱରେ ପରିବର୍ତନ ହୋଇପାରେ । ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନରେ ଶ୍ରେୟସ ଆୟରଙ୍କୁ ନିଆଯାଇପାରେ । ଏହା ଏକମାତ୍ର ପରିବର୍ତନ ନୁହେଁ; ପ୍ରଶିକ୍ଷକ ଦଳରେ ମଧ୍ୟ କିଛି ନୂତନ ଚେହେରା ଦେଖିବାକୁ ମିଳିପାରେ । ରିପୋର୍ଟ ଅନୁଯାୟୀ, ଟିମ୍ ଇଣ୍ଡିଆକୁ ଜଣେ ନୂଆ ପ୍ରଶିକ୍ଷକ ମିଳିବାକୁ ଯାଉଛି । ହେଡ୍ କୋଚ୍ ଗୌତମ ଗମ୍ଭୀର ବୋଲିଂ କୋଚ୍ ପାଇଁ ସାଇରାଜ ବାହୁତୁଲେଙ୍କ ନାମ ବିସିସିଆଇକୁ ସୁପାରିଶ୍ କରିଛନ୍ତି । କ୍ରିକବଜ୍ ରିପୋର୍ଟରୁ ଜଣାପଡିଛି ଯେ, ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଖୁବ୍ ଶୀଘ୍ର ପୂର୍ବତନ ସ୍ପିନର ସାଇରାଜ ବାହୁତୁଲେଙ୍କୁ ଟିମ୍ ଇଣ୍ଡିଆର ପ୍ରଶିକ୍ଷକ ଦଳରେ ସାମିଲ କରିବ । ପୂର୍ବତନ ଟିମ୍ ଇଣ୍ଡିଆ ଏବଂ ମୁମ୍ବାଇ କ୍ରିକେଟ୍ ଦଳର ସ୍ପିନର ବାହୁତୁଲେଙ୍କୁ ଭାରତୀୟ ଦଳର ସ୍ପିନ୍ ବୋଲିଂ ପ୍ରଶିକ୍ଷକ ଭାବରେ ସାମିଲ କରିବା ପାଇଁ ପ୍ରସ୍ତୁତି ଚାଲିଛି । ବୋର୍ଡ ପୂର୍ବରୁ ବହୁତୁଲେଙ୍କ ସହ ଏ ବିଷୟରେ ଆଲୋଚନା କରିସାରିଛି । ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ମଧ୍ୟ ତାଙ୍କ ସହିତ ଆଲୋଚନା କରିଛନ୍ତି, ଯାହା ଫଳରେ ତାଙ୍କ ନିଯୁକ୍ତି ଉପରେ ସର୍ବସମ୍ମତି ହୋଇଛି । ସାଇରାଜ ବର୍ତମାନ IPL ୨୦୨୬ ପାଇଁ ପଞ୍ଜାବ କିଙ୍ଗସ ସହିତ ସ୍ପିନ୍ ବୋଲିଂ ପ୍ରଶିକ୍ଷକ ଭାବରେ ଜଡିତ । ଗୌତମ ଗମ୍ଭୀର ସ୍ପିନ୍ ପ୍ରଶିକ୍ଷକ ଭାବରେ ତାଙ୍କ କାର୍ଯ୍ୟରେ ବହୁତ ପ୍ରଭାବିତ । ସେ ପୂର୍ବରୁ ରାଜସ୍ଥାନ ରୟାଲ୍ସର ଅଂଶ ଥିଲେ ଏବଂ ଜାତୀୟ କ୍ରିକେଟ୍ ଏକାଡେମୀରେ ସ୍ପିନ୍ ବୋଲିଂ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରିବା ସମୟରେ, ବିଭିନ୍ନ ସିରିଜରେ ତାଙ୍କୁ ଅନେକ ଥର ଟିମ୍ ଇଣ୍ଡିଆ ସହିତ ଦେଖାଯାଇଛି ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,

Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି

BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**